## ସାମ୍ବାଦିକ/ଏଜେଣ୍ଟ ଆବଶ୍ୟକ

ରାଜ୍ୟର ସମସ୍ତ ଜିଲ୍ଲା ତଥା ବ୍ଲକରେ ସାମ୍ବାଦିକ/ ଏଜେଣ୍ଟ ଆବଶ୍ୟକ । ଯେଉଁ ବ୍ୟକ୍ତିମାନେ ନିଷ୍କର୍ଷରେ କାମ କରିବାକୁ ଚାହୁଁଥାନ୍ତି ତେବେ ତୁରନ୍ତ ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ
ନିଷ୍କର୍ଷ ମିଡ଼ିଆ ଏଣ୍ଟରଟେଷ୍ଟମେଣ୍ଟ ଆଣ୍ଡ ପବ୍ଲିକେଶନ
NISHKARSHA MEDIA ENTERTAINMENT & PUBLICATION
ମୋବାଇଲ ନମ୍ବର:9937619039/ 8895134289
nishkarsha.editor@gmail.com



# ନିଷ୍କର୍ଷ
NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 03 ♦ ISSUE-24 ♦ CUTTACK ♦ WEEKLY ♦ 13 TO 19 - JUNE- 2022 ♦ 8 PAGE ♦ RATE- 5/- ■ ବର୍ଷ - ୦୩ ♦ ସଂଖ୍ୟା -୨୪ ♦ କଟକ♦ ସାପ୍ତାହିକ ♦ ୧୩ ରୁ ୧୯ ଜୁନ ୨୦୨୨ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


# ଘୋର ଲଜ୍ୟା !

## ଟିକେଟ୍ ନଥିବାରୁ ମହିଳାଙ୍କୁ ବଳାତ୍କାର କଲେ ଟିସି




**ଭୋପାଳ (ଏଜେନ୍ସି) :** ଦେଶରେ ସ୍ୱାଧୀନତାର ୭୫ ବର୍ଷର ପୂର୍ତ୍ତି ପାଳନ କରୁଥିବାବେଳେ ଆଜିବି ନାରୀ ସୁରକ୍ଷିତ ନଥିବା ଦେଖିବାକୁ ମିଳିଛି । ନାରୀମାନଙ୍କୁ ଆଜିବି ଭୋଗ୍ୟବସ୍ତୁ ଭାବେ ବ୍ୟବହାର କରାଯାଉଥିବା ଭଳି ସଂଗୀନ ଅପରାଧ ଦୂର ହୋଇ ନାହିଁ । ଏହା ସମଗ୍ର ଦେଶ ପାଇଁ ଘୋର ଲଜ୍ୟାର ବିଷୟ ପାଲଟିଛି । ତେବେ ଜଣେ ମହିଳା ଯାତ୍ରୀଙ୍କୁ ଟିକେଟ କଲେକ୍ଟର ବଳାତ୍କାର କରିବା ଘଟଣା ସମ୍ପୂର୍ଣ୍ଣ ରେଳବାଇ ବିଭାଗ ଉପରୁ ଜନସାଧାରଣ ଭରଷା ତୁଟାଇ ଦେଇଥିବା ବେଳେ ସମଗ୍ର ପୁରୁଷ ଜାତି ଅପମାନିତ ହୋଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି । ତେବେ ଏଭଳି ଲୋମଟାଙ୍କୁରା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଆଲୋଚନା ହେଉଛି । ତେଣୁ ଉକ୍ତ ଅଭିଯୁକ୍ତକୁ ଏଭଳି ଦଣ୍ଡ ବିଧାନର ଆବଶ୍ୟକତା ରହିଛି ଯାହା ଆଗାମୀ ୧ଶହ ବର୍ଷ ପର୍ଯ୍ୟନ୍ତ ଏକ ଦୃଷ୍ଟାନ୍ତ ହୋଇ ରହିବ ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ମଧ୍ୟପ୍ରଦେଶ ସାଗର ରେଳଷ୍ଟେସନରେ । ବିନା ଟିକେଟରେ ଟ୍ରେନରେ ଯାତ୍ରା କରୁଥିବା ଜଣେ ମହିଳାଙ୍କୁ ଟିସି ଦୁଷ୍କର୍ମ କରିଛନ୍ତି । ପୁଲିସ ଅଭିଯୁକ୍ତକୁ ଗିରଫ କରି ଜିଆରପିଙ୍କୁ ହସ୍ତାନ୍ତର କରିଛି । ପୁଲିସ ଅନୁଯାୟୀ ଶନିବାର ମହିଳା ନିଜ ପତିଙ୍କ ସହ ଗୁନାରୁ ସାଗର ଯାତ୍ରା କରୁଥିଲେ । ପତ୍ନୀକୁ ଟ୍ରେନ୍ରେ ବସାଇ ପତି ଟିକେଟ୍ ନେବାକୁ ଯାଇଥିଲେ । ଏହି ସମୟରେ ଟ୍ରେନ୍ ଛାଡିଦେବାରୁ ପତି ଷ୍ଟେସନରେ ରହି ଯାଇଥିଲେ । ମହିଳା ରାତି ୮ଟାରେ ସାଗରରେ ପହଞ୍ଚିଥିଲେ । ପ୍ଲାଟଫର୍ମରୁ ବାହାରିବା

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ରଥଯାତ୍ରା ପାଇଁ ଚାଲିବ ୧୦୦ଟି ସ୍ୱତନ୍ତ୍ର ବସ୍



**କଟକ(ଏନ୍.ଏମ୍.) :** ଆସନ୍ତା ଜୁଲାଇ ୧ତାରିଖ ପୁରୀ ରଥଯାତ୍ରା ପାଇଁ କଟକ, ଭୁବନେଶ୍ୱର, ପୁରୀ ମଧ୍ୟରେ ନିୟମିତ ବସ୍ ବ୍ୟତୀତ ପାଖାପାଖି ୧୦୦ଟି ସ୍ୱତନ୍ତ୍ର ବସ ଚଳାଚଳ କରିବ । ଘରୋଇ ବସ୍ ମାଲିକ ସଂଘ-ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ସ୍ୱତନ୍ତ୍ର ବସସେବା ରଥଯାତ୍ରା ପୂର୍ବଦିନ (ଜୁନ୍ ୩୦ ତାରିଖ), ରଥଯାତ୍ରା ଦିନ (ଜୁଲାଇ ୧ତାରିଖ), ରଥଯାତ୍ରା ପରଦିନ (ଜୁଲାଇ ୨ତାରିଖ), ବାହୁଡା ପୂର୍ବଦିନ (ଜୁଲାଇ ୮ତାରିଖ), ବାହୁଡ଼ା ଦିନ (ଜୁଲାଇ ୯ତାରିଖ), ସୁନାବେଶ (ଜୁଲାଇ ୧୦), ସୁନାବେଶ ପରଦିନ (ଜୁଲାଇ ୧୧) ଏହିପରି ୭ଦିନ ଧରି ଦିନରାତି ଉପଲବ୍ଧ ହେବ । ସମସ୍ତ ବସ୍ ପୁରୀର ତାଳବଣିଆ ଠାରେ ରହିବ । ଯାତ୍ରୀଙ୍କ ସୁବିଧା ପାଇଁ କଟକ, ପୁରୀ ଓ ଭୁବନେଶ୍ୱରରେ ସୂଚନା କେନ୍ଦ୍ର ଖୋଲାଯିବ । ବୈଠକରେ ରାଜ୍ୟ ଘରୋଇ ମାଲିକ ସଂଘ ସାଧାରଣ ସଂପାଦକ ଦେବେନ୍ଦ୍ରନାଥ ସାହୁ, ସଭାପତି ଲୋକନାଥ ପାଣି, କଟକ ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀଙ୍କ ସମେତ ଆରଟିଓ କଟକ, ଆରଟିଓ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଜୁନ୍ ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତ



**ଭୁବନେଶ୍ୱର(ଏନ୍.ଏମ୍.) :** ଚଳିତ ମାସ ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଦଫାରେ ସେ ରୋମ୍ରେ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ(ଡବ୍ଲ୍ୟୁଏଫ୍ପି) ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ କୃଷି, ଖାଦ୍ୟ ନିରାପତ୍ତା ଏବଂ ବିପର୍ଯ୍ୟୟ ପ୍ରଶମନର ରୂପାନ୍ତରଣ କ୍ଷେତ୍ରରେ ଓଡ଼ିଶାର ଉଦ୍ୟମ, ସାମର୍ଥ୍ୟ ଓ ସଫଳତା ଅନ୍ୟମାନଙ୍କ ପାଇଁ କିଭଳି ଅନୁକରଣୀୟ ହୋଇପାରିଛି, ସେ ସମ୍ପର୍କରେ ନିଜର ଅନୁଭୂତି ଓ ଉପଲବ୍ଧି ଅବତାରଣା କରିବେ । ରୋମ୍ରେ ଥିବା ପ୍ରବାସୀ ଓଡ଼ିଆ ସଂଘ ସହିତ ମୁଖ୍ୟମନ୍ତ୍ରୀ ଭାବବିନିମୟ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ଏତଦ୍ବ୍ୟତୀତ ମୁଖ୍ୟମନ୍ତ୍ରୀ ଭାଟିକାନ୍ ସିଟି ଯାଇ ପୋପ୍ଙ୍କୁ ସାକ୍ଷାତ କରିବାର ମଧ୍ୟ ସମ୍ଭାବନା ରହିଛି । ବିଦେଶ ଗସ୍ତର ଶେଷ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଦୁବାଇରେ ପହଞ୍ଚିବେ । ସେଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ନିବେଶକ ସମ୍ମିଳନୀକୁ ସମ୍ବୋଧିତ କରିବା ସହ ଦୁବାଇରେ ଅବସ୍ଥାନ କରୁଥିବା ଓଡ଼ିଆ ସଂଗଠନର ସଦସ୍ୟଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି । ଦୀର୍ଘ ଏକ ଦଶନ୍ଧି ପରେ ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତରେ ଯିବେ । ଶେଷଥର ପାଇଁ ସେ ୨୦୧୨ରେ ବ୍ରିଟେନ ଗସ୍ତ କରିଥିଲେ ।

## ଓଡ଼ିଆ ପୁଅର କୃତିତ୍ୱ : ଆଫ୍ରିକାର କିଲିମାଞ୍ଜାର ପର୍ବତ ଶୃଙ୍ଗରେ ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ଫଟୋଚିତ୍ର ପ୍ରଦର୍ଶନ କଲେ ଚିନ୍ମୟ




**କୋଣାର୍କ/ପୁରୀ(ଏନ୍.ଏମ୍.):** ସାରା ବିଶ୍ୱରେ ଏବେ ନିଜର ପରିଚୟ ସୃଷ୍ଟିକରିବାରେ ଲାଗିଛି ଓଡ଼ିଆ ପୁଅ । ବିଦେଶରେ ବାଣିଜ୍ୟ କାରବାର କ୍ଷେତ୍ରରେ ନୌବାଣିଜ୍ୟକୁ ନେଇ ଏହି ଓଡ଼ିଆ ବିଶ୍ୱ ଦରବାରରେ ନିଜର ପରିଚୟ ସୃଷ୍ଟି କରି ଏକ ସ୍ୱତନ୍ତ୍ର ଇତିହାସ ରଚିଥିବାବେଳେ ଏବେ ଗୋଟିଏ ପରେ ଗୋଟିଏ ଓଡ଼ିଆ ପୁଅ ନିଜର ସ୍ଥିତିକୁ ଜାହିର କରିଛି ସାରା ବିଶ୍ୱରେ । ସେମାନଙ୍କ ଅକ୍ଲାନ୍ତ ପରିଶ୍ରମର ଫଳ ଆଜି ଓଡ଼ିଶା ମାଟିକୁ ଗୌରବାନ୍ୱିତ କରି ପାରିଛି । ନିକଟ ଅତୀତରେ ବହୁ ଓଡ଼ିଆ ନିଜର ପରାକାଷ୍ଠା ବଳରେ ସ୍ଥିତି ବଜାୟ ରଖିଥିବାବେଳେ ପୁଣି ଏବେ ପୁରୀ ରଘୁରାଜପୁରର ଓଡ଼ିଆ ପୁଅ ସାଉଥ ଆଫ୍ରିକାର କିଲିମାଞ୍ଜା ପର୍ବତ ଶୃଙ୍ଗରେ ଓଡ଼ିଶାର ଆରାଧ୍ୟ ଦେବତା ତଥା ସାରା ବିଶ୍ୱବନ୍ଦନୀୟ ପ୍ରଭୁ ଜଗନ୍ନାଥଙ୍କ ନାଗାର୍ଜୁନ ବେଶର ଫଟୋ ଲଗାଇ ଆଉ ଏକ ଇତିହାସ ସୃଷ୍ଟି କରିଛନ୍ତି । ଯାହା ଆମ୍ଭ ସମସ୍ତ ଓଡ଼ିଆଙ୍କ ମାନ ଆଉ ଗୌରବ ପାଲଟି ଯାଇଛନ୍ତି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ରଘୁରାଜପୁର ଗ୍ରାମର ଯୁବ ପର୍ବାତାରୋହୀ ଚିନ୍ମୟ ମହାରଣା ସାଉଥ୍ ଆଫ୍ରିକାର କିଲିମାଞ୍ଜାର ପର୍ବତ ଶୃଙ୍ଗ ଆରୋହଣ କରି ମହାପ୍ରଭୁ ଜଗନ୍ନାଥଙ୍କ ନାଗାର୍ଜୁନ ବେଶର ପଟଚିତ୍ର ପ୍ରଦର୍ଶନ କରିଛନ୍ତି । ଆଜି (ଗୁରୁବାର) ଚିନ୍ମୟ ଏହି ଶୃଙ୍ଗ ଆରୋହଣ କରି ନାଗାର୍ଜୁନ ବେଶ ସହ ଜାତୀୟ ପତାକା ପ୍ରଦର୍ଶନ କରିଥିଲେ । ଏହି ଯାତ୍ରା ପାଇଁ ରାଜ୍ୟ ସରକାର, ଓଏମ୍ସି ଏବଂ ଜିଲ୍ଲା ପ୍ରଶାସନ ଚିନ୍ମୟଙ୍କୁ ସହଯୋଗ କରିଥିଲେ । ଚିନ୍ମୟ ଚଳିତ ମାସ ୩ ତାରିଖରେ ସାଉଥ୍ ଆଫ୍ରିକାର କିଲିମାଞ୍ଜାର ଶୃଙ୍ଗର ୧୯,୩୪୧ଫୁଟ ଆରୋହଣ କରିବା ଉଦ୍ଦେଶ୍ୟରେ ଯାତ୍ରା ଆରମ୍ଭ କରିଥିଲେ । ଏହି ସଫଳତା ପାଇଁ ଜିଲ୍ଲାପାଳ ସମର୍ଥ ବର୍ମା ଚିନ୍ମୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ତେବେ ଚିନ୍ମୟ କେବଳ ନିଜ ପାଇଁ ନୁହେଁ ବରଂ ସାରା ଓଡ଼ିଶା ପାଇଁ ଜଗନ୍ନାଥ ପ୍ରେମୀଙ୍କ ପାଇଁ ସମ୍ମାନର ପାତ୍ର ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇବା ସହ ଶୁଭେଚ୍ଛାର ସୁଅ ଛୁଟିଛି ।

## ୪୫ ବେଆଇନ ଲୋନ୍ ଆପ୍ ଡିଲିଟ କରିବାକୁ ଗୁଗଲକୁ ଚିଠି ଲେଖିଲା ଇଓଡବ୍ଲୁ

**ଭୁବନେଶ୍ୱର(ଏନ୍.ଏମ୍.):** ଗୁଗଲକୁ ଚିଠି ଲେଖିଲା ଓଡ଼ିଶା ପୁଲିସର ଅର୍ଥନୈତିକ ଅପରାଧିକ ଶାଖା (ଇଓଡବ୍ଲୁ) । ଗୁଗଲ ପ୍ଲେ ଷ୍ଟୋରରେ ଥିବା ୪୫ଟି ଫେକ୍ ଆପ୍ସ ହଟାଇବାକୁ କହିଛି ଋଡଡ । ଏହି ସବୁ ଆପ୍ ବେଆଇନ ଭାବେ ଲୋନ୍ ଦେବା ସହ ଋଣ ଆଦାୟ କରିବାକୁ ଲୋକଙ୍କୁ ମାନସିକ ନିର୍ଯାତନା ଦେବାକୁ ପଛାଉ ନ ଥିବା ଅଭିଯୋଗ ହେଉଛି । ଏଥିଯୋଗୁ ବହୁ ଲୋକ ଆତ୍ମହତ୍ୟା କରିବାକୁ ପଛାଉ ନ ଥିବାରୁ ଏହି ସବୁ ଆପ୍ସ ତୁରନ୍ତ ପ୍ଲେ ଷ୍ଟୋରରୁ ହଟାଇବାକୁ କହିଛି ଋଡଡ । ଏନେଇ ଆମେରିକାର କାଲିଫର୍ଣ୍ଣିଆସ୍ଥିତି ଗୁଗଲର ଲିଗାଲ ଇନଭେଷ୍ଟିଗେଟିଭ ଟିମ୍କୁ ଚିଠି ଲେଖାଯାଇଥିବା ଅର୍ଥନୈତିକ ଅପରାଧିକ ଶାଖାର ବରିଷ୍ଠ ଅଧିକାରୀ କହିଛନ୍ତି । ଏହି ଲିଷ୍ଟରେ ଈରକ୍ଷକ୍ଟବଭ ଇଚଚ, ଏକ୍ଟ ଉବସ୍ୱଷ, ଏକ୍ଟ ଏଙ କ୍ଷକ୍ଟବଭ, ଓଘଝ ଖକ୍ଟବଭ, ଇଝଇଘ ଖକ୍ଟବଭ, ଋବସ୍ୱସ୍ପ ଉବସ୍ୱଷ, ଋକ୍ଷସକ୍ତ ଉବସ୍ୱଷ, ଜଙ୍କକ୍ଟରର ଉବକ୍ଷକ୍ଷରସ୍ପ, ଜଙ୍କକ୍ଟରର କସଭଶ, ଋବସ୍ୱସ୍ପ ଜଙ୍କକ୍ଟରର, ଋବସ୍ୱଚ ଉବକ୍ସୟ ଖକ୍ଟବଭ, ଉବସ୍ୱଷ ଉକ୍ଟକ୍ଷବ, ଗବଶସମ ଗକ୍ଟଭରଚ ଖକ୍ଟବଭ ଆଦି ୪୫ଟି ଆପ୍ ରହିଛି । ଏହି ସବୁ ଆପ୍ ଜଈଓ ଦ୍ୱାରା ପଞ୍ଜୀକୃତ ହୋଇ ନ ଥିବା ବେଳେ ଲୋକଙ୍କୁ ଅଧିକ ସୁଧ ହାରରେ ସ୍ୱଳ୍ପକାଳୀନ ଋଣ ଯୋଗାଇ ଦେଉଛନ୍ତି । ଲୋନ୍ ନେଇ ପରିଶୋଧ କରି ନ ପାରିଲେ ଏହି ଆପ୍ର କର୍ମକର୍ତ୍ତା ତାହାକୁ ଆଦାୟ କରିବାକୁ ବେଆଇନ୍ ପନ୍ଥା ଗ୍ରହଣ କରିବା ସହ ଲୋନ୍ କରୁଥିବା ବ୍ୟକ୍ତିଙ୍କୁ ଧମକଚମକ ଦେଉଛନ୍ତି । ଏଥିସହ ଅଶାଳୀନ ଭାଷା ପ୍ରୟୋଗ କରିବାକୁ ପଛାଉ ନାହାନ୍ତି । ଲୋନ୍ ଦେବା ବେଳେ ଏହି ଆପ୍ସବୁ ଋଣ ଗ୍ରହୀତାଙ୍କ ସମେତ ତାଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ଯୋଗାଯୋଗ ନମ୍ବର ମଧ୍ୟ ହାତେଇ ନେଉଛନ୍ତି । ଫଳରେ କେହି ଋଣ ପରିଶୋଧ କରି ନ ପାରିଲେ ସେମାନଙ୍କ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ନିଆରା ବିବାହ : ବିନା ବର ଓ ପଣ୍ଡିତରେ ନିଜକୁ ନିଜେ ବାହା ହେଲେ ଗୁଜୁରାଟର କ୍ଷମା ବିନ୍ଦୁ



**ବରୋଦା (ଏଜେନ୍ସି):** ଗୁଜୁରାଟର ବରୋଦାରେ ଦେଖିବାକୁ ମିଳିଛି ନିଆରା ବିବାହ । ବିନା ବରରେ ହୋଇଛି ବାହାଘର । ବିନା ବରରେ ନେଲେ ସାତ ଫେରା, ନିଜକୁ ନିଜେ ଲଗାଇଲେ ସିନ୍ଦୁର ଆଉ ନିଜ ପାଇଁ ନିଜେ ନେଲେ ବିବାହ ପ୍ରତିଜ୍ଞା । ନିକଟ ଅତୀତରେ ଚର୍ଚ୍ଚାରେ ଥିବା ଗୁଜୁରାଟର ୨୪ ବର୍ଷୀୟା କ୍ଷମା ବିନ୍ଦୁ ଆଜି ନିଜକୁ ସମସ୍ତ ରୀତିନୀତିରେ ବିବାହ କରିଛନ୍ତି । ଅନେକ ଦିନରୁ ଲାଇମଲାଇଟ୍ରେ ଥିବା କ୍ଷମାଙ୍କ ଏପରି ବିବାହ ବିଷୟ ଯେକେହି ବି ଶୁଣିଲେ, ଆଶ୍ଚର୍ଯ୍ୟ ହେବା ନିଶ୍ଚିତ । ଜୁନ୍ ୧୧ରେ ନିଜକୁ ନିଜେ ବିବାହ କରିବାକୁ ଘୋଷଣା କରିଥିଲେ କ୍ଷମା କିନ୍ତୁ ବିବାଦରୁ ବଞ୍ଚିବା ପାଇଁ ଧାର୍ଯ୍ୟ ସମୟ ପୂର୍ବରୁ ନିଜକୁ ବିବାହ କରିଛନ୍ତି । କ୍ଷମା ବିନ୍ଦୁ ଶେଷରେ ଆଜି ଏକ ସ୍ୱତନ୍ତ୍ର ଉତ୍ସବରେ ନିଜ ସହ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ବିବାହ ସମୟରେ ହଳଦୀ, ମେହେନ୍ଦୀ ଓ ଅନ୍ୟ ସବୁ ରୀତିନୀତି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ପରିତ୍ୟକ୍ତା ଶିଶୁ ପୂନ୍ୟା ପାଇଲା ନୂଆ ପରିଚୟ

## ବସୁନ୍ଧରାରୁ ପୋଷ୍ୟଭାବେ ଗ୍ରହଣ କଲେ ଯୁକ୍ତରାଷ୍ଟ୍ର ଆମେରିକାର ଦମ୍ପତ୍ତି



**କଟକ(ଏନ୍.ଏମ୍.):** ବସୁନ୍ଧରାର ଅନ୍ତେବାସିନୀ ପରିତ୍ୟକ୍ତା ଦୁଇବର୍ଷର ଶିଶୁ(ପୁନ୍ୟା) ସ୍ୱତନ୍ତ୍ର ସହାୟତା ଆବଶ୍ୟକ କରୁଥିବା ବେଳେ ଏବେ ପୁନ୍ୟାର ନୂଆ ଠିକଣା କଲୋରାଡ଼ୋ, ଯୁକ୍ତରାଷ୍ଟ୍ରଆମେରିକା । ସେ ପାଇଲା ପରିବାର, ଆବାସ, ପିତାମାତା ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ 'ପରିଚୟ' ବୋଲି ଶିଶୁଟିକୁ ହସ୍ତାନ୍ତର ଅବସରରେ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ପ୍ରକାଶ କରିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର କଲୋରାଡ଼ୋ ରାଜ୍ୟର ଦମ୍ପତ୍ତି ଡେଭିଡ ଆଲାନ ହେସଲେ ଏବଂ ତାଙ୍କ ପତ୍ନୀ ଆବି କ୍ୟାମିଲେ ହେସଲେ ପୁନ୍ୟାକୁ ପୋଷ୍ୟସନ୍ତାନ ରୂପେ ଗ୍ରହଣ କରିଥିବା ଜଣାଯାଇଛି । କଟକ ଜିଲ୍ଲା ଶିଶୁ କଲ୍ୟାଣ ସମିତି, ପୋଷ୍ୟସନ୍ତାନ ରୂପେ ଗ୍ରହଣ କରିବା ପାଇଁ ଗତ ୨୦୨୧ ଜାନୁଆରୀ ୧୯ ତାରିଖରେ ବିନା ପ୍ରତିବନ୍ଧକରେ ଏଥିନିମନ୍ତେ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହାପରେ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସଂସାଧନ ସଂସ୍ଥା (ସିଏଆରଏ) ଏବଂ ଓଡିଶା ରାଜ୍ୟ ପୋଷ୍ୟ ସନ୍ତାନ ସଂସାଧନ ସଂସ୍ଥା (ଏସଏଆରଏ)ବିନା ଆପତ୍ତିରେ ଯୁକ୍ତରାଷ୍ଟ୍ରଆମେରିକାର ଦମ୍ପତିଙ୍କୁ ଶିଶୁଟିକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବା ନିମନ୍ତେ ଚଳିତ ବର୍ଷ ଫେବୃୟାରୀ ୧୧ତାରିଖରେ ଅନୁମତି ପ୍ରଦାନ କରିଥିଲେ । ପୁନ୍ୟାକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବା ପାଇଁ ଜିଲ୍ଲାକୋର୍ଟ ହେସଲେ ଦମ୍ପତିଙ୍କୁ ଆଦେଶ ସଂଖ୍ୟା ସିଏମଏ-୧୧/୨୦୨୨ ତା ୧୮.୦୫.୨୦୨୨ରିଖରେ ଆଦେଶ ଦେଇଥିଲେ ।

ସୂଚନା ଯୋଗ୍ୟ ଯେ, ପୁନ୍ୟାକୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଥିବା ବାପା ପେଷାରେ ଜଣେ ଇଞ୍ଜିନିଅର ଓ ମାତା ଜଣେ ଚିକିତ୍ସକ ବୋଲି ଜଣାଯାଇଛି । ଇତିମଧ୍ୟରେ ପୁନ୍ୟାର ପାସପୋର୍ଟ ଭୁବନେଶ୍ୱର ପାସପୋର୍ଟ କାର୍ଯ୍ୟାଳୟ ଦ୍ୱାରା ନିର୍ଗମନ କରାଯାଇଥିବାବେଳେ ଶିଶୁଟିର ଭିସା ଉପଲବ୍ଧ କରିବା ପାଇଁ ଦିଲ୍ଲୀରେ ପ୍ରକ୍ରିୟା ଜାରି ରହିଛି । ଉଭୟ ହେସଲେ ଦମ୍ପତି ଓ ପୁନ୍ୟା ଜୁନ ୧୯ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକା ଅଭିମୁଖେ ଯାତ୍ରା କରିବାର ପ୍ରସ୍ତାବ ରହିଛି । ନିଜ ପ୍ରତିକ୍ରିୟାରେ ହେସଲେ ଦମ୍ପତ୍ତି ପ୍ରତିକ୍ରିୟା ପ୍ରକାଶକରି କହିଛନ୍ତି ଯେ, ପୁନ୍ୟା ସେମାନଙ୍କୁ ଖୁବ ଭଲ ପାଉଛି ଏବଂ ସେମାନେ ମଧ୍ୟ ପୁନ୍ୟାଙ୍କୁ ତତୋଧିକ ଭଲ ପାଉଛନ୍ତି । ଜିଲ୍ଲାପାଳଙ୍କୁ ଗଭୀର କୃତଜ୍ଞତା ଜଣାଇ ପୁନ୍ୟାର ନୂତନ ଜୀବନ ଯାତ୍ରାରେ ଜିଲ୍ଲାପାଳଙ୍କ ସହଯୋଗ ଓ ଆଶୀର୍ବାଦ ଏକ ନୂତନ ପ୍ରେରଣା ବୋଲି କହିଛନ୍ତି । ପୁନ୍ୟାଙ୍କୁ ଏକ ନୂତନ ଜୀବନ ଓ ଦିଗ୍ଦର୍ଶନ ପ୍ରଦାନ ନିମନ୍ତେ କଟକ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଓ ସଭ୍ୟସଭ୍ୟା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ବିଦେଶରେ ଡାକ୍ତରୀ ପଢୁଥିବା ଛାତ୍ର, ରୋଗୀ ଦେଖିବାକୁ ମାତ୍ର ୧୪% ଯୋଗ୍ୟ



**ଭୁବନେଶ୍ୱର(ଏନ୍.ଏମ୍.):** ବିଦେଶରେ ଡାକ୍ତରୀ ପଢୁଥିବା ଭାରତୀୟଙ୍କ ସଂଖ୍ୟା ବିଗତ ଦଶ ବର୍ଷ ମଧ୍ୟରେ ୪ଗୁଣା ବଢ଼ିଛି । ଭାରତରେ ଡାକ୍ତରୀ ପଢ଼ିବାର ସୁଯୋଗ ନ ପାଇଁ ପ୍ରତି ବର୍ଷ ହଜାର ହଜାର ଛାତ୍ରଛାତ୍ରୀ ବିଦେଶରେ ମେଡିକାଲ୍ ପଢ଼ିବାକୁ ପାଇଁ ଯାଉଛନ୍ତି । ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିଛି ସତ, ହେଲେ ଏଫଏମଜିଇ(ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ ଏକ୍ଜାମିନେସନ)ର ସଫଳତା ହାର ଅପେକ୍ଷାକୃତ କମିଛି । ୨୦୧୦ ମସିହାରେ ଏମଜିଇର ସଫଳତା ହାର ୨୬ ପ୍ରତିଶତ ଥିବାବେଳେ ୨୦୨୦ ମସିହାରେ ଏହା ୧୪%ରେ ପହଞ୍ଚିଛି । ଓଡ଼ିଶାର

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ପ୍ରେମ, ବିବାହ ଓ ବିଚ୍ଛେଦକୁ ନେଇ ଆସୁଛି ‘ହାର୍ଟ ଲେସ୍’



**ଭୁବନେଶ୍ୱର(ଏନ୍‌ଏମ୍.):** ବିବାହ ଏକ ସାମାଜିକ ପରମ୍ପରା । ପତି ପତ୍ନୀ ଉଭୟ ଏହାକୁ ନିଭାଇବାକୁ ଶପଥ ନିଅନ୍ତି । କିନ୍ତୁ ସତରେ କ’ଣ ସ୍ୱାମୀ ସ୍ତ୍ରୀ ଏହି ଶପଥ ପାଳନ କରନ୍ତି ? ଗୋଟିଏ ପଟେ ଅୟସ ଆରାମ ଆଉ ଗୋଟିଏ ପଟେ ସ୍ୱାମୀଙ୍କ ଇଚ୍ଛା ଅନିଚ୍ଛାର ଲକ୍ଷ୍ମଣରେଖା । ଏହାରି ଭିତରେ ସନ୍ତୁଳି ହେଉଥିବା ସ୍ତ୍ରୀ କ’ଣ କରିପାରେ ? ତେବେ ପ୍ରେମ, ବିବାହ ଓ ବିଚ୍ଛେଦକୁ ନେଇ ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ଆସୁଛି ନୂଆ ସର୍ଟ ମୁଭି ‘ହାର୍ଟ ଲେସ୍’ । ଯେଉଁଥିରେ ଡାକ୍ତରଖାନାରେ ମରଣ ସହ ଲଢ଼େଇ କରୁଥିବା ଝିଅକୁ ନେଇ ସ୍ୱାମୀ କିଭଳି ସ୍ତ୍ରୀ ସହ ସଉଦା କରୁଛି ତାହା ଚିତ୍ରଣ ହୋଇଛି । ଏହି ସର୍ଟ ଫିଲ୍ମର ଷ୍ଟ୍ରିମିଂ ହୋଇଥିବାବେଳେ ସିନେମାର କାହାଣୀ ଓ ଚିତ୍ରନାଟ୍ୟ ସୁଧାରାଗ ବାନାର୍ଜୀ ଲେଖିଛନ୍ତି । ଏଥିରେ ନିଶାନ୍ତ ମାଜିଥିଆ ସଂଳାପ ଲେଖିଛନ୍ତି । ମମତା, ପ୍ରୀତିରାଜ ଓ ପ୍ରସନ୍ନଜିତ ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ । ଅନେକ ସୁପରହିଟ୍ ମ୍ୟୁଜିକ ଭିଡିଓ ଓ ସର୍ଟ ମୁଭି ଭେଟି ଦେଇଥିବା ରାଜା ଡି ‘ହାର୍ଟ ଲେସ୍’ର ନିର୍ଦ୍ଦେଶନା ଦେଇଛନ୍ତି । ନିକଟରେ ଷ୍ଟ୍ରିମିଂ ହୋଇଥିବା ତାଙ୍କ ନିର୍ଦ୍ଦେଶିତ ବ୍ରେକ ଅପ୍ ରୁଲ୍ସ ଓ ସୁପାରୀକୁ ଦର୍ଶକ ବଢ଼ିଆ ରେସପନ୍ସ ଦେଇଥିଲେ । ପ୍ରକାଶ ପ୍ରହରାଜ ପ୍ରଯୋଜନା ଭାର ସମ୍ଭାଳିଥିବାବେଳେ ସର୍ବେଶ୍ୱର ଦାସ ଡିଓପି, କେ ଡି ସିପୁନ ଏଡିଟିଂ ଓ ଭାଗ୍ୟଧର ପାଣି କ୍ରିଏଟିଭ୍ ଦେଖିଛନ୍ତି । ପୂର୍ବରୁ ରଂଗୀଲା, ସୁପାରୀ, ଟୁ ଲି ୟୋରର୍ସ ଭଳି ସର୍ଟ ଫିଲ୍ମ ଓଟିଟି ପ୍ଲାଟଫର୍ମ କଞ୍ଚାଲଙ୍କାରେ ଧମାଲ କରିଛି । ଏଥର ‘ହାର୍ଟ ଲେସ୍’କୁ ମଧ୍ୟ ଦର୍ଶକ ବେଶ ପସନ୍ଦ କରିବେ ବୋଲି ପ୍ରଯୋଜନା ସଂସ୍ଥା ଦୃଢ଼ୋକ୍ତି ପ୍ରକାଶ କରିଛି ।

# ଆସୁଛି ନୂଆ ଚଳଚ୍ଚିତ୍ର ‘ଲଭ ରିଆକ୍ସନ’

## ପ୍ରଥମ ଥର ପାଇଁ ସୋନମ୍ ଓ ଅମ୍ଲାନ ନୂଆ ଯୋଡି



**ଭୁବନେଶ୍ୱର (ଏନ୍.ଏମ୍.) :** କରୋନା ଚଳଚ୍ଚିତ୍ର ଜଗତ ପାଇଁ ଏକ ଦୁଃଖ ଦିନକୁ ଆମନ୍ତ୍ରଣ କରିଥିଲା । ଏଥି ପାଇଁ ଅଧିକ ପ୍ରଭାବିତ ହୋଇଥିଲା ଚଳଚ୍ଚିତ୍ର ଶିଳ୍ପ । ମାତ୍ର ଏବେ କରୋନା କଟକଣା ଦୂର ହେବା ପରେ ଗୋଟିଏ ପରେ ଗୋଟି ଚଳଚ୍ଚିତ୍ର ପୁଣି ଜନ୍ମନେବା ଆରମ୍ଭ କରିଛି । ଦୀର୍ଘ ଦିନ ଧରି ପ୍ରେକ୍ଷାଳୟ ଗୁଡ଼ିକ ବନ୍ଦ ରହିଥିବାବେଳେ ଏବେ ପୁଣି ଖୋଲିଛି ବକ୍ସଅଫିସ । ଏବେ ବହୁ ପ୍ରଯୋଜକ କରୋନା ମାଡ଼ରେ ବ୍ୟାପକ କ୍ଷତିସହିଥିଲେ ମଧ୍ୟ ସେ ସବୁକୁ ବୁକୁତଳେ ଚାପି ରଖି ଓଡ଼ିଆ ଚଳଚ୍ଚିତ୍ରକୁ କିଭଳି ବଞ୍ଚାଇ ରଖିହେବ ସେ ନେଇ ପୁଣି ସଂଗ୍ରାମ ଆରମ୍ଭ କରିଛନ୍ତି । ଏହି ଭଳି କେତେଜଣ ବିଶାଳ ହୃଦୟ ବିଶିଷ୍ଟ ବ୍ୟକ୍ତିବିଶେଷ ପୁଣି ଅଣ୍ଟାଭିଡିଛନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ନୂଆ ଜୀବନ ଦେବା ପାଇଁ ।

ତେବେ ଏବେ ମା’ମଙ୍ଗଳା ସିନେ ପ୍ରଡ଼କ୍ସନ ପୁଣି ଓଡ଼ିଆ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛନ୍ତି ଏକ ନିଆରା ଚଳଚ୍ଚିତ୍ର । ବଡ ପରଦାକୁ ଆସିବାକୁ ଯାଉଛି ଆଉ ଏକ ନୂଆ ଓଡିଆ ସିନେମା । ଯାହାର ନାଁ ରହିଛି ‘ଲଭ ରିଆକ୍ସନ’ । ଏଥିରେ ପ୍ରଥମ ଥର ପାଇଁ ନବାଗତ ଚୁଲବୁଲି ନାୟିକା ସୋନମ ଦାସ ଓ ଅମ୍ଲାନ ଏକାଠି ନଜର ଆସିବେ । ସୁପରଫିଟ୍ ଚଳଚ୍ଚିତ୍ର ମିତାଲି ଅପା ସହ ୱେବ ସିରିଜ୍ କ୍ଲବ ୬୯ ଓ ଗ୍ୟାଙ୍ଗସ ଅଫ୍ ପୁରୀରେ ଅଭିନୟ କରି ବେଶ ପ୍ରଶଂସା ସାଉଁଟିଥିବା ସୋନମଙ୍କ ବିପକ୍ଷରେ ଅମ୍ଲାନ ଏବଂ ଓମଙ୍କ ଦେଖିବାକୁ ମିଳିବ । ମା ମଙ୍ଗଳା ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମାଣ ଚାଲିଥିବା ଏହି ସିନେମାର ସୁଟିଂ ଚାଲୁ ରହିଛି । ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ସିନେମାଟି ନିର୍ମାଣ ହେଉଥିବା ବେଳେ ଏହା ଦର୍ଶକଙ୍କ ମନକୁ ଛୁଇଁବ ବୋଲି କୁହାଯାଉଛି । ତେବେ ଏହି ଚଳଚ୍ଚିତ୍ର ମାଧ୍ୟମରେ କମେଡିଆନ ବ୍ରଜ ସିଂ ପ୍ରଥମ ଥର ପାଇଁ ନିର୍ଦ୍ଦେଶନାରେ ପାଦ ରଖିଛନ୍ତି । ଏଥିରେ ଅମ୍ଲାନ, ଓମ୍, ସୋନମ, ବ୍ରଜ ସିଂ, ପ୍ରଜ୍ଞାନ, ଦେବୁ ବ୍ରହ୍ମା, ପ୍ରମୁଖ ଅଭିନୟ କରିଛନ୍ତି । ଚଳଚ୍ଚିତ୍ରର ସୁଟିଂ ଖୁବଶୀଘ୍ର ଶେଷ ହୋଇ ବଡ ପରଦାରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି ।

# ଓଡ଼ିଆ ଚଳଚ୍ଚିତ୍ର ଭୋକ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ



**ଭୁବନେଶ୍ୱର(ଏନ୍.ଏମ୍.) :** କରୋନା ମହାମାରୀ ସମୟରେ ପ୍ରବାସୀ ଦାଦନମାନଙ୍କ ଦୁର୍ଦ୍ଦଶାକୁ ନେଇ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର ‘ଭୋକ’ ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ ହୋଇଛି । ନିକଟରେ ଲଣ୍ଡନଠାରେ ଅନୁଷ୍ଠିତ ୨୩ ତମ ଇନ୍ଦ୍ରଧନୁ ରେନ୍‌ବୋ ଚଳଚ୍ଚିତ୍ର ମହୋତ୍ସବରେ ଏହି ଫିଲ୍ମ ଏକ ପୁରସ୍କାର ଲାଭ କରିଛି । ଗତ ମେ ୨୯ରୁ ଜୁନ ୫ ଯାଏ ଲଣ୍ଡନଠାରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଲକ୍ ଡାଉନ୍ ସମୟରେ ଏକ ଦମ୍ପତି ସାମ୍ନା କରିଥିବା ଦୁଃଖଦ ସ୍ଥିତି ଓ ସଂଘର୍ଷ ଉପରେ ଆଧାରିତ । ସୁରତରେ ରହୁଥିବା ଗୋଟିଏ ପରିବାର ଲକ୍ ଡାଉନ୍ ସମୟରେ କିଭଳି ଓଡ଼ିଶା ଫେରୁଛନ୍ତି ଏବଂ ରାସ୍ତାରେ କେଉଁସବୁ ସମସ୍ୟାର ସାମ୍ନା କରିଛନ୍ତି, ତାର ସଜଳ ଚିତ୍ରରୂପ ହେଉଛି ଏହି ଚଳଚ୍ଚିତ୍ର । ବିଶେଷକରି ଜଣେ ମହିଳାଙ୍କ ଭିଟାମାଟି ଫେରିବାର ଦୁଃଖ କାହାଣୀକୁ ଏଠାରେ ପ୍ରଦର୍ଶନ କରାଯାଇଛି । କରୋନା ମହାମାରୀ ସାରା ବିଶ୍ୱବାସୀଙ୍କୁ ପ୍ରଭାବିତ କରିଥିବାବେଳେ ଏହାର ଭୟାବହତା ଓ ଏହାର ପ୍ରଭାବକୁ ସାମ୍ନାକୁ ଆଣିବାର ଏକ ପ୍ରୟାସ ହେଉଛି ‘ଭୋକ’ । ଲକ୍ ଡାଉନ୍ ଓ ସଟ୍ ଡାଉନ୍ ସମୟରେ ଅନେକଙ୍କ ଜୀବିକା ଚାଲିଯାଇଥିଲା ଏବଂ ଆହୁରି ଅନେକ ଏହି ଭାଇରସ୍ ସଂକ୍ରମିତ ହୋଇ ପ୍ରାଣ ହରାଇଲେ । ଏଭଳି ସ୍ଥିତିର ଚିତ୍ରଣ କରିଛି ଜ୍ୟୋତି ପ୍ରଡକ୍ସନ୍-ର ଏହି ଚଳଚ୍ଚିତ୍ର । ‘ଭୋକ’ ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ରାଜୀବ ମହାନ୍ତି ଦେଇଥିବାବେଳେ ଏହାର କାହାଣୀ, ଏବଂ ସଂଳାପ ଲେଖିଛନ୍ତି ରଞ୍ଜନ ଦାସ । ସଂପାଦନା କରିଛନ୍ତି ମାନସ ସାହୁ ଓ କ୍ୟାମେରା ପରିଚାଳନା କରିଛନ୍ତି ବିଶ୍ୱଜିତ କୁଲାଡ । ସେହିପରି ମୁଖ୍ୟ ଭୂମିକାରେ ଅଭିନେତା ଅଙ୍କିତ କୁମାର, କାବ୍ୟ କିରଣ ନଜରରେ ଆସିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଭିନେତା କୁନା ତ୍ରିପାଠୀ, ପୁଷ୍ପା ପଣ୍ଡା, ପ୍ରତିଭା ପଣ୍ଡା, ଚିରଞ୍ଜିବୀ, ଦୀପା, ପ୍ରତୀମ୍ ଓ ଅନ୍ୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର ‘ଭୋକ’ ନିର୍ମାଣ କରିଥିବାବେଳେ ଏଥିରେ ସଂଗୀତ ଦେଇଛନ୍ତି ବିକାଶ ଦାସ । ତେବେ ଏହି ଚଳଚ୍ଚିତ୍ରଟି ଏକ ମୌଳିକ କାହାଣୀ ଉପରେ ଆଧାରିତ ହୋଇଥିବାବେଳେ ଓଡ଼ିଶା ପାଇଁ ଏକ ଗୌରବ ଆଣି ଦେଇଛି ବୋଲି ସିନେପ୍ରେମୀମାନେ କହିଛନ୍ତି ।

# ପ୍ରେମରେ ପଡ଼ିଛନ୍ତି ସୋନାକ୍ଷୀ, ବୟଫ୍ରେଣ୍ଡ କଲେ ଖୁଲାସା



**ମୁମ୍ବାଇ (ଏଜେନ୍ସି) :** ପ୍ରେମରେ ପଡ଼ିଛନ୍ତି ଦବଙ୍ଗ ଗାର୍ଲ ସୋନାକ୍ଷୀ ସିହ୍ନା । ଆଉ ଲୁଚାଚୋରା ନୁହେଁ, ଏଣିକି ଖୁଲମଖୁଲା ଚାଲିବ ଇଲୁ ଇଲୁ । ଦୀର୍ଘ ବର୍ଷ ଧରି ସୋନାକ୍ଷୀ ନିଜ ଲଭ୍ ରିଲେସନକୁ ଲୁଚାଇ ରଖିଥିବାବେଳେ ତାହାକୁ ଖୁଲମଖୁଲା ପ୍ରକାଶ କରି ଦେଇଛନ୍ତି ତାଙ୍କ ବୟଫ୍ରେଣ୍ଡ ଜହିର ଇକବାଲ ।

ଗତ ୨ତାରିଖରେ ବଲିଉଡର ଭେଟରାନ ଆକ୍ଟର ଶତ୍ରୁଘ୍ନ ସିହ୍ନାଙ୍କ ଲାଡଲି ସୋନାକ୍ଷୀଙ୍କ ବାର୍ଥଡେ ଥିଲା । ଏହି ଅବସରରେ ସୋନାକ୍ଷୀଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଥିଲା । ବାର୍ଥଡେ ମେସେଜ ପଠାଇବାରେ ବୟଫ୍ରେଣ୍ଡ ଜହିର ଇକବାଲ ଟିକେ ପଛରେ ପଡ଼ି ଯାଇଥିଲେ । ମାତ୍ର ତାଙ୍କ ମେସେଜ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ସୋନାକ୍ଷୀଙ୍କ ପାଖକୁ ସ୍ପେଶାଲ ମେସେଜ ପଠାଇଥିବା ଜହିର ଲେଖିଥିଲେ, ହାପି ବାର୍ଥଡେ ସୋନଜ । ଆଇ ଲଭ ୟୁ । ସୋନାକ୍ଷୀଙ୍କୁ ଆଇ ଲଭ ୟୁ କହି ଜହିର ତାଙ୍କ ପ୍ରତି ନିଜ ଭଲ ପାଇବା ବ୍ୟକ୍ତ କରିବା ସହ ନିଜ ରିଲେସନକୁ କନଫର୍ମ କରିଥିବା ଚର୍ଚ୍ଚା ହେଉଛି । ଜହିରଙ୍କ ଏହି ମେସେଜକୁ ଫ୍ୟାନ୍ସ ଖୁବ୍ ଲାଇକ୍ କରିଛନ୍ତି । ଏପରିକି ଉଭୟଙ୍କ କେମେଷ୍ଟ୍ରି ଓ ବଣ୍ଡିଂକୁ ଫ୍ୟାନ୍ସ ସୁଇଟ ଓ କ୍ୟୁଟ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ଦବଙ୍ଗ ଗାର୍ଲ ଦୀର୍ଘ ଦିନ ହେଲା ପ୍ରେମରେ ପଡ଼ିଥିବାବେଳେ ଏହାକୁ ମିଡିଆଠୁ ଦୂରେଇ ରଖୁଥିଲେ । ଏବେ ଜହିର ଉଭୟଙ୍କ ରିଲେସନକୁ କନଫର୍ମ କରିଥିବା ବେଳେ କେବେ ସେମାନଙ୍କ ହାତ ଗଣ୍ଠି ପଡୁଛି, ତାହା ଉପରେ ରହିଛି ଫ୍ୟାନ୍ସଙ୍କ ନଜର ।

# ବଡ଼େ ମିୟାଁ ଛୋଟେ ମିଆଁ’ ରିଲିଜ୍‌କୁ ନେଇ ଅନିଶ୍ଚିତତା

**ମୁମ୍ବାଇ(ଏନ୍.ଏମ୍.) :** ବଲିଉଡ୍‌ର ଖିଲାଡ଼ି ତାରକା ଅକ୍ଷୟ କୁମାର ଓ ଟାଇଗର ସ୍ରଫ୍ ତାଙ୍କର ଆଗାମୀ ଫିଲ୍ମ ‘ବଡ଼େ ମିୟାଁ ଛୋଟେ ମିଆଁ’କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଉଭୟ ଟାଇଗର ଓ ଅକ୍ଷୟ ଏହି ଫିଲ୍ମରେ ଏକାଠି ନଜର ଆସିବାର ଥିଲା । କିନ୍ତୁ ଫିଲ୍ମ ସମ୍ପର୍କିତ ଏକ ନୂଆ ଖବର ସାମ୍ନାକୁ ଆସିଛି । ଏବେ ଏହି ଫିଲ୍ମଟି ରିଲିଜ୍ ନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି । ଫିଲ୍ମର ରିଲିଜ୍ ଡେଟ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦେବାର ମୁଖ୍ୟ କାରଣଟି ହେଉଛି ଅକ୍ଷୟଙ୍କ ଅଭିନୀତ ‘ସମ୍ରାଟ୍ ପୃଥ୍ୱୀରାଜ’ ଓ ଟାଇଗରଙ୍କ ଅଭିନୀତ ‘ହିରୋପନ୍ତି-୨’ ବକ୍ସ ଅଫିସ୍‌ରେ ଫ୍ଲପ୍ ହେବା । ‘ବଡ଼େ ମିୟାଁ ଛୋଟେ ମିଆଁ’ ଫିଲ୍ମର ବଜେଟ୍ ପାଖାପାଖି ୩୦୦ କୋଟି ଥିଲା । ତେଣୁ ଏହାର ପ୍ରଯୋଜକ ଭାବୁଛନ୍ତି ‘ସମ୍ରାଟ୍ ପୃଥ୍ୱୀରାଜ୍’, ‘ହିରୋପନ୍ତି-୨’ର ପ୍ରଯୋଜକଙ୍କ ଭଳି ତାଙ୍କ ଅବସ୍ଥା ନହେଉ । ଏହାବାଦ ଏହି ଦୁଇ ଅଭିନେତାଙ୍କ ଉପରେ ପ୍ରଯୋଜକଙ୍କ ଭରସା ମଧ୍ୟ ପାଉନାହିଁ । ଅଲ୍ଲୀ ଆବାସ୍ ଜାଫର ଏହାର ନିର୍ଦ୍ଦେଶକ ଥିଲେ । ଫିଲ୍ମର ରିଲିଜ୍ ଡେଟ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚାଇ ଦିଆଯିବା ଫଳରେ ପ୍ରଶଂସକଙ୍କ ସହ ଏହାର ପ୍ରଯୋଜକ ମଧ୍ୟ ଦ୍ୱିବିଧାରେ ପଡ଼ିଯାଇଛନ୍ତି । କାରଣ ଏହି ଫିଲ୍ମର ଟିଜର ରିଲିଜ୍ କରି ଦିଆଯାଇଛି । ୨୦୨୩ ରେ ଅକ୍ଷୟ ଓ ଟାଇଗରଙ୍କୁ ଦେଖିବା ପାଇଁ ପ୍ରଶଂସକମାନେ ଅପେକ୍ଷା କରିଥିଲେ । କିନ୍ତୁ ଏବେ ଏସବୁ କଥା ଆଉ ପୂରଣ ହେବା ଭଳି ଲାଗୁ ନାହିଁ ।

# ବିଘ୍ନେଶଙ୍କ ହାତ ଧରିଲେ ସାଉଥ ବିୟୁଟି ନୟନତାରା



**ହାଇଦ୍ରାବାଦ (ଏଜେନ୍ସି) :** ବହୁ କଳ୍ପନା ଜଳ୍ପନା ପରେ ବାଜିଲା ଶାହାନାଇ । ସାଉଥ ସୁନ୍ଦରୀ ନୟନତାରା ହେଲେ ହାତକୁ ଦି ହାତ । ପଡ଼ିଲା ହାତଗଣ୍ଠି, ନେଲେ ସାତ ଫେରା । ଦୀର୍ଘ ଦିନର ସାଥୀ ବିଘ୍ନେଶଙ୍କ ସହିତ ତାଙ୍କର ଶୁଭ ପରିଣୟ ଅନୁଷ୍ଠିତ ହୋଇଯାଇଛି ।

ସାଉଥର ଶ୍ରେଷ୍ଠ ଅଭିନେତ୍ରୀଙ୍କ ମଧ୍ୟରୁ ଜଣେ ନୟନତାରା । ବଡ ବଡ କଳାକାରଙ୍କ ସହ କାମ କରିଥିବା ନୟନତାରା ଦୀର୍ଘ ଦିନ ଧରି ଇଣ୍ଡଷ୍ଟ୍ରିରେ କାମ କରିଆସୁଛନ୍ତି । ଏବେ ଏହି ଅଭିନେତ୍ରୀ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଗତ ଜୁନ୍ ୯ ତାରିଖରେ ନୟନତାରା ନିର୍ଦ୍ଦେଶକ ବିଘ୍ନେଶଙ୍କୁ ବିବାହ କରିଛନ୍ତି । ମହାବାଲିପୁରମର ଏକ ରିସୋର୍ଟରେ ଏହି ଗ୍ରାଣ୍ଡ ବିବାହ ଅନୁଷ୍ଠିତ ହୋଇଥିଲା । ଦେଶର ଅନେକ ବିଶିଷ୍ଟ ବ୍ୟକ୍ତି ଏହି ବିବାହରେ ସାମିଲ ହୋଇଥିଲେ । ବର ଏବଂ କନ୍ୟା ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନଙ୍କ ସହ ତାଙ୍କ ବଡ ବଡ କଳାକାରମାନଙ୍କୁ ଏହି ବିବାହ ନିମନ୍ତ୍ରଣ କରିଥିଲେ । ସୂଚନା ଅନୁଯାୟୀ ବିବାହ ପୂର୍ବରୁ ନୟନତାରା ଓ ବିଘ୍ନେଶଙ୍କ ୱେଡିଂ କାର୍ଡ ଭିଡିଓ ନିକଟ ବନ୍ଧୁ ବାନ୍ଧବଙ୍କ ପାଖକୁ ପଠାଇଥିଲେ । ଏହା ଏକ ଗ୍ରାଫିକାଲ ଭିଡିଓ, ଯେଉଁଥିରେ ନୟନତାରା ଓ ବିଘ୍ନେଶଙ୍କ ଭଳି ଦେଖାଯାଉଥିବା ବର କନିଆଁଙ୍କୁ ଦର୍ଶାଯାଇଥିଲା । ଏହି ଗ୍ରାଫିକ୍ସ ନିମନ୍ତ୍ରଣ କାର୍ଡକୁ ନୟନତାରା ନିଜ ଇନଷ୍ଟାଗ୍ରାମରେ ଶେଆର ମଧ୍ୟ କରିଥିଲେ । ତେବେ ଏହି ବିବାହକୁ ଅଧିକ ଲୋକଙ୍କୁ ଆମନ୍ତ୍ରିତ କରାଯାଇନଥିଲା ।

# ଏ ସପ୍ତାହର ଭାଗ୍ୟବିଚାର

**ମେଷ :** ସୋମବାର : ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ । ଶୁକ୍ର ଓ ଶନିବାର : ଶିକ୍ଷକଙ୍କର ସହଯୋଗ ପାଇବେ । ରବିବାର ପାରିବାରିକ ସୁଖ ମିଳିବ ।

**ବୃଷ :** ସୋମବାର : ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ । ଶୁକ୍ର ଓ ଶନିବାର : ଘରର ପରିବେଶ ଭଲ ରହିବ । ରବିବାର : ଲାଭବାନ ହେବେ ।

**ମିଥୁନ :** ସେମାବାର : ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ । ଶୁକ୍ର ଓ ଶନିବାର : ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି । ରବିବାର :ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ ।

**କର୍କଟ :** ସୋମବାର : ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ । ଶୁକ୍ର ଓ ଶନିବାର : ବ୍ୟବସାୟରେ ବିକ୍ରୀ ବଢ଼ିବ । ରବିବାର : ମନବାଞ୍ଛା ପୂର୍ଣ୍ଣ ହେବ ।

**ସିଂହ :** ସୋମବାର : ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ । ମଙ୍ଗଳ, ବୁଧ ଓ ଗୁରୁବାର : ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ । ଶୁକ୍ର ଓ ଶନିବାର : କିଛିନା କିଛି ଇଚ୍ଛା ପୂରା ହେବ । ରବିବାର : ନୂତନ କାର୍ଯ୍ୟରେ ଯୋଗଦେବେ ।

**କନ୍ୟା :** ସୋମବାର : କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ । ମଙ୍ଗଳ, ବୁଧ ଓ ଗୁରୁବାର : ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର ଓ ଶନିବାର : ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ । ରବିବାର : କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ ।

**ତୁଳା :** ସୋମବାର : ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ । ମଙ୍ଗଳ, ବୁଧ ଓ ଗୁରୁବାର : ବେକାରଙ୍କୁ ରୋଜଗାର ମିଳିବ । ଶୁକ୍ର ଓ ଶନିବାର : ବିଶେଷ କାମରେ ବାଧା ଉପୁଜିପାରେ । ରବିବାର : ହଠାତ୍ ଅସୁସ୍ଥ ଅନୁଭବ କରିବେ ।

**ବିଛା :** ସୋମବାର : ବ୍ୟବସାୟରେ ସବୁ ଭଲ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ । ଶୁକ୍ର ଓ ଶନିବାର : ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ । ରବିବାର : ବ୍ୟବସାୟରେ ଲାଭବାନ ହେବେ ।

**ଧନୁ :** ସୋମବାର : କୌଣସି କାମରେ ଅଧିକ ସମୟ ବ୍ୟୟ ହେବ । ମଙ୍ଗଳ, ବୁଧ ଓ ଗୁରୁବାର : ନୂଆ ଲୋକଙ୍କ ସହିତ ସଂପର୍କ ହେବ । ଶୁକ୍ର ଓ ଶନିବାର : କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ । ରବିବାର : ଅଯଥାରେ ସମୟ ଅତିବାହିତ ହେବ ।

**ମକର :** ସୋମବାର : ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ । ମଙ୍ଗଳ, ବୁଧ ଓ ଗୁରୁବାର : ଉପାର୍ଜନ ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : କାରବାରରେ ସଫଳତା ପାଇବେ । ରବିବାର : କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ ।

**କୁମ୍ଭ :** ସୋମବାର : ସାମାଜିକ କାର୍ଯ୍ୟରେ ସମୟ ଦେବେ । ମଙ୍ଗଳ, ବୁଧ ଓ ଗୁରୁବାର : ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ । ଶୁକ୍ର ଓ ଶନିବାର : ନୂଆ କାର୍ଯ୍ୟରେ ରୁଚି ବଢ଼ିବ । ରବିବାର : ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ ।

**ମୀନ :** ସୋମବାର : ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ । ମଙ୍ଗଳ, ବୁଧ ଓ ଗୁରୁବାର : ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ । ଶୁକ୍ର ଓ ଶନିବାର : ଆୟ ବୃଦ୍ଧି ହେବ । ରବିବାର : ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ ।

# ଆମ୍ବ ଖାଉଥିଲେ ସାବଧାନ, ଭୋଗିପାରନ୍ତି ଅସୁବିଧା

ଆମ୍ବକୁ କୁହାଯାଏ ଫଳ ଭିତରେ ରାଜା । ଆଉ ଏବେ ଚାଲିଛି ଆମ୍ବ ଋତୁ । ବଜାରରେ ଭଳି କି ଭଳି ଆମ୍ବର ପସରା ମେଲିଛି । ଆମ୍ବରେ ପ୍ରଚୁର ମାତ୍ରାରେ ପୋଷକ ତତ୍ତ୍ୱ ରହିଛି । ଭିଟାମିନ ଏ, ବି, ସି, ଓ ଇ ସହ ପୋଟାସିଆମ, ମାଗ୍ନେସିଅମ ଓ ଫାଇଭର ଅଛି । ତେବେ ଏହି ଆମ୍ବ ପାଟିକୁ ଯେତିକି ସୁଆଦିଆ ଲାଗେ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ହାନୀକାରକ ହୋଇପାରେ । ଆବଶ୍ୟକତା ଠାରୁ ଅଧିକ ମାତ୍ରାରେ ଆମ୍ବ ଖାଇଲେ ଆପଣ ଅସୁବିଧା ଭୋଗିପାରନ୍ତି । ତେଣୁ ଏଥିପ୍ରତି ସାବଧାନ ରହିବା ଉଚିତ ।

- ଯେଉଁମାନେ ଡାଇବେଟିସ ବା ମଧୁମେହ ରୋଗୀ, ସେମାନେ ସୀମିତ ମାତ୍ରାରେ ଆମ୍ବ ଖାଇବା ଉଚିତ । ଆମ୍ବରେ ପ୍ରାକୃତିକ ରୂପେ ଚିନି ରହିଛି । ଏହାକୁ ଅତ୍ୟଧିକ ଖାଇବା ଦ୍ୱାରା ରକ୍ତରେ ସୁଗାର ସ୍ତର ବଢ଼ିଯାଏ । ଫଳରେ ଆପଣଙ୍କୁ ସମସ୍ୟା ଭୋଗିବାକୁ ପଡ଼ିପାରେ ।
- ଆମ୍ବରେ ଅତ୍ୟଧିକ କ୍ୟାଲୋରୀ ରହିଛି । ଏହାକୁ ଅତ୍ୟଧିକ ମାତ୍ରାରେ ଖାଇବା ଦ୍ୱାରା ଓଜନ ବଢ଼ିବା ସମ୍ଭାବନା ଥାଏ । ଯେଉଁମାନେ ନିଜ ଓଜନ କମ୍ କରିବାକୁ ଚାହୁଁଛନ୍ତି, ସେମାନେ ଆମ୍ବ ଠାରୁ ଦୂରେଇ ରହିବା ଉଚିତ ।
- ଆମ୍ବ ଦେହକୁ ଗରମ ରଖିଥାଏ । ଖରାଦିନେ ଅଧିକ ମାତ୍ରାରେ ଆମ୍ବ ଖାଇବା ଦ୍ୱାରା ଶରୀରରେ ଗରମର ମାତ୍ରା ମଧ୍ୟ ବଢ଼ିଯାଏ । ଏଥିଯୋଗୁ ତ୍ୱଚାରେ ଗରମ ଘା’ ଓ ମୁହଁରେ ବ୍ରଣ ସମସ୍ୟା ସୃଷ୍ଟି ହୁଏ । ତେଣୁ ଗରମ ଦିନେ ଆମ୍ବକୁ ସୀମିତ ରୂପେ ଖାଇବା ଉଚିତ । ଆମ୍ବ ଖାଇବା ପୂର୍ବରୁ ଏହାର ଗରମ କମ୍ କରିବା ପାଇଁ ଏହାକୁ ପାଣିରେ ବୁଡାଇ ରଖିବା ଉଚିତ ।
- ପ୍ରଚୁର ମାତ୍ରାରେ ଫାଇବର ଆମ୍ବରେ ଥାଏ । ଫାଇଭର ହଜମ ପ୍ରକ୍ରିୟା ପାଇଁ ଲାଭଦାୟୀ । କିନ୍ତୁ ଅଧିକ ଆମ୍ବ ଖାଇଲେ ପେଟ ଜନିତ ସମସ୍ୟା ସୃଷ୍ଟି ହୋଇପାରେ । ଗ୍ୟାସ୍ ହୋଇପାରେ ଓ ହଜମ କ୍ରିୟାରେ ଗଡ଼ବଡ଼ ହୋଇପାରେ ।
- ଆମ୍ବକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଆଲର୍ଜି ସମସ୍ୟା ମଧ୍ୟ ସୃଷ୍ଟି ହୋଇପାରେ । ଏଥିଯୋଗୁ ଏହାକୁ ଅଧିକ ମାତ୍ରାରେ ଖାଇବାଠାରୁ ଦୂରେଇ ରୁହନ୍ତି । ଦିନରେ ଦୁଇରୁ ଅଧିକ ଆମ୍ବ ଖାଆନ୍ତୁ ନାହିଁ ।

## ମା’ରାଣ ଦେହକୁ ନେବେନି...



କିରିକେଟ ଖେଳ ଦେଖିବାକୁ କାଲି
ବାରବାଟୀ ମୁଁ ଗଲି...
ଇଣ୍ଡିଆର ଖେଳ ଦେଖିବାକୁ ସେଠି
ହେଲା ଯୋଉ ପେଲାପେଲି...
ଷ୍ଟାଡିଅମ ଗଲା ହଲି...
କଭରଡ୍ରାଇଭି କିସ ଦେଖିବି ମୁଁ..
ପିଠିକୁ କଭର କଲି...
ଖେଳରେ ବି ଏଠି ଦଲାଲି ରାଜୁତି
ଚାଲୁଥିବାର ଦେଖିଲି ...

- ସମ୍ବିତ ସେନାପତି

# ବୋଉର ରୋଷେଇ ଘର

## ଫୁଲକୋବି କୁରୁମା



**ଆବଶ୍ୟକ ସାମଗ୍ରୀ :** ଫୁଲ କୋବି, ବିନ୍ସ, ଗ୍ରୀନ୍ ମଟର, ଗାଜର, ଆଳୁ, ତେଲ, ପନିର, ଜିରା, ଗୋଟା ଧନିଆ, ଗୋଟା ଗରମ ମସଲା, କଟା ପିଆଜ, ଗୋଟା ରସୁଣ, ଅଦା, ଟମାଟୋ, କାଜୁ, ମଗଜ, ପୋସ୍ତ, କସ୍ତୁରୀ ମେଥି ଓ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ :** ଫୁଲ କୋବି, ବିନ୍ସ, ଗାଜର ଓ ଆଳୁକୁ କାଟି ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ । ଏବେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲେ ଫୁଲ କୋବି, ବିନ୍ସ, ଗାଜର ଓ ଆଳୁକୁ ପକାଇ ଅଳ୍ପ ଭାଜି ଦିଅନ୍ତୁ । ସେଥିରେ ଗ୍ରୀନ୍ ମଟର ମଧ୍ୟ ପକାନ୍ତୁ । ଏ ସବୁ ଭାଜି ହେଲା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପରେ କଟା ପନିରକୁ ମଧ୍ୟ ଭାଜି ଏକ ପାତ୍ରକୁ କାଢ଼ି ଦିଅନ୍ତୁ । କରେଇରେ ପୁଣି ତେଲ ଗରମ କରନ୍ତୁ । ସେଥିରେ ଜିରା, ଗୋଟା ଧନିଆ ଓ ଗୋଟା ଗରମ ମସଲା ପକାଇ ଦିଅନ୍ତୁ । ତା’ପରେ କଟା ପିଆଜ, ଗୋଟା ରସୁଣ ଓ ଅଦାକୁ ପକାଇ ଭାଜି ଦିଅନ୍ତୁ । କିଛି ସମୟ ପରେ ସେଥିରେ କଟା ଟମାଟୋ ପକାନ୍ତୁ । ଭଲ ଭାବେ ଭାଜି ପରେ ଏହି ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏବେ ଏହି ମସଲାରେ କାଜୁ, ମଗଜ ଓ ପୋସ୍ତ ମିଶାଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ତା’ପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହେବା ପରେ ସେଥିରେ ହଳଦି ଗୁଣ୍ଡ ଓ ଲଙ୍କା ଗୁଣ୍ଡ ପକାଇ ଗୋଳାଇ ଦିଅନ୍ତୁ । ଏହା ପରେ ସେଥିରେ ଗ୍ରାଇଣ୍ଡିଂ କରିଥିବା ମସଲାକୁ ପକାଇ ଅଳ୍ପ ସମୟ ପାଇଁ କଷନ୍ତୁ । କଷିଲା ବେଳେ ଅଳ୍ପ କସ୍ତୁରୀ ମେଥି ପକାଇ ଦିଅନ୍ତୁ । ପରେ ଭାଜି ରଖିଥିବା ପରିବାକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ । ଆବଶ୍ୟକ ଅନୁସାରେ ପାଣି ଦେଇ ଦିଅନ୍ତୁ । ତା’ସହିତ ସ୍ୱାଦ ଅନୁସାରେ ଲୁଣ ପକାଇ କରେଇକୁ ଢାଙ୍କି ଦିଅନ୍ତୁ । ପରିବା ସିଝି ଗଲା ପରେ କରେଇକୁ ତଳକୁ ଓହ୍ଲାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଭେଜ୍ କୋରମା ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର । ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି । ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ ।




# ଗିରଫ ହେଲେ ଗୁପ୍ତା ବ୍ରଦର୍ସ, ଦକ୍ଷିଣ ଆଫ୍ରିକାରେ ଲମ୍ବାଇ ଥିଲେ ଦୁର୍ନୀତିର ଚେର



**ନୂଆଦିଲ୍ଲୀ (ଏଜେନ୍ସି):** ଗିରଫ ହେଲେ ବହୁ ଚର୍ଚ୍ଚିତ ଗୁପ୍ତା ବ୍ରଦର୍ସ। ଦକ୍ଷିଣ ଆଫ୍ରିକାରେ ଦୁର୍ନୀତି ଅଭିଯୋଗରେ ଦୀର୍ଘ ଦିନ ଧରି ଫେରାର ଥିବା ଭାରତୀୟ ବ୍ୟବସାୟୀ ଗୁପ୍ତା ବ୍ରଦର୍ସଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସରେ ଗିରଫ କରାଯାଇଛି। ଦକ୍ଷିଣ ଆଫ୍ରିକା ସରକାର ସୋମବାର କହିଛନ୍ତି ଯେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ପୁଲିସ ଗୁପ୍ତ ପରିବାରର ରାଜେଶ ଗୁପ୍ତା ଏବଂ ଅତୁଲ ଗୁପ୍ତାଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ଇଣ୍ଟରପୋଲ ଏକ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରିଥିଲା। ଏବେ ଦକ୍ଷିଣ ଆଫ୍ରିକା ସରକାର ଉଭୟଙ୍କୁ ଆଣିବାକୁ ଚେଷ୍ଟା କରୁଛି। ଗୁପ୍ତା ବ୍ରଦର୍ସ ପ୍ରାୟ ୨୪ ବର୍ଷ ପୂର୍ବେ ବ୍ୟବସାୟ କରିବା ପାଇଁ ସହାରନପୁରରୁ ଦକ୍ଷିଣ ଆଫ୍ରିକା ଯାଇଥିଲେ। ତା'ପରେ ସେଠାରେ ତାଙ୍କର ବ୍ୟବସାୟ ଏପରି ବଢ଼ିଲା ଯେ ସେ ସେହି ଦେଶର ଶ୍ରେଷ୍ଠ ଧନୀ ବ୍ୟବସାୟୀଙ୍କ ମଧ୍ୟରୁ ଜଣେ ପାଲଟି ଗଲେ। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଜ୍ୟାକବ ଜୁମାଙ୍କ ସହ ଗୁପ୍ତା ବ୍ରଦର୍ସଙ୍କ ଭଲ ସମ୍ପର୍କ ଥିଲା। ଏହାର ଲାଭ ଉଠାଉଥିଲେ ସେମାନେ ଏବଂ ବରିଷ୍ଠ ସ୍ତରରେ ଯେଉଁ ସବୁ ନିଯୁକ୍ତ ହେଉଥିଲା ସେଥିରେ ମଧ୍ୟ ଗୁପ୍ତା ବ୍ରଦର୍ସଙ୍କ ବଡ ଭୂମିକା ରହୁଥିବା ଅଭିଯୋଗ ରହିଛି। ଦକ୍ଷିଣ ଆଫ୍ରିକା ଦୁର୍ନୀତି ସମ୍ପର୍କିତ ଏକ ରିପୋର୍ଟରେ ସ୍ପଷ୍ଟ କରିଛି ଯେ, ସରକାରୀ ଅର୍ଥକୋଷରୁ କୋଟି କୋଟି ଟଙ୍କା ଲୁଟିବା ପରେ ଦେଶ ଛାଡି ପଳାଇଥିବା ଗୁପ୍ତା ବ୍ରଦର୍ସଙ୍କ ମାଲିକାନାରେ ଥିବା ଖବରକାଗଜ 'ଦି ନ୍ୟୁ ଏଜ୍'କୁ ପୂର୍ବତନ ରାଷ୍ଟ୍ରପତି ଜ୍ୟାକବ ଜୁମାଙ୍କ ତରଫରୁ ସହାୟତା ପଠାଯାଇଥିଲା। ୨୦୧୮ରେ ଦକ୍ଷିଣ ଆଫ୍ରିକା ଛାଡିବା ପୂର୍ବରୁ ଗୁପ୍ତା ବ୍ରଦର୍ସ ୧୫ ବିଲିଅନ୍ ଆଫ୍ରିକୀୟ ମୁଦ୍ରା ଲୁଟି ନେଇଥିବା ଅଭିଯୋଗ ରହିଛି। ଏବେ ଏମାନଙ୍କୁ ଦକ୍ଷିଣ ଆଫ୍ରିକା ଆଣିବା ପାଇଁ ଯୋଜନା ଚାଲିଛି। ମୂଳ ରୂପେ ଉତ୍ତରପ୍ରଦେଶର ସହାରନପୁରରେ ରହୁଥିବା ତିନି ଗୁପ୍ତା ବ୍ରଦର୍ସ ଅଜୟ, ଅତୁଲ ଓ ରାଜେଶ ୧୯୯୦ରେ ଦକ୍ଷିଣ ଆଫ୍ରିକାରେ ଏକ ଜୋତା ଷ୍ଟୋର ଖୋଲିଥିଲେ। ଏହାପରେ ପୂରା ପରିବାର ଯାଇ ସେଠାରେ ସ୍ଥାୟୀ ଭାବେ ବସବାସ କରିବା ଆରମ୍ଭ କରିଥିଲେ। ପରେ ଗୁପ୍ତା ପରିବାର ଆଇଟି, ମିଡିଆ ଓ ଖନନ କମ୍ପାନୀ ଖୋଲିଥିଲା। ଗୁପ୍ତା ବ୍ରଦର୍ସଙ୍କ ଦୁର୍ନୀତି କାରବାରରେ ବ୍ୟାଙ୍କ ଅଫ୍ ବରୋଦାଙ୍କ ନାମ ମଧ୍ୟ ଉଠିଥିଲା। ଦକ୍ଷିଣ ଆଫ୍ରିକାରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହେବାପରେ ବ୍ୟାଙ୍କ ଅଫ୍ ବରୋଦା ତାଙ୍କୁ ସାହାଯ୍ୟ କରିଥିବା ଜଣା ପଡିଥିଲା।

# ମାସ୍କ ପିନ୍ଧି ନଥିଲେ ବିମାନ ଯାତ୍ରା ମନା



**ନୂଆଦିଲ୍ଲୀ(ଏଜେନ୍ସି):** ଏଣିକି ବିମାନବନ୍ଦର ଓ ବିମାନ ଭିତରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ମାସ୍କ ନପିନ୍ଧିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ମହାମାରୀ କରୋନା ତାର ପ୍ରକୋପ ପୁଣି ଥରେ ଜାହିର କରୁଥିବାରୁ ଯାତ୍ରୀଙ୍କୁ ସାବଧାନ ରହିବାକୁ ସତର୍କ କରାଯାଇଛି। ଯେଉଁ ଯାତ୍ରୀ ମାସ୍କ ପିନ୍ଧିବାକୁ ଅମଙ୍ଗ ହେବା ତାଙ୍କୁ ଯାତ୍ରା ପାଇଁ ବାରଣ କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ମାସ୍କ ବ୍ୟବହାରକୁ ନେଇ ଚେକିଂ ଦାୟିତ୍ୱ ସିଆଏସଏଫଙ୍କୁ ଦିଆଯାଇଛି। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଭଳି ଆକ୍ସନ ମୁଡକୁ ଆସିଛି ଡିଜିସିଏ। ଏ ସମ୍ପର୍କରେ ଆଜି ଡିଜିସିଏ ପକ୍ଷରୁ ଏକ ନୋଟିସ ଜାରି କରାଯାଇଛି। ସେଥିରେ ଏୟାରଲାଇନ୍ ଉଦ୍ଦେଶ୍ୟରେ କୁହାଯାଛି ଯେ, ଯେଉଁ ଯାତ୍ରୀମାନେ ବାରମ୍ବାର କହିବା ସତ୍ତ୍ୱେ ମାସ୍କ ପିନ୍ଧୁ ନାହାନ୍ତି କିମ୍ବା ଅମାନିଆ ହେଉଛନ୍ତି ସେମାନଙ୍କୁ ବିମାନ ଯାତ୍ରାରେ ବାରଣ କରାଯାଉ। ସେହିପରି ମାସ୍କ ସମ୍ପର୍କରେ ସଚେତନତା ପାଇଁ ଏୟାରପୋର୍ଟ ଅପରେଟରମାନଙ୍କୁ ବାରମ୍ବାର ଘୋଷଣା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ବିନା ମାସ୍କରେ ଥିବା ଯାତ୍ରୀଙ୍କଠାରୁ ଜରିମାନା ଆଦାୟ ପାଇଁ କୁହଯାଇଛି।

ପୂର୍ବରୁ ଗତ ଜୁନ ୩ ତାରିଖରେ ବିମାନବନ୍ଦର ଏବଂ ବିମାନ ଭିତରେ ମାସ୍କ ପିନ୍ଧିବା ନିୟମ କଡ଼ାକଡ଼ି ପାଳନ କରିବାକୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜଣିକିଆ ଖଣ୍ଡପୀଠ ତଥା ମୁଖ୍ୟ ବିଚାରପତି ଏସିଜେ ବିପିନ୍ ସିଙ୍ଘାଇ କହିଥିଲେ ଯେ, ମାସ୍କ ନପିନ୍ଧିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ଅମାନିଆଙ୍କ ବିରୋଧରେ ଅତ୍ୟଧିକ ପରିମାଣରେ ଜରିମାନା ଲାଗୁ କରିବାକୁ କୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିୟମକୁ କାର୍ଯ୍ୟକାରୀ କରାଯିବା ଉଚିତ ବୋଲି କୋର୍ଟ କହିଛନ୍ତି। ଆବଶ୍ୟକ ପଡ଼ିଲେ ନିୟମ ଉଲ୍ଲଙ୍ଘନକାରୀଙ୍କୁ ବିମାନ ଭିତରୁ ବାହାର କରି ଦିଆଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପ୍ରତି ଦେଶରେ ପୁଣି କରୋନା ସଂକ୍ରମଣକୁ ଦେଖି ଏଭଳି ନିଷ୍ପତ୍ତି ନିଆଯାଇଛି।

# ମୋବାଇଲରେ ଗେମ୍ ଖେଳିବାକୁ ମନା କରିବାରୁ ମା'ଙ୍କୁ ଗୁଳି କରିଦେଲା ପୁଅ





**ଲକ୍ଷ୍ନୌ(ଏଜେନ୍ସି):** ମୋବାଇଲରେ ଗେମ ଖେଳିବାକୁ ମନା କରିବାରୁ ମା'ଙ୍କୁ ଗୁଳି କରି ହତ୍ୟା କରିଛି ନାବାଳକ ପୁଅ। ୧୬ ବର୍ଷ ପିଲାଟି ତା' ବାପାଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକକୁ ଗୁଳି ଚଳାଇ ଏପରି ଜଘନ୍ୟ କାଣ୍ଡ ଘଟାଇଛି। ଖାଲି ସେତିକି ନୁହେଁ, ମୃତଦେହ ସହ ସେ ପ୍ରାୟ ୩ ଦିନ ନିଜ ସାନ ଭଉଣୀ ସହ ଗୋଟିଏ ଘରେ ସମୟ ବିତାଇଛି। ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଘଟିଥିବା ଏହି ଘଟଣା ସାମ୍ନାକୁ ଆସିବା ପରେ ମୋବାଇଲ ଗେମର ଭୟବହତାକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି।

ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ନାବାଳକ ଜଣଙ୍କ ୪୦ ବର୍ଷୀୟ ମା' ସାଧନା ଓ ୯ ବର୍ଷର ସାନ ଭଉଣୀ ସହ ଲକ୍ଷ୍ନୌର ପିଆଜି ଅଞ୍ଚଳରେ ଥିବା ଆଲଡିକୋ କଲୋନୀରେ ରୁହନ୍ତି। ବାପା ଜଣେ ସେନା କର୍ମଚାରୀ ଓ ସେ କୋଲକାତାରେ ପୋଷ୍ଟିଂ ପାଇଛନ୍ତି। ନାବାଳକ ଜଣଙ୍କ ମୋବାଇଲରେ ସବୁଦିନ ଭଳି ରବିବାର ସନ୍ଧ୍ୟାରେ ମଧ ଗେମ୍ ଖେଳିବା ଆରମ୍ଭ କରିଥିଲା। କିନ୍ତୁ ସବୁବେଳେ ସେ ଗେମ ଖେଳୁଥିବାରୁ ସେଦିନ ମା' ସାଧନା ତା'କୁ ଆକଟ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବେଶ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଗି ଯାଇ ନାବାଳକ ଜଣଙ୍କ ତୁରନ୍ତ ଘରେ ଥିବା ବାପାଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଆଣିଥିଲେ। ଏହାପରେ ସେ ମା'ଙ୍କ ଉପରୁ ଗୁଳି ଚଳାଇ ଦେଇଥିଲା। ଗୁଳି ସିଧା ସାଧନାଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୁଲିସ କହିଛି। ଘଟଣା ପରେ ନାବାଳକ ଜଣଙ୍କ ମା'ଙ୍କ ମୃତଦେହକୁ ଘର ଭିତରେ ଲୁଚାଇ ଦେଇଥିଲା। ଏଥିସହ ନିଜର ୯ ବର୍ଷର ଭଉଣୀ ସହ ଆଉ ଗୋଟିଏ ରୁମରେ ରହିବା ଆରମ୍ଭ କରିଥିଲା। ସମୟ ବିତିବାରୁ ମୃତଦେହରୁ ଦୁର୍ଗନ୍ଧ ବାହାରିଥିଲା। ଏହାକୁ ଲୁଚାଇବା ପାଇଁ ସେ ନିୟମିତ ଭାବେ ରୁମ ସ୍ପ୍ରେ ମଧ ବ୍ୟବହାର କରୁଥିଲା। ଉଭଣୀକୁ ଘଟଣା ବିଷୟରେ କାହାକୁ କିଛି ନକହିବାକୁ ସେ ଧମକ ବିଦେଇଥିଲା। କିନ୍ତୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥିତି ଅସହ୍ୟ ହେବାରୁ ସେ କୋଲକାତାରେ ରହୁଥିବା ବାପାଙ୍କୁ ଫୋନ କରି ମିଛି କାହାଣୀ ରଚନା କରିଥିଲା। ଘରକୁ କାମ କରିବାକୁ ଆସିଥିବା ଜଣେ ଇଲେକ୍ଟ୍ରିସିଆନ ମା'ଙ୍କୁ ଗୁଳି କରି ହତ୍ୟା କରିଥିବା ସେ ଫୋନରେ କହିଥିଲା। ସେ ପୁଅର କଥାକୁ ବିଶ୍ୱାସ କରି ପୁଲିସକୁ ମଧ ସମାନ କଥା କହିଥିଲେ। ତେବେ ପୁଲିସ୍ ତଦନ୍ତ ବେଳେ ନାବାଳକ ଜଣଙ୍କ ମିଛ କହୁଥିବା ଜାଣିବାକୁ ପାଇଥିଲା। ପ୍ରାୟ ଅଢ଼େଇ ଘଣ୍ଟାର ଜେରା ପରେ ନାବାଳକ ଜଣକ ନିଜର ଅପରାଧ ସ୍ୱୀକାର କରିଥିଲା। ଏଥିସହ କାହିଁକି ସେ ଏପରି କାଣ୍ଡ ଘଟାଇଲା ସେକଥା ମଧ କହିଥିଲା ବୋଲି ଲକ୍ଷ୍ନୌ ପୁଲିସ୍ ପକ୍ଷରୁ କୁହାଯାଇଛି।

# ଲାଲୁ ପ୍ରସାଦଙ୍କୁ ୬୦୦୦ ଟଙ୍କା ଜରିମାନା



**ଝାଡ଼ଖଣ୍ଡ(ଏଜେନ୍ସି):** ନିର୍ବାଚନ ପ୍ରଚାର ବେଳେ ନିର୍ବାଚନ ଆଚରଣ ସଂହିତା ଉଲ୍ଲଂଘନ କରିଥିବାରୁ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ ଆଜି ୬୦୦୦ ଟଙ୍କା ଜରିମାନା କରାଯାଇଛି। ୨୦୦୦୯ ବିଧାନସଭା ନିର୍ବାଚନରେ ଲାଲୁ ଝାଡ଼ଖଣ୍ଡର ପାଲାମୁ ଜିଲ୍ଲାରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିଲେ। ଆଜି ଝାଡ଼ଖଣ୍ଡର ଏକ କୋର୍ଟରେ ଚୂଡ଼ାନ୍ତ ଶୁଣାଣି ହୋଇ ଲାଲୁଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଛି। କୋର୍ଟରେ ଲାଲୁ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ଫଳରେ କୋର୍ଟ ତାଙ୍କୁ ୬୦୦୦ ଟଙ୍କା ଫାଇନ ପୈଠ ପାଇଁ ନିର୍ଦ୍ଦେଶ ଦେବା ସହ ମାମଲାର ଅବସାନ ଘଟାଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୦୯ ସାଧାରଣ ନିର୍ବାଚନ ବେଳେ ଲାଲୁ ଝାଡ଼ଖଣ୍ଡର ପାଲାମୁକୁ ହେଲିକପ୍ଟରରେ ପ୍ରଚାର ପାଇଁ ଯାଇଥିଲେ। ହେଲେ ଲାଲୁଙ୍କ ହେଲିକପ୍ଟରଟି ଗଢ଼ୱାରେ ଏକ ଶସ୍ୟ କ୍ଷେତରେ ଅବତରଣ କରିଥିଲା। ମେଦିନନଗରରେ ହୋଇଥିବା ହେଲି ପ୍ୟାଡରେ ଅବତରଣ କରିବା ବଦଳରେ ତାଙ୍କ ହେଲିକପ୍ଟରଟି ଏକ ଶସ୍ୟ କ୍ଷେତରେ ଅବତରଣ କରିଥିଲା। ପାଇଲଟଙ୍କ ଭୁଲ ଯୋଗୁ ଏଭଳି ଘଟଣା ଘଟିଲା। ଏନେଇ ଆଇପସି ଧାରା ୧୮୮, ୨୭୯,୨୯୦ ଏବଂ ୧୨୭ ଧାରାରେ ମାମଲା ରୁଜୁ ହୋଇଥିଲା। ଲାଲୁ ପ୍ରସାଦଙ୍କ ଓକିଲ ପ୍ରଭାତ କୁମାରଙ୍କ କହିବା ଅନୁଯାୟୀ ମାମଲାଟି ପ୍ରଥମେ ରାଞ୍ଚି ଓ ପରେ ମେଦିନି ନଗରକୁ ସ୍ଥାନାନ୍ତର ହୋଇଥିଲା। ତେବେ କୋର୍ଟ ବାହାରେ ଲାଲୁଙ୍କ ସମର୍ଥକମାନେ ଏକାଠି ହୋଇଥିଲେ। ହେଲେ କୋର୍ଟଙ୍କ ରାୟ ଆସିବା ପରେ ତାଙ୍କ ସମର୍ଥକମାନେ ଏହାକୁ ସ୍ୱାଗତ କରିଛନ୍ତି। ପାଲାମୁ ଜିଲ୍ଲାର ଆରଜେଡି ସଭାପତି ରାମନାଥ କହିଛନ୍ତି ଯେ, ଲାଲୁ ପ୍ରସାଦ ଖୁବ ଶୀଘ୍ର ପାଟନା ଅଭିମୁଖେ ଯାତ୍ରା କରିବେ।

# ଆଇନ ଅଦାଲତ

## ହାତୀଙ୍କ ସୁରକ୍ଷା ପାଇଁ ଜନସ୍ୱାର୍ଥ ମାମଲା

## ଆବେଦନକାରୀ କହିଲେ- ଆସାମ ଢାଞ୍ଚା ଲାଗୁ କରାଯାଉ



**କଟକ(ଏନ୍.ଏମ୍.):** କଟକ ନରସିଂହପୁର ଜଙ୍ଗଲରେ ଗୁଳିବିଦ୍ଧ ଦନ୍ତାହାତୀ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଏହାକୁ ନେଇ ବେଶ୍ ଚିନ୍ତିତ ହୋଇ ପଡ଼ିଛନ୍ତି ପଶୁପ୍ରେମୀ। ହାତୀମାନଙ୍କ ସୁରକ୍ଷା ଚିନ୍ତା ଏବେ ସେମାନଙ୍କୁ ଘାରିଥିବା ବେଳେ ଏନେଇ ହାଇକୋର୍ଟରେ ରୁଜୁ ହୋଇଛି ଜନସ୍ୱାର୍ଥ ମାମଲା। ରାଜ୍ୟରେ ହାତୀ ସମେତ ଅନ୍ୟ ବନ୍ୟଜନ୍ତୁ ଶିକାର ବଢି ଚାଲିଥିବାରୁ ଏହା ଉଦବେଗଜନକ ବିଷୟ ବୋଲି ଆବେଦନକାରୀ ଗୀତା ରାଉତ ଉଲ୍ଲେଖ କରିଛନ୍ତି। ସେ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି, ନରସିଂହପୁର ସଂରକ୍ଷିତ ଜଙ୍ଗଲରେ ଗୁଳିମାଡର ଶିକାର ହାତୀ କଷ୍ଟ ପାଉଥିବା ବେଳେ ରାଜ୍ୟ ସରକାର ଓ ବନ ବିଭାଗ ଚିନ୍ତିତ ନ ଥିବା ଭଳି ଲାଗୁଛି । ଆସାମ ଢାଞ୍ଚାରେ ଓଡିଶାରେ ମଧ ଆଇନର ସଂଶୋଧନ କରାଯିବାକୁ ଆବେଦନ କରିଛନ୍ତି ଗୀତା। ଏପରିକି ବନ୍ୟଜନ୍ତୁ ଶିକାର ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଗୁହାରୀ ଜଣାଇଛନ୍ତି। ଗତ ୫ବର୍ଷ ଭିତରେ ବନ୍ୟଜନ୍ତୁ ବିଶେଷ କରି ହାତୀଙ୍କ ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ ସରକାରଙ୍କ ନିକଟରୁ ଜବାବ ତଲବ କରାଯାଉ। କେତେଜଣ ଅଭିଯୁକ୍ତଙ୍କୁ ହାତୀ ଶିକାର ପାଇଁ ଗିରଫ କରାଯାଇଛି, ସେ ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଏହି ମାମଲାରେ ଜଙ୍ଗଲ ଓ ପରିବେଶ ବିଭାଗ ସଚିବ, ପ୍ରମୁଖ ବନ ସଂରକ୍ଷକ, ରାଜ୍ୟ ମୁଖ୍ୟ ସଚିବ, ପୁଲିସ ମହାନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ନରସିଂହପୁରର ପଶ୍ଚିମ ବନାଞ୍ଚଳ ଅନ୍ତର୍ଗତ ଜୟପୁର ସଂରକ୍ଷିତ ଜଙ୍ଗଲରେ ଗୁଳିବିଦ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିବା ଦନ୍ତାହାତୀ ମୃତ୍ୟୁ ସହ ସଂଗ୍ରାମ କରୁଛି। ହାତୀର ମୁଣ୍ଡ, ଗୋଡ଼, କାନ, କାନ୍ଧ ଓ ପେଟରେ ୬ଟି ଗୁଳି ବାଜିଥିବାବେଳେ ଗୋଡ଼ରେ ସେପ୍ଟିସେମିଆ ହୋଇଯାଇଛି। ଯନ୍ତ୍ରଣାରେ ଛଟପଟ ହାତୀଟି ଭୋକ ଉପାସରେ ପଡି ରହିଥିବାରୁ ତାକୁ ଖାଇବାକୁ ଆମ୍ବ ଓ ଗଛର ଡାଳ ଦିଆଯାଉଛି। ସାତକୋଶିଆ ଅଭୟାରଣ୍ୟରୁ ଆସିଥିବା ପ୍ରାଣୀ ବିଶେଷଜ୍ଞ ଓ ନନ୍ଦନକାନନରୁ ଆସିଥିବା ଟିମ୍ ହାତୀକୁ ଚିକିତ୍ସା କରୁଛନ୍ତି। ବୁଧବାର ପିସିସିଏଫ ଶଶୀ ପଲ ଘଟଣାସ୍ଥଳକୁ ଯାଇ ହାତୀର ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ହାତୀ ଦେହରେ ଥିବା କ୍ଷତ ୧୫ ଦିନ ତଳର ବୋଲି ଡାକ୍ତରୀ ଟିମ୍ କହିଛନ୍ତି। ଏହି ଘଟଣା ପାଇଁ ଯିଏ ଦାୟୀ, ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିସିସିଏଫ କହିଛନ୍ତି।

## ଥମୁନି ଷ୍ଟାର ଦମ୍ପତିଙ୍କ ପାରିବାରିକ ବିବାଦ ମାମଲା

## ପୁଣି ଆଉ ଏକ ମାମଲା ରୁଜୁ କଲେ ବର୍ଷା

**କଟକ(ଏନ୍.ଏମ୍.):** ସାଂସଦ ଅନୁଭବ ଓ ପତ୍ନୀ ବର୍ଷା ପାରିବାରିକ ବିବାଦ ମାମଲା ଥମିବାରେ ନାଁ ନେଉ ନାହିଁ। ପୁଣି ଆଉ ଏକ ମାମଲା କଟକ ଜେଏମଏଫସି କୋର୍ଟରେ ରୁଜୁ କରିଛନ୍ତି ବର୍ଷା। ଅନୁଭବ ତାଙ୍କର ସମ୍ମାନ ହାନି କରୁଥିବା ପିଟିସନରେ ଉଲ୍ଲେଖ କରିଛନ୍ତି ବର୍ଷା। ସାମାଜିକ ଗଣମାଧ୍ୟମରେ ଅନୁଭବ ବିଭିନ୍ନ ପୋଷ୍ଟ ଜରିଆରେ ତାଙ୍କ ସମ୍ମାନ ହାନି କଲା ପରି ମନ୍ତବ୍ୟ ଦେଉଥିବାରୁ ପୁଣି କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ବର୍ଷା। ପୂର୍ବରୁ ବର୍ଷାଙ୍କୁ ଅନୁଭବଙ୍କ ଘର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସାଂସଦ ଅନୁଭବ ମହାନ୍ତି, ବର୍ଷାଙ୍କ ଆକାଉଣ୍ଟରେ ୩୦ ହଜାର ଟଙ୍କା ଜମା କରିସାରିଛନ୍ତି । ପ୍ରତି ମାସ ୧୦ ତାରିଖ କିମ୍ବା ଏହାର ପୂର୍ବରୁ ବର୍ଷାଙ୍କ ଆକାଉଣ୍ଟରେ ୩୦ ହଜାର ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଅନୁଭବଙ୍କ ବାପାଙ୍କ ଦେହ ଅସୁସ୍ଥ ଥିବାରୁ ବର୍ଷା, ଅନୁଭବଙ୍କ ପୈତୃକ ଘରେ ନରହିବାକୁ କୋର୍ଟରେ ଆବେଦନ କରିଥିଲେ। ତେବେ ଦୁଇ ମାସ ମଧ୍ୟରେ ବର୍ଷା ଅନୁଭବଙ୍କ ପୈତୃକ ଘର ଛାଡ଼ି ଅନ୍ୟତ୍ର ରହିବେ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି।

## ସୋନିଆଙ୍କୁ ଇଡି ସମନ



**ନୂଆଦିଲ୍ଲୀ (ଏଜେନ୍ସି):** ନ୍ୟାସନାଲ ହେରାଲଡ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଏବେ ଅଡୁଆରେ। ତାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ନୂଆ ସମନ ଜାରି କରାଯାଇଛି। ଏହି ସମନରେ ସୋନିଆଙ୍କୁ ଆସନ୍ତା ୨୩ ତାରିଖରେ ହାଜର ହେବାକୁ କୁହାଯାଇଛି। ପୂର୍ବରୁ ତାଙ୍କୁ ଗତ ୮ତାରିଖରେ ହାଜର ହେବାକୁ କୁହାଯାଇଥିଲା। ତେବେ କରୋନାରେ ସଂକ୍ରମିତ ହେବା ଯୋଗୁଁ ସେ ହାଜର ହୋଇପାରିନଥିଲେ। ହାଜର ହେବା ପାଇଁ କଂଗ୍ରେସ ଅଧକ୍ଷା ଇଡିକୁ ୩ ସପ୍ତାହ ମାଗିଥିଲେ।

## ଜଣେ ଆଇପିଏସ୍ ଓ ୩ ପୁଲିସ୍ ଅଧିକାରୀଙ୍କୁ ମିଳିଲା ଜେଲ ଦଣ୍ଡ



**ହାଇଦ୍ରାବାଦ (ଏଜେନ୍ସି):** ଗୋଟିଏ ବିରଳ ଘଟଣାକ୍ରମରେ ତେଲେଙ୍ଗାନା ହାଇକୋର୍ଟ ୪ଜଣ ପୁଲିସ ଅଧିକାରୀଙ୍କୁ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜେଲ ଦଣ୍ଡ ପାଇଥିବା ୪ ପୁଲିସ କର୍ମଚାରୀଙ୍କ ମଧ୍ୟରେ ଜଣେ ଆଇପିଏସ୍ ମଧ ରହିଛନ୍ତି। ଏହି ପୁଲିସ୍ ଅଧିକାରୀମାନେ ଗୋଟିଏ ଯୌତୁକ ନିର୍ଯାତନା ମାମଲାରେ ନିଜ ଇଚ୍ଛା ଅନୁସାରେ ତଦନ୍ତ କରିବା ସହ ଗୋଟିଏ ପକ୍ଷଙ୍କୁ ହଇରାଣ କରୁଥିଲେ। ଏଥିପାଇଁ ତେଲେଙ୍ଗାନା ହାଇକୋର୍ଟ ସେମାନଙ୍କୁ ୪ ସପ୍ତାହର ଜେଲ ଦଣ୍ଡ ଦେଇଛନ୍ତି। ଏଥିସହ ହାଇକୋର୍ଟ ହାଇଦ୍ରାବାଦ ପୁଲିସ୍ କମିଶନରଙ୍କୁ ୪ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ କହିଛନ୍ତି। ଏହାବାଦ ସମସ୍ତଙ୍କୁ ୨ ହଜାର ଟଙ୍କା ଲେଖାଏ ଜୋରିମାନା ଦେବାକୁ ମଧ କୁହାଯାଇଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଆଇପିଏସ୍ ଏଆର ଶ୍ରୀବାସ୍ତବ ହାଇଦ୍ରାବାଦ ଆଡିସନାଲ କମିଶନର(କ୍ରାଇମ) ଭାବେ କାମ କରୁଛନ୍ତି। ସେହିପରି ବଞ୍ଜାରା ହିଲ୍ସର ଆସିସଷ୍ଟାଣ୍ଟ କମିଶନର ଏମ ସୁଦର୍ଶନ, ଜୁବିଲ ହିଲ୍ସ ସର୍କଲ ଇନସପେକ୍ଟର ଏସ୍. ରାଜଶେଖର ରେଡ୍ଡୀ ଓ ସବ ଇନସପେକ୍ଟର ନରେଶଙ୍କୁ କୋର୍ଟ ଦଣ୍ଡ ବିଧାନ କରିଛନ୍ତି। ବୈବାହିକ ବିବାଦ ମାମଲାର ତଦନ୍ତ କରିବାବେଳେ ପୁଲିସ୍ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ ଉଲ୍ଲଙ୍ଘନ କରିଥିବାରୁ ହାଇକୋର୍ଟର ବିଚାରପତି ଜଷ୍ଟିସ ଜି. ରାଧାରାଣୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁଲିସ୍ ଏକ ପାଖିଆ ତଦନ୍ତ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କ ବିରୋଧରେ ଲୁକ ଆଉଟ ସର୍କ୍ୟୁଲାର(ଏଲଓସି) ଜାରି କରିଥିଲା। ହେଲେ ଏହି ସମୟରେ ବୈବାହିକ ତଥ୍ୟକୁ ଗୁରୁତ୍ୱ ଦେଇ ନଥିଲେ। ତେଣୁ ଜଷ୍ଟିସ ଜି. ରାଧାରାଣୀ ପୁଲିସକୁ ତୀବ୍ର ସମାଲୋଚନା କରିଛନ୍ତି। ବର୍ତ୍ତମାନ ବ୍ୟାଙ୍କଙ୍କରେ ରହୁଥିବା ଜୁବଲି ହିଲ୍ସର ମୂଳ ବାସିନ୍ଦା ଜାକ୍କା ବିନୋଦ କୁମାର ରେଡ୍ଡୀ(୪୯) ଓ ତାଙ୍କ ମା' ସୌଜନ୍ୟା ରେଡ୍ଡୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ଦେଇଛନ୍ତି। ବିନୋଦ ୨୦୧୧ରେ ସୁମନା ପିଙ୍କୁ ବିବାହ କରିଥିଲେ। ଏହା ଉଭୟଙ୍କର ଦ୍ୱିତୀୟ ବିବାହ ଥିଲା। ତେବେ ବିବାଦ କାରଣରୁ ବିନୋଦ ଓ ସୁମନା ଅଲଗା ହୋଇ ଯାଇଥିଲେ। ୨୦୧୪ ଜୁଲାଇରୁ ସେମାନେ ଅଲଗା ଅଲଗା ରହୁଛନ୍ତି। ବିବାଦ ଉପୁଜିବାରୁ ସୁମନା ଯୌତକ ନିର୍ଯାତନା ମାମଲା କରିଥିଲେ। ପୁଲିସ୍ ଏକପାଖିଆ ତଦନ୍ତ କରିବାରୁ ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟରେ ବିନୋଦଙ୍କ ଓକିଲ କହିଥିଲେ ଯେ ବିନୋଦଙ୍କ ପ୍ରଥମ ପତ୍ନୀ ଗୋଟିଏ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ଝିଅଟି ବିନୋଦଙ୍କ ପାଖରେ ହିଁ ରହୁଛନ୍ତି। ତା'ର ଭବିଷ୍ୟତ ପାଇଁ ସେ ବ୍ୟାଙ୍କଙ୍କ ଯିବା ସହ ଝିଅକୁ ସେଠାରେ ବ୍ୟାଡମିଣ୍ଟନ ତାଲିମ ଦେଇଥିଲେ। ବର୍ତ୍ତମାନ ତାଙ୍କ ଝିଅ ଜୁନିୟର ବର୍ଗରେ ବିଶ୍ୱର ୨ ନମ୍ବର ଖେଳାଳି। ଭାରତ ପାଇଁ ସେ ଗର୍ବ ଆଣିଛନ୍ତି। ବିନୋଦଙ୍କ ମା' ମଧ ବ୍ୟାଙ୍କଙ୍କରେ ରହୁଛନ୍ତି। ବିନୋଦଙ୍କ ବେଙ୍ଗାଲୁରୁ ସମ୍ପତ୍ତି ନେବାକୁ ସୁମନା ଉଦ୍ୟମ କରିବାରୁ ସେ ମାମଲା କରିଥିଲେ। ଜୁବିଲ ହିଲ୍ସ ପୁଲିସ ଇନସପେକ୍ଟର ବେଙ୍ଗାଲୁରୁରେ ଥିବା ସବ୍ ରେଜିଷ୍ଟ୍ରାର୍ସଙ୍କୁ ୫ଟି ଚିଠି ଲେଖି ବିନୋଦଙ୍କ ସମ୍ପତ୍ତି ଯେମିତି ବିକ୍ରି ହୋଇ ପାରିବ ନାହିଁ, ତା'ର ବ୍ୟବସ୍ଥା କରିବାକୁ କହିଥିଲେ। ଏସବୁ ଭିତରେ ସୁମନା ୨୦୧୯ରେ ବିନୋଦ, ତାଙ୍କ ମା' ଓ ଭଉଣୀଙ୍କ ବିରୋଧରେ ଯୌତୁକ ନିର୍ଯାତନା ଓ ଘରୋଇ ହିଂସାର ମାମଲା ରୁଜୁ କରିଥିଲେ। ନିୟମ ଅନୁଯାୟୀ, ପୁଲିସ୍ ସିଆରପିସିର ସେକସନ ୪୧-ଏରେ ନୋଟିସ କରିବା କଥା। କିନ୍ତୁ ପୁଲିସ୍ ସେ ଭଳି କିଛି କରି ନଥିଲା। ବିନୋଦ ଓ ତାଙ୍କ ମା' ବ୍ୟାଙ୍କଙ୍କରେ ଥିବା ପୁଲିସ୍ ଭଲ ଭାବେ ଜାଣିଥିଲେ ମଧ ତତ୍କାଳୀନ ପଶ୍ଚିମ ଜୋନ ଡିସିପି ଥିବା ଆଇପିଏସ୍ ଶ୍ରୀନିବାସ ଜାଣିଶୁଣି ଏଲଓସି ଜାରି କରିଥିଲେ। ଶ୍ରୀନିବାସ ଓ ବାକି ୩ ପୁଲିସ୍ ଅଧିକାରୀ ସୁମନାଙ୍କ କଥାରେ ପରିଚାଳିତ ହୋଇ କୋର୍ଟଙ୍କୁ ବିଭ୍ରାନ୍ତ କରିଥିଲେ। ବିନୋଦ ଓ ତାଙ୍କ ମା' ଫେରାର ହୋଇ ଯାଇଥିବା ସେମାନେ କହିଥିଲେ। ପୁଲିସକୁ ବିନୋଦ ଓ ତାଙ୍କ ମା' ହ୍ୱାଟସଆପରେ ମେସେଜ କରିଥିଲେ। ଏହାକୁ ପୁଲିସ୍ ଅଧିକାରୀମାନେ ଦେଖିଥିବା ବ୍ଲୁ ଟିକ୍‌ରୁ ସ୍ପଷ୍ଟ ହୋଇଛି। ତଥାପି ସେମାନେ ସମୁନାଙ୍କ କଥାରେ ପଡ଼ି ଏକ ପାଖିଆ ତଦନ୍ତ କରିଥିଲେ। ବିନୋଦଙ୍କୁ ଆର୍ମସ ଆକ୍ଟରେ ଫସାଇବାକୁ ପୁଲିସ୍ ୨ ନମ୍ବର ଏଫଆଇଆର ରୁଜୁ କରିଥିଲା। ହେଲେ ବିନୋଦ ତାଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ କେବେଠାରୁ ଜୁବଲି ହିଲ୍ସ ପୁଲିସ ଷ୍ଟେସନରେ ଦାଖଲ କରିଦେଇଛନ୍ତିବୋଲି ବିନୋଦଙ୍କ ଓକିଲ କହିଥିଲେ। ଏହାପରେ ସବୁ ପ୍ରମାଣ ଓ ଯୁକ୍ତିକୁ ଶୁଣି ହାଇକୋର୍ଟ ୪ ପୁଲିସ୍ ଅଧିକାରୀଙ୍କୁ ୪ ସପ୍ତାହର ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି।

## ଦଫା କୋହଲ ପାଇଁ ପୁଲିସ ବାବୁ ନେଉଥିଲେ ଲାଞ୍ଚ : ବୋଲଗଡ଼ ଏଏସଆଇଙ୍କୁ ମାଡିବସିଲା ଭିଜିଲାନ୍ସ

**ଖୋର୍ଦ୍ଧା(ଏନ୍.ଏମ୍.):** ତଦନ୍ତ ସମୟରେ ପୁଲିସର କାର୍ଯ୍ୟ ବେଳେବେଳେ ସନ୍ଦେହ ଘେରକୁ ଆସିଥାଏ। ବିଭାଗରେ କିଛି ଅଧିକାରୀଙ୍କ ଅନୈତିକ କାର୍ଯ୍ୟ ଅପରାଧକୁ ରୋକିବା ପରିବର୍ତ୍ତେ ପ୍ରୋତ୍ସାହିତ କରିଥାଏ; ଏବଂ ସମ୍ପୂର୍ଣ୍ଣ ଡିପାର୍ଟମେଣ୍ଟ କଳୁଷିତ ହୁଏ। ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି ବୋଲଗଡ଼ ଅଞ୍ଚଳରେ। ଏକ କେଶରେ ଦଫା କୋହଲ ଲଗାଇବା ପାଇଁ ଜଣେ ମହିଳାଙ୍କ ଠାରୁ ୬ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୋଲଗଡ ଥାନା ଏଏସଆଇ ଭଗବାନ ସ୍ୱାଇଁ ଦୁର୍ନୀତି ନିବାରଣ ସଂସ୍ଥା ଖୋର୍ଦ୍ଧା ହାତରେ ଧରା ପଡିଛନ୍ତି। ଭିଜିଲାନ୍ସ ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି। ଏହି ଥାନା ଅନ୍ତର୍ଗତ ଖରାପଲ୍ଲୀର ସୁକାନ୍ତି ପଟ୍ଟନାୟକଙ୍କ ପୁଅ ଓ ସହଯୋଗୀଙ୍କ ବିରୋଧରେ କୌଣସି ଏକ ଘଟଣାରେ କେଶ ରୁଜୁ ହୋଇଛି। ସେମାନଙ୍କ ବିରୋଧରେ ରହିଥିବା ମାମଲାରେ କୋହଲ ଦଫା ଲଗାଇବା ପାଇଁ ସୁକାନ୍ତି ଏଏସଆଇ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ତେବେ ଏ ସଂକ୍ରାନ୍ତରେ ସୁକାନ୍ତି ଖୋର୍ଦ୍ଧା ଭିଜିଲାନ୍ସ ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ପକ୍ଷରୁ ଜାଲ ବିଛାଇ ଯାଇଥିଲା। ଯୋଜନା ମୁତାବକ ଥାନା ଭିତରେ ଏଏସଆଇ ସ୍ୱାଇଁ ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବରୁ ଛପି ରହିଥିବା ଟିମ ତାଙ୍କୁ ମାଡି ବସିଥିଲା।

ନିଷ୍କର୍ଷ
NISHKARSHA




# ବାରବାଟୀରେ ଟିକେଟ ବିକ୍ରିରେ ଦୁର୍ନୀତିର ଯବନିକା କେବେ ?

କ୍ରୀଡ଼ା ଜଗତରେ ଓଡ଼ିଶାର ଗୌରବ ଓସିଏ ଏବଂ ବାରବାଟୀ ଷ୍ଟାଡ଼ିୟମ । ଏହାକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ ଅନୁଭବ କରିଥାନ୍ତି । ମାତ୍ର ଏଠାରେ ଏତେ ଦୁର୍ନୀତି ବଢ଼ିଯାଇଛି ଯେ ନକହିବା ଭଲ । ସତେ ଯେମିତି ଓସିଏ ଦୁର୍ନୀତିର ଗନ୍ତାଘର ପାଲଟି ଯାଇଛି । ଓସିଏକୁ କିଛି ମୁଷ୍ଟିମେୟ ବ୍ୟକ୍ତି କବ୍‌ଜାରେ ରଖି ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରୁଥିବା ଭଳି ସଂଗୀନ ଅଭିଯୋଗ ଆଣିଛନ୍ତି କ୍ରୀଡ଼ା ବିତ୍ ଓ କ୍ରୀଡ଼ାପ୍ରେମୀ । ବାରବାଟୀ ଷ୍ଟାଡ଼ିୟମକୁ ୨ରୁ ୩ବର୍ଷ ମଧ୍ୟରେ ଗୋଟିଏ ଗୋଟିଏ ଆନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳାଯାଇଥାଏ । ତେଣୁ ଓଡ଼ିଶାର କୋଣ ଅନୁକୋଣରୁ କ୍ରୀଡ଼ାପ୍ରେମୀମାନେ ବାରବାଟୀ ମ୍ୟାଚ ଦେଖିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରିଥାନ୍ତି । ମାତ୍ର ଏଠାରେ ଓସିଏ ନିଜର ସ୍ୱାର୍ଥ ପାଇଁ ଜନସାଧାରଣଙ୍କୁ ଲଲିପପ୍ ଭଣ୍ଡାଇଥାଏ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏପରିକି ବାରବାଟୀ ମ୍ୟାଚରେ ଆଜି ପର୍ଯ୍ୟନ୍ତ ଟିକେଟ ପାଇବା ପାଇଁ କ୍ରୀଡ଼ାପ୍ରେମୀମାନେ ନାହିଁ ନଥିବା ହଇରାଣ ହୋଇଥାନ୍ତି । ଦୁଇରୁ ତିନିଦିନ ଧରି ସେଠାରେ ଟିକେଟ ଖଣ୍ଡେ ପାଇଁ ପଡ଼ି ରହୁଥିବାବେଳେ ଶେଷରେ ନିରାଶ ହେବାକୁ ପଡ଼ିଥାଏ । କିନ୍ତୁ ପରବର୍ତ୍ତୀ ସମୟରେ ବାରବାଟୀ ଷ୍ଟାଡ଼ିୟମର ଟିକେଟ ଓ ପାସ କଳାବଜାରୀ ହୋଇଥାଏ । ଗୋଟିଏ ପଟେ ଓସିଏ ଟିକେଟ ବିକ୍ରୟ ପାଇଁ ଦିନ ଧାର୍ଯ୍ୟ କରିବା ସହ ଅନଲାଇନ ଓ ଅଫଲାଇନରେ ଟିକେଟ ବିକ୍ରୟ କରୁଥିବାବେଳେ ଜଣେ ଦର୍ଶକ ସିଧାସଳଖ ଭାବେ ଏହି ଟିକେଟ ପାଇବାକୁ ନାହିଁ ନଥିବା ହଇରାଣ ହୋଇଥାନ୍ତି । କିନ୍ତୁ ଟିକେଟ ପାଉନଥିବାବେଳେ କିଭଳି ଦଲାଲମାନଙ୍କ ହାତକୁ ଟିକେଟ ଚାଲିଯାଏ ତାହା ମଧ୍ୟ କାହାରିକୁ ଅଛପା ନାହିଁ । ମାତ୍ର ଏଠାରେ ପ୍ରଶ୍ନ ଉଠୁଛି ବାରବାଟୀ ଷ୍ଟାଡ଼ିୟମରେ ହେଉଥିବା ମ୍ୟାଚରେ କିଭଳି ଟିକେଟ ବିକ୍ରି ଦୁର୍ନୀତି ଦୂର କରାଯିବ ସେ ନେଇ ପ୍ରଶାସନ ଓ ସରକାରଙ୍କ ପ୍ରତ୍ୟେକ୍ଷ ହସ୍ତକ୍ଷେପର ଆବଶ୍ୟକତା ରହିଛି । ଚଳିତ ବର୍ଷ ମଧ୍ୟ ଅନୁରୂପ ଅବସ୍ଥା ବାରବାଟୀରେ ଦେଖିବାକୁ ମିଳିଛି । ଏପରିକି ଗଣମାଧ୍ୟମ ପାସ ଠାରୁ ଆରମ୍ଭ କରି ଭିଭିଆଇପି, ଭିଆଇପି ଓ ସାଧାରଣ ବର୍ଗଙ୍କ ନିମନ୍ତେ ଟିକେଟ ଓ ପାସ ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଉଠିଛି । ଏ ନେଇ କିଛି ଗଣମାଧ୍ୟମର ପ୍ରତିନିଧିମାନେ ଧାରଣା ଦେବା ପର୍ଯ୍ୟନ୍ତ କଥାଯାଇଛି । ପରବର୍ତ୍ତୀ ସମୟରେ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଓସିଏ କର୍ତ୍ତୃପକ୍ଷ ବିକଳ୍ପ ବ୍ୟବସ୍ଥା ମଧ୍ୟ ଗ୍ରହଣ କରିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଏଭଳି କାର୍ଯ୍ୟରେ ଦୁର୍ନୀତି କରିବ କାହିଁକି ଏବଂ ପରବର୍ତ୍ତୀ ସମୟରେ ଏହାକୁ ଚପାଇବା ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବ କାହିଁକି । ତେଣୁ ସମସ୍ତ ଗଣମାଧ୍ୟମର ଅନ୍ତତଃ ଦୁଇଟିଜଣଙ୍କୁ ପାସ ବ୍ୟବସ୍ଥା ନକରି କେବଳ ହାତଗଣତି କେତେଜଣ ଗଣମାଧ୍ୟମର ପ୍ରତିନିଧିଙ୍କ ଜରିଆରେ ଗଣମାଧ୍ୟମର ମାନ ମାପ କରିବା ଦୁର୍ଭାଗ୍ୟଜନକ ବୋଲି ସହରର ବହୁ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି । ତେବେ ଓସିଏରେ ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗର ବ୍ୟକ୍ତିବିଶେଷଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବା ଭଳି ଆଉଏକ ଅଭିଯୋଗ ଆସିଛି । ଏଥି ସହିତ ହାତ ଗଣତି କିଛି ଗଣମାଧ୍ୟମର ପ୍ରତିନିଧି ରାଜ୍ୟର ସମସ୍ତ ଗଣମାଧ୍ୟମ ପାଇଁ ପାସ ପ୍ରସ୍ତୁତ କରିବା କେତେଦୂର ଯଥାର୍ଥ ବୋଲି ସହରରେ ଚର୍ଚ୍ଚା ହେଉଛି । ଏହା ଦ୍ୱାରା ଦିନକୁ ଦିନ ଓସିଏ ବଦନାମ ହେଉଥିଲେ ମଧ୍ୟ ଏହାର କର୍ମକର୍ତ୍ତାମାନେ ଏଥି ପ୍ରତି ଆଦୌ ଧ୍ୟାନ ଦେଉନଥିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି ।

ତେବେ ସବୁବର୍ଷ ଏମିତି ଚାଲିଥାଏ ଏ ବର୍ଷ ବି ଏମିତି ହୋଇଛି । କଥା ହେଉଛି ଯେ, ଯେତେବେଳେ ବି ବାରବାଟୀରେ ମ୍ୟାଚ୍ ହୁଏ ସେତେବେଳେ ଟିକେଟ୍ କେଳେଙ୍କାରୀର କଥା ଉଠେ । ଟିକଟ ସରିଯାଉଛି ବୋଲି କୁହାଯାଉଥିଲେ ବି ମ୍ୟାଚ୍ ଦିନ ଷ୍ଟାଡିୟମ ବାହାରେ ସେହି ଟିକଟ ସବୁ ଚାରି ପାଞ୍ଚ ଗୁଣ ଚଢ଼ା ଦାମରେ କିଣିବାକୁ ବାଧ୍ୟ ହୁଅନ୍ତି । ଟିକେଟ୍‌ର କଳାବଜାରୀ ଚାଲିଥିଲେ ବି ଏହାର ନୈତିକ ଦାୟିତ୍ୱ ନା ପୁଲିସ୍ ନିଏ ନା ଓସିଏ । ଅନଲାଇନ୍‌ରେ ଟିକେଟ କିଣିଲାବେଳେ ସାଇଟ୍ କ୍ରାସ ହୋଇଯିବା, କାଉଣ୍ଟରରୁ ଟିକେଟ୍ କିଣିଲାବେଳେ ପୁଲିସ୍ ସହ ଧସ୍ତାଧସ୍ତି ହେବା, ପରେ ଚୋରାରେ ଅଧିକ ଟଙ୍କା ଦେଇ ଟିକଟ କିଣିବା ଆଦି କଥା ସବୁବେଳେ ଚର୍ଚ୍ଚାକୁ ଆସିଥାଏ । ବାରବାଟୀର ଦର୍ଶକ ଧାରଣ କ୍ଷମତା ସର୍ବାଧିକ ୪୪ ହଜାର ହୋଇଥିବାବେଳେ ମାତ୍ର ୧୦ରୁ ୧୨ ହଜାର ଟିକଟ ବିକ୍ରି ହୋଇଥାଏ । ବାକି ସବୁ ଓସିଏ ତାହାର ନିଜର ଅନୁବନ୍ଧିତ କ୍ଲବ୍‌ମାନଙ୍କୁ ମାଗଣାରେ ଦେଇଥାଏ । ତେବେ ସତରେ ଯେ ସେମାନେ ଏହି ଟିକେଟ ସବୁ ପାଆନ୍ତି ଏବଂ ଏହାକୁ ନେଇ ମ୍ୟାଚ୍ ଦେଖିବାକୁ ଆସନ୍ତି ତାହା ଅବଶ୍ୟ ଭିନ୍ନ ପ୍ରସଙ୍ଗ । ଏହି ଟିକେଟ୍‌ସବୁ ବିଭିନ୍ନ ଅନୁବନ୍ଧିତ କ୍ଲବ୍‌ମାନଙ୍କୁ ଦିଆଯିବାର ବ୍ୟବସ୍ଥା ଥିଲେ ବି ଏହା କୌଶଳ କ୍ରମେ କଳାବଜାରୀଙ୍କ ହାତରେ ପହଞ୍ଚିଯାଏ ବୋଲି ଅଭିଯୋଗ ମଧ୍ୟ ହୋଇଛି । କାରଣ ଏହି ଫ୍ରି ଟିକେଟ୍ ପାଉଥିବା ଦର୍ଶକ ସବୁ ଯେ, ବାଲେଶ୍ୱର କିମ୍ବା ମାଲକାନଗିରିରୁ ନିଜ ଖର୍ଚ୍ଚରେ ଆସି ମ୍ୟାଚ୍ ଦେଖି ଫେରିବେ ତାହା ଅନେକ ସମୟରେ ସମ୍ଭବ ହୁଏନି । ଏପରି ସ୍ଥିତିରେ ସେମାନଙ୍କ ନାମରେ ଆସୁଥିବା ଟିକେଟ୍‌ର ଯେ, କଳାବଜାରୀ ହେଉନଥିବ ତାହା କେବଳ ଇଶ୍ୱରଙ୍କୁ ଜଣା । ତେବେ ଏତେ ବଡ଼ ଷ୍ଟାଡିୟମର ମାତ୍ର ୨୫ ପ୍ରତିଶତ ଟିକେଟ ବିକିବାକୁ ରଖି ବାକି ସବୁକୁ ନିଜ ପାଖରେ ରଖିବାଟା କ୍ରୀଡ଼ାପ୍ରେମୀଙ୍କୁ ଅପମାନ କେବଳ । ତେବେ ମାତ୍ର ୧୨/୧୫ ହଜାର ଟିକେଟ୍ ବିକିବାକୁ ନେଇ ଯଦି ଓସିଏ ନୟାନ୍ତ ପଡୁଛି ତେବେ ପୂରା ୪୦ହଜାର ଟିକେଟ ବିକ୍ରି ହୋଇଥିଲେ ସ୍ଥିତି କ'ଣ ହୁଅନ୍ତା ତାହା ମଧ୍ୟ ଚିନ୍ତାର ବିଷୟ ବୋଲି କ୍ରୀଡାପ୍ରେମୀମଧ୍ୟରେ ପ୍ରଶ୍ନ ଉଙ୍କି ମାରୁଛି । ଯଦି ମ୍ୟାଚ୍ ଆରମ୍ଭ ହେବାର ସର୍ବନିମ୍ନ ମାସକ ଆଗରୁ ଟିକଟ ବିକ୍ରି କରାଯାଉଥାନ୍ତ; ପୁଣି ମୋଟ୍ ଟିକେଟର ୭୫ପ୍ରତିଶତ ବିକ୍ରି ଯୋଗ୍ୟ ହେବା ବେଳେ ମାତ୍ର ୨୫ ଭାଗ ଟିକେଟ୍ ମାଗଣା ବଣ୍ଟନ ପାଇଁ ରଖାଯାଇ ପାରନ୍ତା ହୁଏତ ଏଭଳି ଦୁର୍ନୀତି ହ୍ରାସ ପାଇ ପାରନ୍ତା ବୋଲି କୁହାଯାଉଛି । ତେବେ ଯେଉଁମାନେ ଟିକେଟ୍ କିଣି ପାରିବେ ସେମାନଙ୍କୁ ଆଦୌ ମାଗଣା ଦେବା କଥା ନୁହେଁ । କେବଳ ସ୍କୁଲ କିମ୍ବା କଲେଜର ପିଲାଙ୍କୁ ମାଗଣା କିଛି ପାସ୍ ଦେବା ଛଡ଼ା ଅନ୍ୟ ସବୁ ଟିକଟ ବିକିବାକୁ ଛାଡ଼ିଦେବା କଥା । ଏପରି ହେଲେ ଲୋକ ଟିକେଟ୍ କିଣିବାକୁ ତରତର ହେବେ ନାହିଁ । ଥରେ ଲୋକ ଅନଲାଇନ୍ ମାଧ୍ୟମରେ ଟିକେଟ୍ କିଣିସାରିଲା ପରେ ଏହାକୁ ଆମାଜନ କିମ୍ବା ଫ୍ଲିପ୍‌କାର୍ଟ ପରି ସଂସ୍ଥାମାନଙ୍କ ଦ୍ୱାରା ଲୋକଙ୍କ ଘରେ ପହଞ୍ଚାଇ ଦିଆ ଯାଆନ୍ତା ଫଳରେ ଟିକେଟ ବିକ୍ରି ବେଳେ ଏଭଳି ଅପ୍ରତିକର ପରିସ୍ଥିତି ଦୂର ହୋଇ ପାରନ୍ତା । ମାସେ ଆଗରୁ ଟିକେଟ୍ କିଣିଲେ ଲୋକ ନିଜ ଘରେ ଏହାକୁ ସହଜରେ ପାଇ ପାରିବେ । ପଇସା ଦେଇସାରିଲା ପରେ ବି କାଉଣ୍ଟର ଯାଏ ଦୌଡ଼ିବା ଏବଂ ସମୟ ନଷ୍ଟ କରି ଧାଡ଼ିରେ ଠିଆ ହୋଇ ପୁଲିସଠାରୁ ଧକ୍କା ଖାଇବାର ମାନସିକ ନିର୍ଯାତନା ଏବଂ ଆର୍ଥିକ ଖର୍ଚ୍ଚରୁ ଭାବୀଦର୍ଶକ ଜଣଙ୍କ ସହଜରେ ବଞ୍ଚିପାରିବ । ପୁଣି ଏହି ସଂସ୍ଥାସବୁଙ୍କର ଏକ ସମୟରେ ଏକାଧିକ ଲୋକଙ୍କର କ୍ରୟ ଅନୁରୋଧକୁ ଗ୍ରହଣ କରିବାର ସାମର୍ଥ୍ୟ ଥିବାରୁ ସାଇଟ୍ କ୍ରାସ କରିବାର ଆଶଙ୍କା ରହିବ ନାହିଁ । ପୁଣି ପ୍ରତି ଟିକେଟ୍ ସହ ଯଦି ଆଧାର କିମ୍ବା ପ୍ୟାନ କାର୍ଡ ଲିଙ୍କ କରିଦିଆଯାଆନ୍ତା ତେବେ ଟିକେଟ୍ ହଜିଗଲେ ବି ଲୋକ ଆଧାର କିମ୍ବା ପ୍ୟାନ୍ କାର୍ଡ ନମ୍ବର କହି କାଉଣ୍ଟର ବାହାରୁ ଟିକେଟ୍ ନେଇ ପାରନ୍ତେ ।

# ଉତ୍କଳୀୟ ସଂସ୍କୃତିରେ ରଜପର୍ବ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଯୁଗେ ଯୁଗେ ଉତ୍କଳୀୟ ସଂସ୍କୃତି; ମହାଭାରତୀୟ ବିଶାଳ ପରିସର ଭିତରେ ଆପଣାର ସ୍ୱାତନ୍ତ୍ର୍ୟ ପ୍ରତିପାଦିତ କରିଆସିଅଛି । ଏ ସ୍ୱାତନ୍ତ୍ର୍ୟ ମହାଭାରତୀୟତାକୁ ଅସ୍ୱୀକାର କରି ଗଢ଼ି ଉଠିନାହିଁ; ବରଂ କହିବାକୁ ଗଲେ ବିଶାଳ ପରମ୍ପରା ଭିତରେ ଏକ ଭୌଗୋଳିକ ଭୂଖଣ୍ଡରେ ବସବାସ କରୁଥିବା ସମଭାବାପନ୍ନ ଦୃଷ୍ଟିଭଙ୍ଗୀ ଓ ବିଚାରଧାରାକୁ ଆଧାର କରି ଆପଣାର ପରିଚିତି ଉପସ୍ଥାପିତ କରି ଆସିଅଛି । ଉତ୍କଳ ଭୂଖଣ୍ଡ କହିଲେ ଆଧୁନିକ ରାଜନୈତିକ ମାନଚିତ୍ରର ଓଡ଼ିଶା ନୁହେଁ । ଏକଦା ଏହା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସୁବିସ୍ତୃତ ହେବା ସହ ଇତିହାସରେ କଳିଙ୍ଗ, କୋଶଳ, ଉଡ୍ର, ଉତ୍କଳ ପରି ନାମରେ ପରିଚିତ ଏକ ସମୃଦ୍ଧ ଅଞ୍ଚଳ ଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ; ଅନେକ ଆଲୋଚକ ଦ୍ରାବିଡ଼ ଭାଷାରେ ଲବ୍ଧ 'ଓଡ୍ର' ମଧ୍ୟରେ ଓଡ଼ିଶାର ସତ୍ତା ଖୋଜିଲା ବେଳେ; ଅନ୍ୟ କେତେକ ତାମିଲ ଭାଷାରେ ଚାଷ କରୁଥିବା ଅର୍ଥରେ ବ୍ୟବହୃତ 'ଉତ୍ତୁ' ଓ ଚାଷ କରୁଥିବା ଲୋକଙ୍କୁ 'ଉତ୍କଳ' ଏବଂ ସେହି ଧାରାରେ କନ୍ନଡ଼ର ଚଷା ଅର୍ଥରେ ବ୍ୟବହୃତ 'ଓଡ଼ିସ' ଶବ୍ଦ ଭିତରୁ ଓଡ଼ିଶା ଅର୍ଥାତ୍ ଉତ୍କଳକୁ ଖୋଜିବାକୁ ଚେଷ୍ଟା କରିଛନ୍ତି । ଏହି ଦୃଷ୍ଟିରୁ ବିଚାର କଲେ କୌଣସି ନା କୌଣସି ସୂତ୍ରରେ ଉତ୍କଳୀୟ ସଂସ୍କୃତି ସହ କୃଷି ସଂସ୍କୃତି ଓତପ୍ରୋତ ଭାବେ ଜଡ଼ିତ । ସେ ଯାହାହେଉ ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳର ସମନ୍ୱୟରେ ଉତ୍କଳ ବୈଭବଶାଳୀ ହେବା ସହ ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ସଭ୍ୟତାର ସଂସ୍କୃତି ଉତ୍କଳ ଆତ୍ମାକୁ ଦୀପ୍ତିମାନ କରିଆସିଛି ।

ଏହି ଉତ୍କଳୀୟ ସଂସ୍କୃତିର ଅନ୍ୟ ଏକ ଶ୍ରେଷ୍ଠ ପର୍ବ ଭାବେ 'ରଜ' କାଳ କାଳ ଧରି ପ୍ରଭାବ ବିସ୍ତାର କରି ଆସିଛି । ଯାହା କୃଷିଭିତ୍ତିକ ଏକ ଗଣପର୍ବର ମାନ୍ୟତା ଲାଭ କରିଅଛି । ଏହା ମିଥୁନ ସଂକ୍ରାନ୍ତିର ପୂର୍ବ ଓ ପରଦିନ ପାଳନ କରାଯାଇଥାଏ । ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି ଓ ସଂକ୍ରାନ୍ତିର ପରଦିନକୁ ତୃତୀୟ ରଜ ବା ଭୂଦାହ



କୁହାଯାଏ । ଏହି ଦିବସତ୍ରୟ ପୃଥିବୀମାତା ରଜସ୍ୱଳା ହେବାର ଦିନ । ତେଣୁ ଏହି ତିନିଦିନ ସକଳ ପ୍ରକାର କୃଷିକାର୍ଯ୍ୟ ଓ ଭୂଖନନ ବାରଣ କରାଯାଇଥାଏ ଏବଂ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜପର୍ବ ଉଦ୍‌ଯାପନ କରାଯାଏ । ଏଠାରେ ରଜ ପୂର୍ବରୁ ପ୍ରତି ଓଡ଼ିଆଙ୍କ ଘରେ ଯେଉଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ; ସେ ଦିନଟିକୁ ସଜବାଜ କୁହାଯାଏ । ରଜ ତିନିଦିନ ସ୍ତ୍ରୀ ଲୋକମାନଙ୍କୁ କାଟିବା, କୁଟିବା, ବାଟିବା, ବୋହିବା ଭଳି ଅନେକ କାର୍ଯ୍ୟ ବାରଣ ଥିବାରୁ ସେମାନେ ତିନିଦିନର କାମ ସଜବାଜ ଦିନ ସାରି ସ୍ୱାଦିଷ୍ଟ ପିଠା ଓ ମିଠାର ପ୍ରସ୍ତୁତିରେ ଲାଗି ପଡ଼ିଥାନ୍ତି । ଏହାପରେ ରଜ ତିନିଦିନ ନାରୀମାନେ ସକଳ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏପରିକି ନାରୀମାନେ ଏହି ତିନିଦିନ ଭୂମି ଉପରେ ମଧ୍ୟ ଚାଲନ୍ତି ନାହିଁ ଏବଂ କୃଷକମାନେ ମଧ୍ୟ ଭୂମିକର୍ଷଣ, ବୀଜବପନ ଓ ଖନନ ଭଳି ଯାବତୀୟ କାର୍ଯ୍ୟରୁ ନିବୃତ ରହିଥାନ୍ତି । ଏହି ସମୟରେ ଗ୍ରୀଷ୍ମ ଋତୁର ଶେଷ ଓ ବର୍ଷାର ଆଗମନ ହେବା ସହ ପୃଥିବୀ ମାତା ରଜସ୍ୱଳା ହୋଇଥାଏ ଏବଂ ଏହି ସମୟରେ ପୃଥିବୀମାତାଙ୍କ ଠାରୁ କ୍ଷରଣ ରସ ପୃଥିବୀକୁ ଶସ୍ୟ ଶ୍ୟାମଳା କରିବାର ସାଂକେତିକ ଭାବକୁ ବହନ କରିଥାଏ । ରଜ ତିନିଦିନ ପରେ ଅର୍ଥାତ୍ ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ପୂଜା କରାଯାଏ । ଏହା ରଜପର୍ବର ଅନ୍ତିମ ଦିବସ । ଯାହା ମହାଲକ୍ଷ୍ମୀ ସ୍ନାନ ବା ଗାଧୁଆ ଭାବେ ପ୍ରସିଦ୍ଧ । ଏହି ଦିନ ନାରୀମାନେ ଶିଳପୁଆକୁ ଭୂମି ଲକ୍ଷ୍ମୀ ସ୍ୱରୂପରେ ଚନ୍ଦନ, ସିନ୍ଦୂର, କୁଙ୍କୁମ, କଜ୍ଜଳ ଦେଇ ହଳଦୀ ପାଣିରେ ସ୍ନାନ କରାଇଥାନ୍ତି ଏବଂ ଧରଣୀମାତା ତିନିଦିନର ବିଶ୍ରାମ ପରେ ବିଶୁଦ୍ଧ ସ୍ନାନ କରି ସଂସାରବାସୀଙ୍କୁ ଆଶୀର୍ବାଦ କରିବା ସହ ସୃଜନ କ୍ଷମତା ଅର୍ଥ ଶସ୍ୟ ବୀଜ ଧାରଣ କରି ଧରଣୀକୁ ଶସ୍ୟଶ୍ୟାମଳ କରିବାର ସାମର୍ଥ୍ୟ ଲାଭ କରନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ; ରଜ ବେଳେ ନାରୀ ଓ ପୁରୁଷମାନେ ସକଳ କାର୍ଯ୍ୟରୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ପାଳନ କରୁଥିବାରୁ ଏହା ରଜ ମଉଜ ନାମରେ ମଧ୍ୟ ବେଶ୍ ଖ୍ୟାତ । ରଜରେ ବିଭିନ୍ନ ପିଠା ବିଶେଷ କରି ପୋଡ଼ପିଠା ଓ ପାନ ଖାଇବା ସହ ସ୍ତ୍ରୀ ଲୋକମାନେ ନାନାଦି ଗୀତ ବୋଲି ଦୋଳି ଖେଳିଥାନ୍ତି । ବିଶେଷ କରି କୁମାରୀ ଝିଅମାନଙ୍କ ନିତିଦିନିଆ ଘଟଣା ଓ କୁମାରୀମନର ଭାବାବେଗ ଏ ଦୋଳି ଗୀତରେ ଶୁଣିବାକୁ ମିଳିଥାଏ । ଏହାସହ ପୁଚି ଖେଳରେ ମଧ୍ୟ ସେମାନେ ସମୟ ଅତିବାହିତ କରିଥାନ୍ତି । ସ୍ଥଳ ବିଶେଷରେ ଯୁବକ ଓ କିଶୋରମାନେ ମଧ୍ୟ ଦୋଳି ଖେଳିବା ସହ ଡୁଡୁ ଓ ବାଗୁଡ଼ି ଖେଳରେ ମାତିଥାନ୍ତି । ବୟସ୍କମାନେ ପଶା, ତାସ ଆଦି ଖେଳ ଖେଳି ସମୟ ଅତିବାହିତ କରନ୍ତି । ଏପରି କରି ରଜସ୍ୱଳା ଧରଣୀ ମାତାକୁ ଆଶ୍ୱସ୍ତି ଦେବାର ପ୍ରୟାସ କରିଥାନ୍ତି । ଅହରହ ପଦାଘାତ ଓ ଖନନ କଷ୍ଟ ସହୁଥିବା ଧରଣୀମାତାକୁ ଆଶ୍ୱସ୍ତି ଦେବାକୁ କୃଷକ ଚାଷ କାର୍ଯ୍ୟରୁ ବିରତ ରହି ଏବଂ କୁମାରୀମାନେ ଭୂମିରେ ନ ଚାଲି; ଅଧିକାଂଶ ସମୟ ଦୋଳିରେ ଝୁଲି କୃତଜ୍ଞତା ତଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି ।

ପରିଶେଷରେ କେବଳ ଏତିକି କହିବି ରଜପର୍ବ ହେଉଛି କୃଷିଭିତ୍ତିକ ଓଡ଼ିଶାର ସାଂସ୍କୃତିକ, ଆଧ୍ୟାତ୍ମିକ, ସାମାଜିକ ଓ ନୈତିକ ଅଭିବ୍ୟକ୍ତିର ଏକ ସାର୍ଥକ ପରିପ୍ରକାଶ ।

**ସ୍ନାତକୋତ୍ତର ଓଡ଼ିଆ ବିଭାଗ,**
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,**
**ସମ୍ପର୍କ: ୮୮୯୫୧୪୧୭୨୭**

# ହିଂସାର ଅପରାଧୀମାନେ କୌଣସି ଧର୍ମକୁ ପ୍ରତିନିଧିତ୍ୱ କରନ୍ତି ନାହିଁ

**ମହମ୍ମଦ ଇକବାଲ ଜାଫର**

ପୈଗମ୍ବର ମହମ୍ମଦ ଏକଦା କହିଥିଲେ 'ତୁମେ ଜାଣ, ବଦାନ୍ୟତା ଓ ଉପବାସ ଓ ପ୍ରାର୍ଥନା ଠାରୁ କ'ଣ ଭଲ । ତାହା ହେଲା ଲୋକଙ୍କ ମଧ୍ୟରେ ଶାନ୍ତି ଓ ଉତ୍ତମ ସମ୍ପର୍କ ରକ୍ଷା କରିବା, କାରଣ କଳି ଓ ଖରାପ ଭାବନା ମାନବ ସମାଜକୁ ଧ୍ୱଂସ କରେ ଶାନ୍ତି ଓ ଉତ୍ତମ ସମ୍ପର୍କ ରକ୍ଷା କରିବା, କାରଣ କଳି ଓ ଖରାପ ଭାବନା ମାନବ ସମାଜକୁ ଧ୍ୱଂସ କରେ ।' (ଶୁନାନ ଅବି ଦାଉଦ ୪୯୧୯)

ଇସଲାମ ସର୍ବଦା ଅହିଂସା, ସହନଶୀଳତା ଓ ସୌହାର୍ଦ୍ଦ୍ୟ ତଥା ଅନ୍ୟ ପ୍ରତି ସମ୍ମାନକୁ ପ୍ରୋତ୍ସାହିତ କରେ ଏବଂ ହିଂସାକୁ ନିନ୍ଦା କରେ । ଇସଲାମ ନିର୍ଦ୍ଦିଷ୍ଟ ଭାବରେ କହିଛି ଯେ, ଈଶ୍ୱର ଆକ୍ରମଣକାରୀ ମାନଙ୍କୁ, ଘୃଣା କରନ୍ତି, ତେଣୁ ସେପରି ହୁଅ ନାହିଁ' (କୋରାନ ୫୬୭) । ଇସଲାମ ଏହାର ଅନୁମାରୀମାନଙ୍କୁ କ୍ଷମା କରିବାକୁ ସହନଶୀଳତାକୁ ପ୍ରୋତ୍ସାହିତ କରିବାକୁ କହିଥାଏ । ଶାନ୍ତ, ପାରସ୍ପରିକ ସମ୍ମାନ ଏବଂ ବିଶ୍ୱାସ ହେଉଛି ଅନ୍ୟମାନଙ୍କ ସହିତ ମୁସଲମାନଙ୍କ ସମ୍ପର୍କର ମୂଳଦୁଆ । କୋରାନ ଅନୁଯାୟୀ ଶାନ୍ତି କେବଳ ଶାନ୍ତପୂର୍ଣ୍ଣ ପଦ୍ଧତି ଦ୍ୱାରା ହାସଲ କରାଯାଇ ପାରିବ । ଇସଲାମରେ ରାଜନୈତିକ ଧାର୍ମିକ, ରାଜନୈତିକ ଓ ସାମଜିକ କାରଣ ପାଇଁ ନୀରିହ ଲୋକଙ୍କ ହତ୍ୟା କରାଯିବା ନିଷେଧ ।(୬-୧୫୧) । 'ତୁମେ କାହାକୁ ହତ୍ୟା କରିବା ଉଚିତ ନୁହେଁ; ଈଶ୍ୱର ଜୀବନ ପବିତ୍ର ବୋଲି କହିଛନ୍ତି' । ବେକଳ ଏକ ଭିନ୍ନ ବିଶ୍ୱାସକୁ ଅନୁସରଣ କରୁଥିବା କାରଣରୁ କୌଣସି ବ୍ୟକ୍ତିକୁ ହତ୍ୟା କରିବା କିମ୍ବା ଉତ୍ପିଡିତ କରିବାକୁ ଇସଲାମ ବାରଣ କରିଥାଏ । ସମାଜରେ ଧାର୍ମିକ ସ୍ୱାଧୀନତା ସ୍ଥାପନ କରିବାକୁ ସର୍ବଦା କୋରାନ କହିଥାଏ । ଶାନ୍ତି ପ୍ରତିଷ୍ଠା ଓ ଆତ୍ମରକ୍ଷା ବ୍ୟତୀତ ଅନ୍ୟ କୌଣସି କାରଣ ପାଇଁ ଯୁଦ୍ଧ କରିବାକୁ ମୁସଲମାନମାନଙ୍କୁ କୋରାନ ଦ୍ୱାରା ବାରଣ କରାଯାଇଛି । ଧାର୍ମିକ ପ୍ରସଙ୍ଗରେ ବିରୋଧୀ ଦୃଷ୍ଟିକୋଣ ଥିବା ବ୍ୟକ୍ତି ଉପରେ ଏହା କୌଣସି ସୀମା ନିର୍ଦ୍ଦ୍ଧାରଣ କରେ ନାହିଁ । ଏପରି ବ୍ୟକ୍ତିମାନଙ୍କ ସହ ଦୟା ଓ କରୁଣା ସହ ବ୍ୟବହାର କରିବା ପାଇଁ ମୁସଲମାନମାନଙ୍କୁ ଏହା ପ୍ରୋତ୍ସାହିତ କରେ (କୋରାନ, ୨୨୫୬) । ଧର୍ମରେ କୌଣସି ପ୍ରକାର ବାଧ ବାଧକତା ରହିବା ଉଚିତ ନୁହେଁ । ତୁମକୁ ଯେଉଁମାନେ ତାଙ୍କୁ ଘରୁ ବିତାଡ଼ିତ କରନ୍ତି ନାହିଁ, ତାଙ୍କ ସହ ବନ୍ଧୁତା ସ୍ଥାପନ କରିବା ପାଇଁ ଈଶ୍ୱର ତୁମକୁ ବାରଣ କରିନାହାନ୍ତି । ତୁମେ ତାଙ୍କ ସହ ବନ୍ଧୁତା ସ୍ଥାପନ କରି ଭଲ ବ୍ୟବହାର କର । ଈଶ୍ୱର ନ୍ୟାୟ ପରାୟଣ ବ୍ୟକ୍ତିମାନଙ୍କୁ ଅନୁଗ୍ରହ ପ୍ରଦାନ କରନ୍ତି(କୋରାନ ୮୬୧) । ସେମାନେ ଯଦି ଶାନ୍ତ ଚାହାନ୍ତି, ତେବେ ଆପଣ ମଧ୍ୟ ସେହିପରି କରନ୍ତୁ ଓ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖନ୍ତୁ ।

କିନ୍ତୁ କେତେକ ଆତଙ୍କ ବାଦୀ ସଂଗଠନ ମାନେ ଇସଲାମର ନାମକୁ ବ୍ୟବହାର କରି ତାଙ୍କ ଲକ୍ଷ୍ୟ ସାଧନ ପାଇଁ ଚେଷ୍ଟା କରୁଛନ୍ତି । ଧର୍ମବିଶ୍ୱାସ ନିର୍ବିଶେଷରେ, ଯିଏ ହେଲେ ମଧ୍ୟ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ପାଇଁ ଅପରାଧୀ ହୋଇ ପାରନ୍ତି । ଅନେକ ସଂସ୍ଥା ଆତଙ୍କବାଦ ଦ୍ୱାରା ତାଙ୍କ ଆଦର୍ଶ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ପାଇଁ ବ୍ୟବହାର କରୁଛନ୍ତି । ତାଙ୍କର କୌଣସି ଧର୍ମ ନାହିଁ । ଏହି ସଂସ୍ଥାମାନଙ୍କର ଦ୍ୱାରା ସାରା ଦୁନିଆରେ ନିରୀହ ନାଗରିକଙ୍କ ଉପରେ ଆକ୍ରମଣର କୌଣସି ଧାର୍ମିକ ଯଥାର୍ଥତା ନାହିଁ । କୋରାନରେ ଉଲ୍ଲେଖ ଥିବା ଈଶ୍ୱରଙ୍କ ବାଣୀ ଅନୁସାରେ ଏହାକୁ ତିବ୍ର ଭାବରେ ବାରଣ କରାଯାଇଛି । କେତେକ ଆତଙ୍କାବାଦ ସଂସ୍ଥା ଅଛନ୍ତି, ଯାହା ନିରୀହ ଲୋକମାନଙ୍କୁ ହତ୍ୟାକରି ନିଜକୁ ସହିଦର ଆଖ୍ୟା ଦେବା ପାଇଁ ଚେଷ୍ଟା କରିଥାନ୍ତି । ସେମାନେ ତାଙ୍କ କାର୍ଯ୍ୟକଳାପ ବିଷୟରେ ପୁନର୍ବାର ଚିନ୍ତା କରିବା ଉଚିତ । କୋରାନର ଉକ୍ତି ଦ୍ୱାରା ଈଶ୍ୱର ଏହିପରି କାର୍ଯ୍ୟକଳାପରୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି । କୋରାନର ଉକ୍ତିମାନଙ୍କ ମଧ୍ୟରେ ଏହା ସହଜରେ ଅନୁମେୟ ଯେ, ବିଶ୍ୱାସୀମାନେ ନିଜକୁ ନିଶ୍ଚୟ ଭାବରେ ରକ୍ଷା କରନ୍ତୁ । କିନ୍ତୁ ସେମାନେ କୌଣସି ଯୁଦ୍ଧଭଳି କାର୍ଯ୍ୟକଳାପରେ ଲିପ୍ତ ରହିବା ଅନୁଚିତ । ଶାନ୍ତି ସ୍ଥାପନ ଉଦ୍ଦେଶ୍ୟ ବ୍ୟତୀତ ଇସଲାମ ଶକ୍ତି ପ୍ରୟୋଗକୁ ପ୍ରୋତ୍ସାହିତ କରେ ନାହିଁ । ତେଣୁ ଧର୍ମ ପରିବର୍ତ୍ତେ, ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ଆତଙ୍କବାଦୀମାନେ ଦାୟୀ । ଯେଉଁମାନେ ନିଜକୁ ମୁସଲମାନବୋଲି ଭାବନ୍ତି ଓ ଅଣସୌହାର୍ଦ୍ଦ୍ୟପୂର୍ଣ୍ଣ କାର୍ଯ୍ୟକଳାପରେ ଲିପ୍ତ ରହନ୍ତି, ସେମାନେ ଇସଲାମର ନିର୍ଦ୍ଦେଶଗୁଡ଼ିକୁ ନେଇ ଭ୍ରାନ୍ତି ସୃଷ୍ଟି କରନ୍ତୁ ନାହିଁ । କୋରାନ ଅନୁଯାୟୀ ସେମାନେ କେବଳ ଭାବନାର ବଶବର୍ତ୍ତୀ ହୋଇ ବିବେକ ଓ ବୋଧଜ୍ଞାନକୁ ଅଣଦେଖା କରୁଛନ୍ତି । ଇସଲାମ ଏମିତି ଏକ ଧର୍ମ ଯାହା ଶାନ୍ତି, ସହଭାଗିତା ଓ ଗ୍ରହଣଶକ୍ତିକୁ ସମର୍ଥନ କରେ ଏବଂ ହିଂସାତ୍ମକ କାର୍ଯ୍ୟକଳାପକୁ ନିନ୍ଦା କରିଥାଏ । ମାତ୍ର ଦୁର୍ଭାଗ୍ୟର କଥା ହେଲା ଯେ, ଏହାର ବିରୋଧକାରୀମାନେ ଏହାର ବାର୍ତ୍ତାକୁ କଦର୍ଥ କରିବାକୁ ଚେଷ୍ଟା କରୁଛନ୍ତି ।

**ଠିକଣା**
**ଫକିରାବାଦ, କେନ୍ଦ୍ରାପଡ଼ା**

**ଆମ ସ୍ୱାସ୍ଥ୍ୟ ଆମ ସମ୍ପଦ**

# ବର୍ଷା ଋତୁ ସ୍ୱାସ୍ଥ୍ୟ ପାଇଁ ହୋଇପାରେ ବିପଜ୍ଜନକ

କିଛି ଲୋକଙ୍କୁ ବର୍ଷା ଋତୁ ବହୁତ ପସନ୍ଦ ଆସିଥାଏ ତ କିଛି ଲୋକଙ୍କୁ ଏହା ଭଲ ଲାଗେ ନାହିଁ । ହେଲେ ଅଧିକାଂଶ ଲୋକ ଏହି ଋତୁକୁ ବ୍ୟଗ୍ରତାର ସହ ଅପେକ୍ଷା କରି ରହିଥାନ୍ତି । ବର୍ଷା ଆସିବା ମାତ୍ରକେ ଥଣ୍ଡା ପବନ ଓ ଚାରିଆଡ଼େ ସବୁଜ ନଜର ଆସିଥାଏ । କିନ୍ତୁ ଏହା ସହ ଏହି ଋତୁ ବିଭିନ୍ନ ରୋଗ ମଧ୍ୟ ସାଙ୍ଗରେ ଆଣିଥାଏ । ଏହି ଋତୁରେ ଡେଙ୍ଗୁ, ମାଲେରିଆ, ଚିକେନଗୁନିଆ ଭଳି ରୋଗ ବ୍ୟାପିଥାଏ । ତେବେ କିଛି ଆୟୁର୍ବେଦିକ ଡାକ୍ତରଙ୍କ କହିବା ଅନୁସାରେ ବର୍ଷା ପାଗ ସବୁଠାର ଖରାପ । ଆୟୁର୍ବେଦିକ ଡାକ୍ତରଙ୍କ କହିବା ଅନୁଯାୟୀ, ସବୁ ଋତୁ ଠାରୁ ବର୍ଷା ଋତୁ ଲୋକଙ୍କ ପାଇଁ ବହୁତ ଘାତକ ହୋଇଥାଏ । ଏହି ଋତୁକୁ ନେଇ ଆୟୁର୍ବେଦିକ ଡାକ୍ତର ବିଭିନ୍ନ ମତ ରଖିଛନ୍ତି । ଡାକ୍ତରମାନଙ୍କ କହିବା ଅନୁସାରେ, ପ୍ରାୟତଃ ସବୁ ଋତୁରେ ଆମର ଶରୀର ଠିକ୍ ରହିଥାଏ, କିନ୍ତୁ ବର୍ଷା ଋତୁରେ ଶରୀରର ସନ୍ତୁଳନ ଅଧିକ ବିଗିଡ଼ି ଯାଇଥାଏ । ବର୍ଷା ଋତୁରେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖା ଦେଇଥାଏ । ଡାକ୍ତର ଜଣକ କହିଛନ୍ତି, ପ୍ରାୟ ସବୁ ଋତୁରେ ଆମେ ଦୋଷ ଅର୍ଥାତ୍ ବାୟୋଫିଜିକାଲ୍ ଏନର୍ଜି ରଖିଥାଉ, ଯାହା ଦ୍ୱାରା ଆମ ସ୍ୱାସ୍ଥ୍ୟ ଠିକ୍ ରହିଥାଏ । କିନ୍ତୁ ବର୍ଷା ଋତୁରେ ଏହାର ସନ୍ତୁଳନ ବିଗିଡ଼ି ଯାଇଥାଏ, ଯେଉଁ କାରଣରୁ ବିଭିନ୍ନ ପ୍ରକାରର



ସମସ୍ୟା ଦେଖା ଦେଇଥାଏ । ଯେତେବେଳେ ଶରୀରରେ ଥିବା ଦୋଷ ଅର୍ଥାତ୍ ବାତ, ପିତ୍ତ ଓ କଫର ସନ୍ତୁଳତ ବିଗିଡ଼ି ଯାଏ, ଏହା ପରସ୍ପର ବିରୋଧରେ ଲଢ଼ନ୍ତି ଏବଂ ଏହା ଦ୍ୱାରା ଆମକୁ କ୍ରୋନିକ୍ ଡିଜିଜର ସମସ୍ୟା ହୋଇଥାଏ । ତେବେ କ୍ରୋନିକ୍ ଡିଜିଜକୁ ରକ୍ଷା ଏବଂ ଶରୀରକୁ ସୁସ୍ଥ ରଖିବା ପାଇଁ ପଞ୍ଚକର୍ମ, ସନ୍ତୁଳନ ଓ ହାଲୁକା ଆହାର ନେବା ଦରକାର ବୋଲି ଡାକ୍ତର ପରାର୍ମଶ ଦେଇଛନ୍ତି । ସୁସ୍ଥ ରହିବା ପାଇଁ ଡାକ୍ତର ଆୟୁର୍ବେଦର ପଞ୍ଚକର୍ମର ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ବର୍ଷା ଋତୁରେ ପଞ୍ଚକର୍ମ ଜରିଆରେ ଶରୀରର ଭିତରକୁ ସ୍ୱଚ୍ଛ କରାଯାଇଥାଏ । ଏହି ଥେରାପି ଶରୀରରେ ଏକ ନୂଆ ଉର୍ଜା ଦେବାର ଏକ ଆୟୁର୍ବେଦିକ ଉପଚାର । ଏହାଦ୍ୱାରା ଶରୀରର ଦୋଷ ଅସନ୍ତୁଳିତ ହୋଇନଥାଏ । ଏହାଦ୍ୱାରା ନା କେବଳ ଶରୀର ଓ ମନ ଭିତର ବିଶୁଦ୍ଧ ହୋଇଥାଏ ବରଂ ଏହା ଶରୀରର ସଂକ୍ରମଣ ସହ ଲଢ଼ିବା ପାଇଁ ପ୍ରସ୍ତୁତ କରିଥାଏ । ଏହି ପ୍ରକ୍ରିୟା ଶରୀରରେ ବିଷାକ୍ତ ପଦାର୍ଥକୁ ସଫା କରିବା ପାଇଁ ବ୍ୟବହୃତ କରାଯାଇଥାଏ । ଆୟୁର୍ବେଦ କହେ ଯେ ଅସନ୍ତୁଳିତ ଦୋଷ ଶରୀରରେ ସମସ୍ତ ପ୍ରକାରର ବିଷାକ୍ତ ପଦାର୍ଥ ସୃଷ୍ଟି କରିଥାଏ, ତେଣୁ ପଞ୍ଚକର୍ମ ଏଥିପାଇଁ ସର୍ବୋତ୍ତମ ଥେରାପି । ବର୍ଷାରେ ଦୋଷ ଅସନ୍ତୁଳନ ହେବା ଦ୍ୱାରା ଆମକୁ ହଜମ ସମ୍ବନ୍ଧିତ ସମସ୍ୟା ହୋଇଥାଏ ଏବଂ ଶାରୀରିକ ଦୁର୍ବଳତା ମଧ୍ୟ ଲାଗିଥାଏ । ସୂଚନାଯୋଗ୍ୟ, ଆୟୁର୍ବେଦ ଅନୁସାରେ କଫ ଦୋଷରେ ୨୮ ରୋଗ, ପିତ୍ତ ରୋଗରେ ୪୦ ରୋଗ, ବାତ ଦୋଷରେ ୮୦ ପ୍ରକାରର ରୋଗ ରହିଥାଏ । ଏଥିପାଇଁ ଆୟୁର୍ବେଦରେ ବାତ, ପିତ୍ତ ଓ କଫ ଆଦି ତ୍ରିଦୋଷକୁ ସନ୍ତୁଳିତ ରଖିବା ପାଇଁ ଆମକୁ ନିଜର ଉପଚାର ନିଜେ କରିବାକୁ ପଡ଼ିବ । ବିଶେଷକରି କୋଭିଡ୍ ଭଳି ମହାମାରୀ ସମୟରେ ଏସବୁକୁ ଧ୍ୟାନ ରଖିବା ଦରକାର ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି ।

**କବିତା ଗୁଚ୍ଛ**

# ଅନ୍ଧାର ଦୁନିଆ

**- ଦୁଷ୍ମନ୍ତ ବେହେରା**

ଦିନର ସାକ୍ଷୀ ରେ ସତ ଦୁନିଆ
ମିଛ ଜଗିରହେ ଅନ୍ଧାର ଦୁନିଆ
ବଡିମା ଲୋଭରେ ଭାସେ ପାପ
ଲୁଚେଇ ଦେଉଛି ଅଭିଶପ୍ତ !

ଅନ୍ଧାର ଢେଉରେ ଲୁଚକାଳି
ଖେଳେ ହସି କହେ କରମ
ଦେଖି ଦେଖି କପାଳ ଲେଖିଛି
ଯିଏ ଦେବ ତୋତେ କରମ ପାପ !

କେହି ଦେଖନ୍ତି ନାହିଁ ବୋଲି ଖେଳ
କରୁ ଅନ୍ଧାର ସାଥିରେ ବସିଛୁ ଭାବ
ଚାଲାକୀ ଖେଳୁଛୁ ଦୁନିଆ ସାଥେ
ଫଳିଯିବ ଘୃଣା ଶରୀର ସାଥେ !

ଧର୍ମ ଅଛି ବୋଲି ଦୁନିଆ ଚାଲେ
ଆଲୋକ କହେ ଖେଳନା ପରି
ଖେଳୁ ମଣିଷ ପାଖେ ବିଧାତା
କହୁଛି ମୁଁ ଖେଳି ଦେବି ତ ସାଥେ !

ମିତ ବସି ପୁଣି ହସି ଦେଉ
ଛଳନା ଡଙ୍ଗାରେ ଭସେଇ ଦେଉ
ବନ୍ଧୁ ବନ୍ଧୁ ବୋଲି ହୁରି କରୁ
ସମୟ ଆସିଲେ ରୂପ ଦେଖାଉ !

ବୟସ ଗଡିଲେ ଭାଗ୍ୟକୁ ଦୋଷ ଦେଉ
ଆଜି ଅଛି ବୋଲି କାଲିକି ହସି ଦେଉ
ଏଠି କେହି ରହିନାହିଁ ତୁ କି ବଡିମା ପିଟୁ
ବଞ୍ଚିଥିଲେ ଦେଖିବୁ ଝୁରିଝୁରି ସରିବୁ !

କେତେ ଆସି କେତେ ଲେଉଟି ଗଲେଣି
ବିଳାସ ରାଇଜେ ଦେଖଉ ନିଜର ରାଜା
ସିଂହାସନ ହସି ଦେଇ କହୁଥିବ
ସବୁ ବେଳେ ମୁଁ ଏକା ଏକା !

ଅନ୍ଧାର ଦୁନିଆ ରେ ପାପ କୁ ଲୁଚାଇ
ଆଲୋକ କହୁଛି ଏ କ'ଣ କଲୁ ସର୍ବେ
ଭୂମିରେ ସବିଏ ସମାନ ଆଜି ନହଲେ
କାଲି ପାପ ଏଣେ ତେଣେ ପଚାରି ହେବ !

ବେଳ ଥାଉ ସାବଧାନ ହ
ଦୁନିଆ ସାଣିତରେ ନିଜକୁ
କ୍ଷମା କରୁ କରୁ ଅନ୍ଧାର
ଦୁନିଆରେ ହଜି ଯିବୁ ....

**ଠିକଣା**
**ରାସୋଳ-ମୁଣ୍ଡିଆପଷି**
**ଢେଙ୍କାନାଳ**
**ମୋ ନଂ-୯୯୩୭୬୫୨୫୦୪**




### ଯୁଯୁମୁରାରେ ବିଜେପିର କାର୍ଯ୍ୟକର୍ତ୍ତା ସମାବେଶ

## ୨୨ ବର୍ଷ ଧରି ଛଳନା କରୁଥିବା ଲୋକଙ୍କ ମୁଖା ଖୋଲିବୁ: ଧର୍ମେନ୍ଦ୍ର



**ଯୁଯୁମୁରା (ଏନ୍,ଏମ୍.):** ଗତ ୨୨ବର୍ଷ ଧରି ଛଳନା କରୁଥିବା ଲୋକଙ୍କ ମୁଖା ଖୋଲିଦେବୁ। ସମ୍ବଲପୁରର ଯୁଯୁମୁରାଠାରେ ବିଜେପିର ବିଶାଳ କାର୍ଯ୍ୟକର୍ତ୍ତା ସମାବେଶରେ ଯୋଗଦେଇ ଏହିଭଳି ଚେତାବନୀ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥିସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗରିବ କଲ୍ୟାଣ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରାଯିବ ଏବଂ ଘରେ ଘରେ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପହଞ୍ଚାଯିବ ବୋଲି କହିଛନ୍ତି। ରେଢ଼ାଖୋଲ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଯୁଯୁମୁରା ହାଇସ୍କୁଲ ପଡ଼ିଆଠାରେ ଏହି ସମାବେଶର ଆୟୋଜନ କରାଯାଇଥିଲା। ଏଥିରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ପ୍ରଧାନମନ୍ତ୍ରୀ ୮ ବର୍ଷ ଧରି ଗରିବ ଲୋକଙ୍କ ସେବା କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କ ପାଇଁ ପକ୍କା ଘର, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ ଯୋଗାଣ, ଜଳ ଜୀବନ ମିଶନରେ ଘରକୁ ପାଇପରେ ପାନୀୟ ଜଳର ସୁବିଧା କରାଯାଇଛି। ଅପରପକ୍ଷରେ ମୋଦୀ ପଠାଉଥିବା ଟଙ୍କା ଓଡ଼ିଶାରେ ବାଟମାରଣା ହେଉଛି। ରାଜ୍ୟରେ ୨୨ ବର୍ଷ ସ୍ଥାଣୁ ସରକାରରେ ଯୁଯୁମୁରାର ଯୁବକ ଯୁବତୀଙ୍କୁ କାମ ମିଳୁନାହିଁ। ରୋଜଗାର ପାଇଁ ଭିଟାମାଟି ଛାଡ଼ିବା ପାଇଁ ପଡୁଛି। ଗରିବ ଲୋକମାନେ ଲାଞ୍ଚଦେଲେ ଯାଇ କାମ ହେଉଛି। ଲମ୍ବା ସମୟର ଶାସନରେ ଗରିବଙ୍କୁ କ'ଣ ମିଳିଛି ବୋଲି ପ୍ରଶ୍ନ କରିବା ସହ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତା ବଢ଼ିବା ଡରରେ ରାଜ୍ୟରେ ଆୟୁଷ୍ମାନ ଭାରତ ଲାଗୁ କରାଯାଇନାହିଁ ବୋଲି ଅଭିଯୋଗ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଜନଜାତି ଯୁବକ ଇସାକ୍ ମୁଣ୍ଡାଙ୍କ ଉଦାହରଣ ଦେଇଥିଲେ। ସେ କହିଥିଲେ, କରୋନା ସମୟରେ ସମସ୍ତେ ଦୁଃଖ ଓ ଚିନ୍ତାରେ ଥିବାବେଳେ ସ୍ଥାନୀୟ ଅଞ୍ଚଳର ଜନଜାତି ଯୁବକ ଇସାକ୍ ଟେକ୍ନୋଲୋଜିକୁ ଉପଯୋଗ କରି ନିଜ ଜୀବନକୁ ପରିବର୍ତ୍ତନ କରିବା ସହ ଲକ୍ଷପତି ହୋଇପାରିଛନ୍ତି। ଏହା ହେଉଛି ନୂଆ ଭାରତ, ନୂଆ ଓଡ଼ିଶା ତଥା ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆର ପ୍ରତିଫଳନ। ଏହି ପୃଷ୍ଠଭୂମିରେ ଓଡ଼ିଶା ସମେତ ଚାଷୀ ଓ ବୁଣାକାରଙ୍କ ଅଞ୍ଚଳ ସମ୍ବଲପୁରର ସମସ୍ତ ଗାଁରେ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ପହଞ୍ଚାଯିବାର ବ୍ୟବସ୍ଥା କରାଯାଇ ସ୍ଥାନୀୟ ଯୁବକଙ୍କୁ ସଶକ୍ତ କରାଯିବାର ମାର୍ଗ ପ୍ରସ୍ତୁତ କରାଯିବ। ଏକ ବର୍ଷ ମଧ୍ୟରେ ସମ୍ବଲପୁର ଜିଲ୍ଲାର ପ୍ରତ୍ୟେକ ଗାଁରେ ଇଣ୍ଟରନେଟ ସେବା ଉପଲବ୍ଧ ହେବ ବୋଲି କହିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଓ ଯୁବନେତା ଜୟନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ରବି ନାଏକ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ଟଙ୍କଧର ତ୍ରିପାଠୀ, ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ।

## ହିତାଧିକାରୀଙ୍କ ଖାତାରୁ ବ୍ୟାଙ୍କମିତ୍ର ଟଙ୍କା ଉଠାଇ ନେଇଥିବା ଅଭିଯୋଗ

**ଦେବଗଡ଼(ଏନ୍.ଏମ୍.):** ବାଡ ହୋଇ ଫସଲ ଖାଇବା ଭଳି ଅଭିଯୋଗ ଉଠିଛି ଦେବଗଡ଼ ଜିଲ୍ଲାରେ। ଏହି ଅଞ୍ଚଳରେ ହିତାଧିକାରୀ ଟଙ୍କା ଉଠାଇବାକୁ ଗଲେ ସେମାନଙ୍କ ଖାତାରୁ ବ୍ୟାଙ୍କମିତ୍ର ଟଙ୍କା ଉଠାଇ ନେଇ ଯାଉଛନ୍ତି। ଏମିତି ଶୋଷଣର ଶିକାର ହୋଇଥିବା ବିଷୟରେ ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଟୁହିଲାମାଳ ଗ୍ରାମର ଗୋପ ପ୍ରଧାନ ଅଭିଯୋଗ ଆଣିଛନ୍ତି। ସେ ଏ ନେଇ ସ୍ଥାନୀୟ ରିଆମାଳ ଥାନା ଓ ୟୁନିୟନ ବ୍ୟାଙ୍କର ଦ୍ୱାରସ୍ଥ ହୋଇ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଗୋପଙ୍କ ଅଭିଯୋଗ ଅନୁଯାୟୀ ୟୁନିୟନ ବ୍ୟାଙ୍କରେ ତାଙ୍କର ସେଭିଂ ଆକାଉଣ୍ଟ ରହିଛି। ଗତ ୨୭ ତାରିଖ ଦିନ ଟଙ୍କା ଉଠାଇବାକୁ ସେହି ଅଞ୍ଚଳର ୟୁନିୟନ ବ୍ୟାଙ୍କମିତ୍ର ଥିବା ଖୁଣ୍ଟାବନ୍ଧ ଗ୍ରାମର ଶେଷଦେବ ଦେହୁରୀ ପାଖକୁ ଯାଇଥିଲେ। ସେ ମାତ୍ର ୪୦୦ ଟଙ୍କା ଦେଇଥିଲେ। ଖାତାରେ ବାକି କେତେ ଟଙ୍କା ଅଛି ବୋଲି ଜାଣିବାକୁ ବ୍ୟାଙ୍କ ଆସିବାରୁ ତାଙ୍କ ଖାତାରୁ ଉକ୍ତ ଦିନ ୪ ହଜାର ୪ ଶହ ଟଙ୍କା ଉଠାଇ ନିଆ ଯାଇଥିବା ଜଣାପଡ଼ିଥିଲା। ଏକଥା ଜାଣିବା ପରେ ଶ୍ରୀ ପ୍ରଧାନଙ୍କ ମୁଣ୍ଡ ଚକର ଖାଇଯାଇଥିଲା। ସେ ସଂଗେ ସଂଗେ ଯାଇ ଏ ବିଷୟରେ ଥାନା ଓ ବ୍ୟାଙ୍କର ଦ୍ୱାରସ୍ଥ ହୋଇଥିଲେ। ତେବେ ଗ୍ରାମାଞ୍ଚଳରେ ଲୋକଙ୍କୁ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଯୋଗାଇବାକୁ ସରକାର ଏଭଳି ଏକ ସାଧୁ ଉଦ୍ୟମ ଆରମ୍ଭ କରିଥିଲେ। ଫଳରେ ହିତାଧିକାରୀ ବ୍ୟାଙ୍କ ମିତ୍ରଙ୍କ ଜରିଆରେ ତୁରନ୍ତ ଅର୍ଥ ପାଇବା ଭଳି ସୁବିଧା ହେଉଛି। ହେଲେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ନିଆଯାଉଥିବା ଅଭିଯୋଗ ଚାରିଆଡେ ଆଲୋଡନ ସୃଷ୍ଟି କରିଛି। ଏ ବାବଦରେ ରିଆମାଳ ୟୁନିୟନ ବ୍ୟାଙ୍କ୍ ଶାଖା ପରିଚାଳକ ନିହାର ରଞ୍ଜନ କିଷାନଙ୍କୁ ଯୋଗାଯୋଗ କରିବାରେ ସେ ଏହି ଘଟଣା ବାବଦରେ ବ୍ୟାଙ୍କ ମିତ୍ରକୁ ପଚାରିଛନ୍ତି। ସେ ହିତାଧିକାରୀଙ୍କୁ ଟଙ୍କା ଦେଇଥିବା ନେଇ କହିଛି ବୋଲି ବ୍ୟାଙ୍କ ପରିଚାଳକ ଶ୍ରୀ କିଷାନ ପ୍ରକାଶ କରିଛନ୍ତି। ତେଣୁ ହିତାଧିକାରୀ ଓ ବ୍ୟାଙ୍କମିତ୍ରକୁ ସାମ୍ନାସାମ୍ନି କରି ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ସିଏମସି ୪୦ ନମ୍ବର ୱାର୍ଡ଼ରେ ମିଶନଶକ୍ତି ଗୃହ ଉଦ୍‌ଘାଟନ



**କଟକ(ଏନ୍.ଏମ୍.):** କଟକ ମହାନଗର ନିଗମ ଅନ୍ତର୍ଗତ ୪୦ନମ୍ବର ୱାର୍ଡ଼ ଯୋବ୍ରା ମାଟିଆମଙ୍ଗଳା ଛକ ନିକଟରେ ସିଏମସି ପକ୍ଷରୁ ନିର୍ମାଣ କରାଯାଇଥିବା ମିଶନ ଶକ୍ତି ଗୃହର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ସିଏମସି ମେୟର ସୁବାସ ସିଂହଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ୪୦ ନମ୍ବର ୱାର୍ଡ଼ କର୍ପୋରେଟର ଝିଲ୍ଲୀ ବିହାରୀ, ପୂର୍ବତନ କର୍ପୋରେଟର ଜୟଦେବ ଜେନା, ସିଏମସି ନିର୍ବାହୀଯନ୍ତ୍ରୀ ଇଂ. ଦିବ୍ୟରଞ୍ଜନ ତ୍ରିପାଠୀ, ସହକାରୀ ଯନ୍ତ୍ରୀ ବିପିନବିହାରୀ ପ୍ରଧାନ, ଗୋଠୀ ସଂଗଠିକା ତପସ୍ୱିନୀ ନାଥ, ଅଙ୍ଗନୱାଡ଼ି କର୍ମୀ ମମତା ପାଲ, ଅନ୍ନପୂର୍ଣ୍ଣା ଦଳେଇ, ସ୍ୱର୍ଣ୍ଣପ୍ରଭା ଜେନା, ୱାର୍ଡ଼ ମେଟ ପ୍ରଭାକର ସାହୁ, ୱାର୍ଡ ସୁପରଭାଇଜର ବିଚିତ୍ର ବେହେରା, ସ୍ୱଚ୍ଛସାଥୀ ନମିତା ବରାଳଙ୍କ ସମେତ ସ୍ଥାନୀୟ ମୁରବୀ ବିଜୟ କୁମାର ପଣ୍ଡା, ଶ୍ରଦ୍ଧାନନ୍ଦ ଦାସ, ପ୍ରଭାତ କୁମାର ଦାସ, ଯୋଗେନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅନ୍ୟମାନଙ୍କ ମଧ୍ୟରେ ହୃଦାନନ୍ଦ ମହାପାତ୍ର, ରଞ୍ଜନ କୁମାର ଦାସ, ଶୁଶିଲ କୁମାର ଦଳେଇ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମିଶନଶକ୍ତି ଗ୍ରୁପର ଶତାଧିକ ମହିଳା ସଦସ୍ୟା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ଉଦ୍ୟମରେ ଜଗତପୁର ୪୮ନମ୍ବର ୱାର୍ଡ ଆଇ.ବି ରୋଡରେ ମୋ ବସ ସେବାର ଶୁଭାରମ୍ଭ



**ଜଗତପୁର(ଏନ୍.ଏମ୍.):** କଟକ ମହାନଗର ନିଗମ ଅନ୍ତର୍ଗତ ଜଗତପୁର ୪୮ନମ୍ବର ୱାର୍ଡ ଆଇ.ବି. ରୋଡରେ ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ଉଦ୍ୟମକ୍ରମେ ମୋ ବସ ସେବା ଆଜି ଠାରୁ ଆରମ୍ଭ ହୋଇଛି। ଏହି ସେବା ବିଜୁ ପଟ୍ଟନାୟକ ପାର୍କ ରୁଟ ନମ୍ବର ୮୦ରେ ଗମନାଗମନ କରିବ। ସ୍ଥାନୀୟ ସିଡିଏ ସେକ୍ଟର-୯ ଦେଇ ଉଚ୍ଚ ନ୍ୟାୟାଳୟ, ବାଦମବାଡି, ଲିଙ୍କ ରୋଡ, ରେଭେନ୍ସା କଲେଜ, କଟକ ବଡ ମେଡିକାଲ, ଜୋବ୍ରା ମହାନଦୀ ବ୍ୟାରେଜ ଦେଇ ୪୮ନମ୍ବର ୱାର୍ଡ ଜଗତପୁର ଶିକାରୀପୁର, ଫକିରପୁର, ଲକ୍ଷ୍ମଣପୁର, ପୁରୁଣା ଜଗତପୁର, ଚୌଦ୍ୱାର ବ୍ୟାରେଜ, ଗାନ୍ଧି ଛକ, କଳିଙ୍ଗ ଛକ, ଏଆରସି ଠାରୁ ଚୁଡାଖିଆ ପର୍ଯ୍ୟନ୍ତ ଏହି ବସ ଯାତାୟାତ କରିବ। ଯାହା ଦ୍ୱାରା ବହୁ ଲୋକ ଏହି ମୋ ବସ ସେବାରେ ଉପକୃତ ହେବେ ବୋଲି ଆଶା କରାଯାଇଛି। କଟକ ବଡ ମେଡିକାଲ ସମ୍ପ୍ରସାରଣ ବେଳେ ସେଠାରୁ ବସ୍ତି ଗୁଡିକୁ ଉଚ୍ଛେଦ କରାଯାଇ ବହୁ ଲୋକମାନଙ୍କୁ ରାଜ୍ୟ ସରକାର ଜଗତପୁର ଆଇ.ବି ରୋଡସ୍ଥିତ ନିମପୁର ବସ୍ତିରେ ଥଇଥାନ କରିଥିଲେ। ଏହି ବସ୍ତି ବାସିନ୍ଦାଙ୍କ ପିଲାମାନେ ସ୍କୁଲ, କଲେଜ ଠାରୁ ଆରମ୍ଭ କରି ମେଡିକାଲରେ କାମକରୁଥିବା କର୍ମଚାରୀଙ୍କ ଯାତାୟାତରେ ବହୁ ଅସୁବିଧା ହେଉଥିବାରୁ ଏବଂ ବହୁ ଦିନରୁ ଏହି ରୁଟରେ ବସ ଚଳାଚଳ ପାଇଁ ଦାବି ହୋଇଆସୁଥିବାରୁ ଆଜି ଏହି ସେବା ଶୁଭାରମ୍ଭ ହୋଇଛି। ସିଏମସି ମେୟର ସୁବାସ ସିଂଙ୍କର ନିର୍ଦ୍ଦେଶ ଓ ଡେପୁଟି ମେୟର ଦମୟନ୍ତି ମାଝିଙ୍କ ଉଦ୍ୟମକ୍ରମେ ଏହି ମୋ ବସ ସେବା ଜଗତପୁର ବାସି ଉପକୃତ ହେବେ। ୪୮ନମ୍ବର ୱାର୍ଡଠାରୁ ଚୌଦ୍ୱାର ଏବଂ କଟକ ଯିବା ପାଇଁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖି ନବ ନିର୍ବାଚିତ ୪୯ନମ୍ବର ୱାର୍ଡ କର୍ପୋରେଟର ତଥା ଡେପୁଟି ମେୟର ଏହି ମୋ ବସ ସେବାର ଶୁଭାରମ୍ଭ କରିଛନ୍ତି।

## ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣରେ ଦୁର୍ନୀତି ଅଭିଯୋଗ: ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ସ୍ମାରକପତ୍ର



**କଟକ(ଏନ୍.ଏମ୍.):** ରାଜ୍ୟ ସରକାର ସରକାରୀ ବିଦ୍ୟାଳୟର ପ୍ରଥମଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସର୍ବଶିକ୍ଷା ଅଭିଯାନ ଯୋଜନାରେ ମାଗଣା ସ୍କୁଲ ୟୁନିଫର୍ମ ୨ହଳ, ୧ହଳ ଜୋତା ଓ ୨ହଳ ମୌଜା ପାଇଁ ୬୦୦ଟଙ୍କା ଦେଉଛନ୍ତି। ତେବେ ଏହି ଛାତ୍ରଛାତ୍ରୀଙ୍କୁ ସ୍କୁଲ ୟୁନିଫର୍ମ ବଣ୍ଟନ ପାଇଁ ବିଦ୍ୟାଳୟ ପରିଚାଳନା କମିଟି,ପ୍ରଧାନ ଶିକ୍ଷକ-ଶିକ୍ଷୟତ୍ରୀ ଓ ଯୋଗାଣସଂସ୍ଥା ମଧ୍ୟରେ ସଲାସୁତୁରା ହୋଇ ନିମ୍ନମାନର ସ୍କୁଲ ୟୁନିଫର୍ମ ଯୋଗାଇବା ବ୍ୟାପକ ଅର୍ଥ ହେରଫେର ହେଉଥିବା ନେଇ 'ମୋ କଟକ ସୁରକ୍ଷା ମଞ୍ଚ' ପକ୍ଷରୁ ଅଭିଯୋଗ ହୋଇଛି। କେତେକ ବିଦ୍ୟାଳୟରେ ରସିଦ ମଧ୍ୟ ଜାଲିଆତି କରି ଗୋଟିଏ ସଂସ୍ଥା ଗୋଟିଏ ବିଲ କ୍ରମିକ ନମ୍ବରରେ ଏକାଧିକ ବିଦ୍ୟାଳୟକୁ ସ୍କୁଲ ୟୁନିଫର୍ମ ଯୋଗାଇ ସରକାରଙ୍କୁ ଟିକସ ଫାଙ୍କୁଥିବା ନେଇ ସୂଚନାଅଧିକାର ଆଇନର ତଥ୍ୟରୁ ଜଣାପଡିଛି। ଗୋଟିଏ କ୍ରମିକ ନମ୍ବର ଥିବା ଏକାଧିକ ବିଲ ଜାଲିଆତି ହୋଇଥିବା ବାବଦ ସୂଚନାଅଧିକାର ଆଇନରେ ଜାଣି ଗତ ୨୦୨୧ ମସିହା ମାର୍ଚ୍ଚ ୨୩ତାରିଖରେ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓପେପା)ଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ନେଇ ହୋଇଥିବା କାର୍ଯ୍ୟାନୁଷ୍ଠାନ ବାବଦରେ ଜାଣିବା ପାଇଁ ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ସାହୁ ୨୦୨୧ ମସିହା ଏପ୍ରିଲ ୧୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୂଚନାଅଧିକାର ଆଇନରେ ଆବେଦନ କରିଥିଲେ ସୁଦ୍ଧା ଆଜିସୁଦ୍ଧା ଏହାର ସଠିକ ତଥ୍ୟ ମିଳୁନାହିଁ। ତେଣୁ ଏନେଇ ଏକ ବଡ଼ ଧରଣର ଦୁର୍ନୀତି ହେଉଥିବା ମଞ୍ଚ ଅଭିଯୋଗ ଆଣିଛି। କଟକ ଅଞ୍ଚଳରେ କେତେକ ନିର୍ଦ୍ଦିଷ୍ଟ ଯୋଗାଣସଂସ୍ଥା ସହ ବିଭାଗୀୟ ଅଧିକାରୀ ମିଳିମିଶି ଜାଲ ରସିଦ ବଳରେ ନିମ୍ନମାନର ସ୍କୁଲ ୟୁନିଫର୍ମ ଯୋଗାଇ ବ୍ୟାପକ ଅର୍ଥ ଲୁଟ୍ କରିବା ସହ ସରକାରଙ୍କ ରାଜସ୍ୱ (ଜିଏସଟି) ହାନୀ ହେଉଛି। ସୂଚନା ଥାଉକି କେତେକ ଯୋଗାଣସଂସ୍ଥା ସରକାରଙ୍କ ଧାର୍ଯ୍ୟ ଦରଠାରୁ କମରେ ଉନ୍ନତ ମାନର ସ୍କୁଲ ୟୁନିଫର୍ମ ଯୋଗାଇବେ ବୋଲି କଟକସଦର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ସୁଦ୍ଧା ଏଥିପ୍ରତି କୌଣସି ସୁଚିନ୍ତିତ ମତାମତ ଓ ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହେଉଛି। କଟକ ଅଞ୍ଚଳରେ ସ୍କୁଲ ୟୁନିଫର୍ମ ଯୋଗାଣରେ ନିମ୍ନମାନର ପୋଷାକ ଯୋଗାଇ ବ୍ୟାପକ ଦୁର୍ନୀତି କରିଥିବା ପୂର୍ବରୁ ଗଣମାଧ୍ୟମରେ ପ୍ରକାଶିତ ହେବା ସହ ସୂଚନାଅଧିକାର ଆଇନରେ ତଥ୍ୟ ମାଗିବାରୁ ତଥ୍ୟ ପ୍ରଦାନ ନକରି ଜନସୂଚନା ଅଧିକାରୀ ମଧ୍ୟ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଆର୍ଥିକ ଜୋରିମାନା ଦେବା ପାଇଁ ମାନ୍ୟବର କମିଶନ ଅର୍ଡର ମଧ୍ୟ କରିଛନ୍ତି। କଟକଜିଲ୍ଲାରେ ସର୍ବଶିକ୍ଷା ଅଭିଯାନ ସ୍କୁଲ ୟୁନିଫର୍ମ ଯୋଗାଣ ପାଇଁ ଆସୁଥିବା କୋଟିକୋଟି ଅର୍ଥର ସଠିକ ଟିକସ ସରକାରୀ ତହବିଲକୁ ଯାଉନଥିବାବେଳେ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ପୋଷାକ ବଣ୍ଟନ କରି ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ପ୍ରଚୁର ଅର୍ଥ ରୋଜଗାର କରୁଥିବା ଅଭିଯୋଗ ହେଉଛି। ତେବେ ଏ ନେଇ ଆଜି 'ମୋ କଟକ ସୁରକ୍ଷା ମଞ୍ଚ' ସମ୍ପାଦକ ଜିତେନ୍ଦ୍ର ସାହୁ, ସୂଚନାଅଧିକାର କର୍ମୀ ବିଶ୍ୱରଞ୍ଜନ ସାହୁ ଏହି ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି କ୍ଲଷ୍ଟର କିମ୍ବା ସର୍ବମୋଟ ଏକ ସାର୍ବଜନୀନ ଟେଣ୍ଡର ପ୍ରକିୟା କରାଯାଇ ସ୍କୁଲ ୟୁନିଫର୍ମ ବଣ୍ଟନର ବ୍ୟବସ୍ଥା କରାଯିବା ପାଇଁ କଟକଜିଲ୍ଲା ପ୍ରକଳ୍ପ ସଂଯୋଜକ ତଥା ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଯୋଗ୍ୟ ଯେ, ଏହାର ଏକକିତା ନକଲ ୫ଟି ସଚିବ, ଶିକ୍ଷାମନ୍ତ୍ରୀ ଶିକ୍ଷା ସଚିବ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳଙ୍କୁ ମଧ୍ୟ ପ୍ରେରଣ କରାଯାଇଥିବା ମଞ୍ଚ ସମ୍ପାଦକ ଶ୍ରୀ ସାହୁ କହିଛନ୍ତି।

## ଚାଷୀଙ୍କୁ ସରକାରୀ ଯୋଜନା ଅପହଞ୍ଚ: ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ



**ଆଠଗଡ଼(ଏନ୍.ଏମ୍.):** ସରକାର ଚାଷୀଙ୍କ ପାଇଁ ଅନେକ ଯୋଜନା କରୁଥିଲେ ମଧ୍ୟ ସେ ସବୁ ବାଟମାରଣା ହୋଇଯାଉଛି। ଫଳରେ ସରକାରୀ ଯୋଜନା ଚାଷୀଙ୍କ ପାଇଁ ଅପହଞ୍ଚ ହୋଇ ପଡୁଛି। ତେବେ ଏହାର ପ୍ରତିବାଦରେ ଆଜି ବିଜେପି କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ ସରକାର କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନାମାନ କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଚାଷୀମାନଙ୍କ କୌଣସି ସମସ୍ୟାର ସମାଧାନ ହେଉନାହିଁ। ଯାହା ଫଳରେ ଚାଷୀମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆସୁନାହିଁ। କୃଷିର ଯାନ୍ତ୍ରିକ କରଣ ନିମନ୍ତେ ରାଜ୍ୟସରକାର ୨୦୧୧-୧୨ ଆର୍ଥିକ ବର୍ଷରେ ୮୦ କୋଟି ଟଙ୍କା ସବସିଡ ବରାଦ କରିଥିଲେ। ତାହା କ୍ରମଶଃ ବୃଦ୍ଧି ପାଇ ୨୦୨୦-୨୧ ଆର୍ଥିକ ବର୍ଷରେ ୨୨୪ କୋଟିରେ ପହଞ୍ଚିଥିଲା। ତେବେ ଏହି ୨୦୨୧-୨୨ ଆର୍ଥିକ ବର୍ଷରେ କୃଷି ଯନ୍ତ୍ରପାତି ଓ ଡିଜେଲ ପମ୍ପର ଲୋକ ପ୍ରିୟତା ପାଇଁ ସରକାର ଏହାକୁ ୪୫୪ କୋଟିକୁ ବୃଦ୍ଧି କରିଦେଲେ। ମାତ୍ର ୧୨ ବର୍ଷ ଭିତରେ ସରକାର ହଜାର ହଜାର କୋଟି ଟଙ୍କା ସବସିଡ ବାବଦରେ ଦେଉଥିଲେ ମଧ୍ୟ ତାର ସିଂହ ଭାଗ କେବଳ ବ୍ୟବସାୟିକ କ୍ଷେତ୍ରରେ ବ୍ୟବହୃତ ହେଉଥିବା ପାୱାର ଟିଲର, ଟ୍ରାକ୍ଟର ଓ ହାର୍ଭେଷ୍ଟର କିଣାରେ ବିନିଯୋଗ ହେଉଛି। ଯାହାଦ୍ୱାରାକି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ସରକାର କୃଷିର ବିକାଶ ଓ କୃଷକର ଆୟ ବୃଦ୍ଧି ଲକ୍ଷ୍ୟରେ କାଳିଆ ଯୋଜନାରେ ବ୍ୟାପକ ଅର୍ଥ ଖର୍ଚ୍ଚ କରୁଛନ୍ତି। ପ୍ରତିବର୍ଷ ବିହନ ସାର ଓ କୃଷି ଯନ୍ତ୍ରପାତି କିଣା ବାବଦରେ ୫୦ପ୍ରତିଶତ ସବସିଡ ଦିଆଯାଉଥିଲେ ମଧ୍ୟ ସେଥିରୁ ୮୦ ପ୍ରତିଶତ ବାଟମାରଣା ହେଉଥିବାର ଅଭିଯୋଗ କରିଛି କୃଷକ ମୋର୍ଚ୍ଚା। ଚାଷୀମାନଙ୍କ ଖାତାକୁ ସିଧାସଳଖ ସବସିଡ ଅର୍ଥ ଯିବାପାଇଁ ଡିବିଟି ପ୍ରକ୍ରିୟା କରାଯାଇଥିଲେ ମଧ୍ୟ ତାହା ପ୍ରକୃତ ଚାଷୀମାନଙ୍କ ଖାତାକୁ ଯାଉନାହିଁ। ମାତ୍ର ଓଡିଶା ବାହାରର ଚାଷୀମାନଙ୍କ ନାମ ଜାଲିଆତି କରି ପଞ୍ଜିକରଣ କରାଯାଇ ସେମାନଙ୍କ ନାମରେ ଦଲାଲମାନଙ୍କ ଜରିଆରେ ସବସିଡ ଅର୍ଥକୁ ବାଟମାରଣା କରାଯାଉଥିବା ବିକ୍ଷୋଭକାରୀମାନେ ଅଭିଯୋଗ ଆଣିଛନ୍ତି।

## ରାଜଧାନୀରେ ବିଭତ୍ସ ହତ୍ୟାକାଣ୍ଡ: ସ୍ତ୍ରୀର ତଣ୍ଟିକାଟି ନିର୍ମମଭାବେ ହତ୍ୟା କଲା ପିଶାଚ ସ୍ୱାମୀ, ଆକ୍ରମଣରେ ୫ ବର୍ଷର ଝିଅ ଗୁରୁତର

**ଭୁବନେଶ୍ୱର (ଏନ୍.ଏମ୍.):** ରାଜଧାନୀରେ ଚାଞ୍ଚଲ୍ୟ। ସ୍ତ୍ରୀକୁ ନିର୍ମମଭାବେ ହତ୍ୟା କଲା ପିଶାଚ ସ୍ୱାମୀ। ନିଶାସକ୍ତ ଅବସ୍ଥାରେ ଝିଅର ବେକକୁ ଧାରୁଆ ଅସ୍ତ୍ରରେ କାଟିବା ପରେ ସ୍ତ୍ରୀକୁ ଅତି ବିଭତ୍ସଭାବେ ହତ୍ୟାକଲା ନିଶାସକ୍ତ ସ୍ୱାମୀ। ଉଭୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭୁବନେଶ୍ୱର ଘାଟିକିଆ ଅଞ୍ଚଳରେ ଘଟିଛି ଏଭଳି ଛାତିଥରା ହତ୍ୟାକାଣ୍ଡ। ଘଟଣାସ୍ଥଳରେ ଖଣ୍ଡଗିରୀ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତା ମହିଳା ଜଣକ ହେଲେ ସରସ୍ୱତୀ ଦାସ। ତେବେ ସରସ୍ୱତୀ ପେଶାରେ ଜଣେ ନର୍ସ ଥିଲେ ବୋଲି ଜଣାପଡିଛି। ହେଲେ ନିଶା ପାଇଁ ଏଭଳି ବର୍ବର ହତ୍ୟାକାଣ୍ଡ ଘଟିଥିବା ସୂଚନା ରହିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ସ୍ୱାମୀ ସଞ୍ଜିତ ଦାସ କୌଣସି ରୋଜଗାର କରୁନଥିବାବେଳେ ପତ୍ନୀଙ୍କ ରୋଜଗାରରେ ପରିବାର ଚଳେ। ତେବେ ସଞ୍ଜିତ କେଉଁଠି କାମ କରିବା ପରିବର୍ତ୍ତେ ପତ୍ନୀଙ୍କ ଠାରୁ ଜୋର ଜବରଦସ୍ତ ଅର୍ଥ ନେଇ ନିଶା ସେବନ କରେ। ଫଳରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହ ମଝିରେ ମଝିରେ ଗଣ୍ଡଗୋଳ ମଧ୍ୟ ହୁଏ ବୋଲି ସ୍ଥାନୀୟ ପଡ଼ୋଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଘଟଣା ଦିନ କୌଣସି କଥାକୁ ନେଇ ଉଭୟ ପତିପତ୍ନୀଙ୍କ ମଧ୍ୟରେ କଳହ ଲାଗିଥିବା ବେଳେ ଏହା ସାଂଘାତିକ ରୂପ ନେଲା। ନିଜ ହିତାହିତ ଜ୍ଞାନ ହରାଇ ବସିଥିବା ସଞ୍ଜିତ ଏକ ଧାରୁଆ ଅସ୍ତ୍ରରେ ପତ୍ନୀ ଓ ଝିଅଙ୍କ ବେକ କାଟି ଦେଇଥିଲେ। ଘଟଣାସ୍ଥଳରେ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିବା ବେଳେ ଝିଅକୁ ଗୁରୁତର ଅବସ୍ଥାରେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଏବେ ବିପଦମୁକ୍ତ ଥିବା ଜଣାଯାଇଛି। ପୁଲିସ ସଞ୍ଜିତକୁ ଗିରଫ କରି କୋର୍ଟ ଚାଲଣ କରିଥିବା ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ଶଙ୍କଟରେ ଗଜରାଜ: ଜୟପୁର ଜଙ୍ଗଲରେ ବୁଲୁଛି ଗୁଳିବିଦ୍ଧ ଦନ୍ତାହାତୀ



**ଆଠଗଡ଼(ଏନ୍.ଏମ୍.):** ଏବେ ଶଙ୍କଟରେ ଗଜରାଜ। ରାଜ୍ୟର ବିଭିନ୍ନ କୋଣରେ ଏବେ ହାତୀ ମୃତ୍ୟୁ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ହାତୀମାନଙ୍କ ସୁରକ୍ଷା ପାଇଁ ବନବିଭାଗ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏହା ହାତୀମାନଙ୍କୁ ସୁରକ୍ଷା ଦେଇ ପାରୁନଥିବା ଭଳି ଅଭିଯୋଗ କରିଛନ୍ତି ବନ୍ୟଜନ୍ତୁ ପ୍ରେମୀ। ବିଶେଷ କରି ହାତୀମାନେ ରେଳପଥ ଅତିକ୍ରମ କରିବା ସମୟରେ ଦୁର୍ଘଟଣା ଘଟିବା ଭଳି ଗୋଟିଏ ହୃଦୟ ବିଦାରକ ଘଟଣା ବାରମ୍ବାର ଘଟୁଛି। ତେଣୁ ଏ ନେଇ କେନ୍ଦ୍ର ରେଳମନ୍ତ୍ରୀ ମଧ୍ୟ ହାତୀ ଯିବା ଅଞ୍ଚଳରେ ରେଳପଥ ଥିଲେ ଅଣ୍ଡରପାସ କରିବା ପାଇଁ ଯୋଜନା କରୁଥିବା କହିଛନ୍ତି। ହେଲେ ଏହା ହାତୀମାନଙ୍କୁ କେତେଦୂର ସୁରକ୍ଷା ଦେବ ତାହା କେବଳ ସମୟ କହିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଗୋଟିଏ ପଟେ ମଣିଷ ଜଙ୍ଗଲ ଭିତରକୁ ଧସେଇ ପଶିବା ଯୋଗୁଁ ବନ୍ୟଜନ୍ତୁ ବାସହରା ବେସାହାରା ହୋଇ ପଡ଼ିଛନ୍ତି। ଦିନକୁ ଦିନ ଘଞ୍ଚ ଅରଣ୍ୟ ପାଲଟି ଯାଉଛି କଂକ୍ରିଟ ଜଙ୍ଗଲ ଆଉ ବିକାଶର ସ୍ମାରକୀ କଳକାରଖାନା। ଏଥିରେ ଅତିଶୟ ବନ୍ୟଜନ୍ତୁ ବିଚରା ରହିବ କେଉଁଠି। ବାଧ ହୋଇ ପଶି ଆସୁଛି ଜନବସତି ଆଡକୁ। ଖାଦ୍ୟ ଗଣ୍ଡେ ନପାଇ ଭୋକ ଉପାସରେ ବୁଲୁଛି ଏ ଗାଁରୁ ସେ ଗାଁକୁ। ସେ ହାତୀ ହୁଅନ୍ତୁ ବା ହରିଣ କିମ୍ବା ବାରହା। ଜୀବନ ବିକଳରେ ଗାଁ ମୁହଁ ହୋଇଥିବାବେଳେ ବି ମଣିଷଙ୍କ ହାବୁଡ଼ରୁ ଖସି ପାରୁନାହାନ୍ତି। ବାଧ ହୋଇ ଜୀବନ ପାଇଁ ସଂଗ୍ରାମ କରୁଛି। ଆଉ ଏହି ସଂଗ୍ରାମରେ କେତେବେଳେ ମଣିଷତ ଆଉ କେତେବେଳେ ବନ୍ୟଜନ୍ତୁ, ବଳି ପଡ଼ି ଯାଉଛନ୍ତି। କେଉଁଠି ବନ୍ୟଜନ୍ତୁଙ୍କ ଆକ୍ରମଣରେ ମଣିଷ ମୃତ୍ୟୁ ମୁଖରେ ପଡୁଛି ତ ଆଉ କେଉଁଠି ମନୁଷ୍ୟର ଚକ୍ରାନ୍ତ ମୂଳକ ଆକ୍ରମଣରେ ବନ୍ୟଜନ୍ତୁ ପ୍ରାଣ ହରାଉଛି। ତେବେ ଏହାକୁ ନେଇ ବ୍ୟଥିତ ହୋଇ ପଡ଼ିଛନ୍ତି ବନ୍ୟଜନ୍ତୁ ପ୍ରେମୀ। କିନ୍ତୁ ନାଚାର। ଏହାର ସ୍ଥାୟୀ ମାର୍ଗ କିଏ ଖୋଜିବ ତାହାକୁ ନେଇ ପ୍ରଶ୍ନବାଚୀ।

ଏବେ ଗୋଟିଏ ପରେ ଗୋଟିଏ ହାତୀ ବିପଦରେ ପଡୁଥିବା ଦେଖିବାକୁ ମିଳିଛି। ତେବେ କଟକ ଜିଲ୍ଲା ନରସିଂହପୁର ଜୟପୁର ଜଙ୍ଗଲରେ ଗୋଟିଏ ଗୁଳିବିଦ୍ଧ ଦନ୍ତାହାତୀ ବୁଲୁଛି। ଗୁଳିବିଦ୍ଧ ହୋଇଥିବାବେଳେ କେତେବେଳେ ଯନ୍ତ୍ରଣାରେ ଛଟପଟ ହୋଇ ଗଡ଼ିଯାଉଛି ତ ଆଉ କେତେବେଳେ ଏଣେ ତେଣେ ବୁଲି ଜୀବନ ବଞ୍ଚାଇବାକୁ ଉଦ୍ୟମ କରୁଛି। ସୂଚନା ଅନୁଯାୟୀ ସ୍ଥାନୀୟ ପଶ୍ଚିମ ବନ ବିଭାଗ ଅଧିନସ୍ଥ ଜୟପୁରରେ ଶିକାରୀ ଗୁଳିରେ ଏହି ହାତୀଟି ଅସୁସ୍ଥ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଉକ୍ତ ହାତୀଟିର ବୟସ ୮ ରୁ ୧୦ବର୍ଷ ହେବ ବୋଲି ବନବିଭାଗ ଅଧିକାରୀ କହିଛନ୍ତି। ତେବେ ହାତୀର ଶୁଣ୍ଢ, ମୁହଁ ଓ ଆଗ ଡାହାଣ ଗୋଡରେ ଆଘାତ ଲାଗିଥିବା ଜଣାପଡ଼ିଛି। ଏ ବିଷୟରେ ଜଣାପଡ଼ିବା ପରେ ନରସିଂହପୁର ପ୍ରାଣୀ ଚିକିତ୍ସା ଅଧିକାରୀ ବିଜୟ କୁମାର ସେନାପତି ପ୍ରାଥମିକ ପର୍ଯ୍ୟାୟରେ ଚିକିତ୍ସା କରିଛନ୍ତି। ଏକ ମାସ ହେବ ଏହିପରି କ୍ଷତ ବିକ୍ଷତ ଅବସ୍ଥାରେ ହାତୀଟି ବୁଲୁଛି ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଏହି ହାତୀଟିକୁ ତୁରନ୍ତ ଚିକିତ୍ସା କରିବା ସହ ହାତୀମାନଙ୍କୁ ସୁରକ୍ଷା ଯୋଗାଇଦେବା ତଥା ସେମାନେ କିଭଳି ଗ୍ରାମାଭିମୁଖୀ ନହେବେ ଏବଂ ଶିକାରୀଙ୍କ କବଳରୁ ରକ୍ଷା ପାଇବେ ସେ ନେଇ ବନବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ବନ୍ୟଜନ୍ତୁ ପ୍ରେମୀମାନେ ଦାବି କରିଛନ୍ତି। ସୂଚନା ଯୋଗ୍ୟ ଯେ, ହାତୀମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ କାମ୍ପା ଯୋଜନା ନାମରେ ବିପୁଳ ଅର୍ଥ ବ୍ୟୟ କରାଯାଇ ଜଙ୍ଗଲ ମଧ୍ୟରେ ଜଳାଶୟ, ଜଙ୍ଗଲରେ ଗଛର ଘନତ୍ୱ ବୃଦ୍ଧି ଓ ହାତୀ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଯୋଗାଇବା ନିମନ୍ତେ ଜାମୁ, ବର ଆଦି ବୃକ୍ଷରୋପଣ ଯୋଜନା ଦିଗହରା ହୋଇଯାଇଛି। ଏହି ଅର୍ଥ କେଉଁବାଟରେ ବିନିଯୋଗ ହୋଇଛି ତାହା ମଧ୍ୟ ସ୍ପଷ୍ଟ ହେଉନଥିବା ବନ୍ୟଜନ୍ତୁ ପ୍ରେମୀଙ୍କ ମହଲରେ ଚର୍ଚ୍ଚା ହେବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହୋଇଛି।




# ଏସଟିଏଫ ଟିମ ଦ୍ୱାରା ଭୁବନେଶ୍ୱରରେ ବେଆଇନ ବ୍ରାଉନ ସୁଗର ଜବତ ୩ ଗିରଫ



**ଭୁବନେଶ୍ୱର(ଏନ.ଏମ୍.):** ଦିନକୁ ଦିନ ରାଜଧାନୀରେ ବଢ଼ିଚାଲିଛି ନିଶା କାରବାର। କମିଶନରେଟ ପୁଲିସ ଓ ଅବକାରୀ ବିଭାଗର ଘନଘନ ଚଢ଼ାଉ ସତ୍ତ୍ୱେ ବି ନିଶା ବେପାରୀଙ୍କ କାରବାର ବୃଦ୍ଧି ବିଭାଗର ମୁଣ୍ଡବିନ୍ଧାକୁ ବଢ଼ାଇ ଦେଇଛି। ଇତି ମଧ୍ୟ କଟକ ଭୁବନେଶ୍ୱର କମିଶନରେଟ ପୁଲିସ ଓ ଅବକାରୀ ବିଭାଗ ରେକର୍ଡ ସଂଖ୍ୟକ ବେଆଇନ ନିଶା ଦ୍ରବ୍ୟ ଜବତ କରିଥିବାବେଳେ ବହୁ ନିଶା ବ୍ୟବସାୟୀଙ୍କୁ ଗିରଫ କରି ଏକ ସଫଳତା ହାସଲ କରିଛି। ତଥାପି ନିଶାକାରବାର ରୋକିବାରେ ପ୍ରଶାସନ ସମ୍ପୂର୍ଣ୍ଣ ସଫଳତା ପାଇ ପାରିନଥିବା ଜଣାପଡ଼ିଛି। ଭୁବନେଶ୍ୱର ଗୁଇନ୍ଦା ସଂସ୍ଥା ଆଜି ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଭୁବନେଶ୍ୱର ଏମସ ନିକଟରେ ଭୁବନେଶ୍ୱର ଏସଟିଏଫ ଦଳ ଚଢ଼ାଉ କରିଥିଲା। ତେବେ ନାର୍କୋଟିକ୍ ଡ୍ରଗ୍ସର ବେଆଇନ କାରବାର ନେଇ ଜଣାପଡ଼ିବା ପରେ ଏହି ଘଟଣାରେ ୩ଜଣ ଡ୍ରଗ୍ ବେପାରୀଙ୍କୁ ଧରାଯାଇଛି। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ତମାଣ୍ଡୋ ଥାନା ଅନ୍ତର୍ଗତ ରଣସିଂହପୁରର ଭାଗୀରଥୀ ଭଞ୍ଜ ଓରଫ ଭାଗା, ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ଅନ୍ତର୍ଗତ ଚିଉଲପୁର ଅଞ୍ଚଳର ବିଶ୍ୱଜିତ ନାୟକ, ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ରଘୁନାଥ ନଗରର ଚନ୍ଦନ ମଲ୍ଲିକ୍ ରହିଛନ୍ତି। ସୂଚନା ଅନୁଯାୟୀ, ଏହି ଟିମ ଚଢ଼ାଉ ସମୟରେ ସେଠାରୁ ୨ କିଲୋଗ୍ରାମ ୫୮ ଗ୍ରାମ ଓଜନର ନିଷେଧାଦେଶ ବ୍ରାଉନ୍ ସୁଗାର ଏବଂ ଅନ୍ୟାନ୍ୟ ଅପରାଧ ସାମଗ୍ରୀ ସେମାନଙ୍କ ନିକଟରୁ ଜବତ କରାଯାଇଥିଲା। ଏ ନେଇ ଏସଟିଏଫ ପୁଲିସ କେସ ନମ୍ବର୧୪/୨୨ରେ ଭାରତୀୟ ପିଙ୍ଗଳ କୋର୍ଡ଼ ଦଫା ୨୧(ସି), ଏଡିପିଏସ ଆଇନ ୧୯୮୫ର ଧାରା ୨୯ରେ ଗିରଫ କରାଯାଇ ଅଭିଯୁକ୍ତମାନଙ୍କୁ ଜିଲ୍ଲା ଏବଂ ସେସନ୍ସ ତଥା ସ୍ପେଶାଲ ଜର୍ଜଙ୍କ କୋର୍ଟରେ ହାଜର କରାଯାଇ ଜେଲକୁ ପଠାଯାଇଥିଲା। ତେବେ ବିଭାଗ ପକ୍ଷରୁ ନାର୍କୋଟିକ୍ ଡ୍ରଗ୍ସ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ୍ ଜାରି ରହିଛି। ୨୦୨୦ ମସିହା ପରଠାରୁ, ଏସଟିଏଫ ୫୪ କିଲୋଗ୍ରାମରୁ ଅଧିକ ବ୍ରାଉନ୍ ସୁଗାର/ହିରୋଇନ୍, ୨୦୨ ଗ୍ରାମ କୋକେନ୍ ଏବଂ ୧୦୩ କ୍ରିଷ୍ଟାଲରୁ ଅଧିକ ଗଞ୍ଜେଇ ଓ ଭାଙ୍ଗ, ୭୫୦ ଗ୍ରାମ ଅଫିମ ଜବତ କରାଯାଇଛି। ତେବେ ବେଆଇନ ନିଶାକାରବାର ଅପରାଧରେ ଆଜି ପର୍ଯ୍ୟନ୍ତ ୧୫୦ ରୁ ଅଧିକ ଡ୍ରଗ୍ ଡିଲର ଓ ବେପାରୀଙ୍କୁ ଗିରଫ କରାଯାଇଛି।

# ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟ ନେଇ ସିପିଆଇ ପକ୍ଷରୁ ବିକ୍ଷୋଭ




**ସାଲେପୁର(ଏନ୍.ଏମ୍.)** କଟକ ଜିଲ୍ଲା ସାଲେପୁର ବ୍ଲକ ଅନ୍ତର୍ଗତରେ କାର୍ଯ୍ୟରତ ଜଣେ ବିଦ୍ୟୁତ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଗୋଟିଏ ପଟେ ବିଦ୍ୟୁତ ବିଭାଗ ଉପଭୋକ୍ତାମାନଙ୍କୁ ଶୋଷଣ କରୁଥିବାବେଳେ ନିଜ କର୍ମଚାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ନଦେବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ ଉଠିଛି।

ଏନେଇ ବହୁଗ୍ରାମ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ପକ୍ଷରୁ ବିଦ୍ୟୁତ ବିଭାଗର ମନମୁଖୀ କାର୍ଯ୍ୟ ଓ ବାରମ୍ବାର ବିଦ୍ୟୁତ କାଟକୁ ନେଇ ଆନ୍ଦୋଳନ କରାଯାଇଛି। ସିପିଆଇ କର୍ମକର୍ତ୍ତାମାନେ ସ୍ଥାନୀୟ ପାଗା ବଜାରୁ ଏକ ବିଶାଳ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରି ବହୁଗ୍ରାମ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାର ଗୋଟିଏ ପଟେ ସରକାରୀ ସଂସ୍ଥା ଗୁଡ଼ିକୁ ପୁଞ୍ଜିପତି ଘରୋଇ ସଂସ୍ଥାମାନଙ୍କୁ ଟେକି ଦେବା ସହ ଜନସାଧାରଣଙ୍କୁ ଶୋଷଣ କରିବା ପାଇଁ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି କରୁଛନ୍ତି। ଅନ୍ୟପକ୍ଷରେ ସରକାର ଏହି ପୁଞ୍ଜିପତିମାନଙ୍କ ଠାରୁ ମୋଟାଅଙ୍କର ମୁନାଫା ନେବା ସହ ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି। ଯାହା ତେଲିଆ ମୁଣ୍ଡରେ ତେଲ ସଦୃଶ ସାବ୍ୟସ୍ତ ହୋଇଛି ବୋଲି ସିପିଆଇ ପକ୍ଷରୁ କୁହାଯାଇଛି। ସେହିଭଳି ଟାଟା ପାୱାର ବିଦ୍ୟୁତ୍ ବିଭାଗ ନେବା ଦିନଠାରୁ ଲୋକ ମାନଙ୍କୁ ଶୋଷଣ ଆରମ୍ଭ କରିଛି। ଚାଇନା ମିଟର ଦ୍ୱାରା ଇଲେକ୍ଟ୍ରିକ ବିଲ୍ ଅଧିକ ହେଉଛି ହେଉଥିବା ଅଭିଯୋଗ ମଧ୍ୟ ହୋଇଛି। ପୁନଶ୍ଚ ଟାଟା କମ୍ପାନୀ ଖରା ଦିନରେ ବାରମ୍ବାର ଲାଇନ୍ କାଟିବା ଯୋଗୁଁ ଉପଭୋକ୍ତା ନାହିଁ ନଥିବା ହଇରାଣ ହେଉଛନ୍ତି। ତେଣୁ ଏ ନେଇ ସିପିଆଇ ପକ୍ଷରୁ ଟାଟା କମ୍ପାନୀର ମନମୁଖୀ କାର୍ଯ୍ୟକୁ ତିବ୍ର ବିରୋଧ କରାଯାଇଛି। ଯଦି ଏ ବିଷୟରେ ଟାଟା ପାୱାର କିଛି ନବୁଝେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ତିବ୍ର କରାଯିବ ବୋଲି କହିଛନ୍ତି ସିପିଆଇ ଦଳର କର୍ମକର୍ତ୍ତାମାନେ କହିଛନ୍ତି।

# ଚିତ୍ରକଳା ଓ ହସ୍ତଶିଳ୍ପ କର୍ମଶାଳା ଉଦ୍‌ଘାଟିତ



**ଖଣ୍ଡପଡା(ଏନ୍.ଏମ୍.):** ଖଣ୍ଡପଡା ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ତପସ୍ୟା ଆର୍ଟ ଆଣ୍ଡ ମ୍ୟୁଜିକ ବିଦ୍ୟାଳୟ ପକ୍ଷରୁ ଗ୍ରୀଷ୍ମକାଳିନ ଚିତ୍ରକଳା ଓ ହସ୍ତଶିଳ୍ପ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡିଶାର ସୁନାମଧନ୍ୟ ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକ, ଯୁବ ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଚିତରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭବାନୀ ଶଙ୍କର ସିଂହସାମନ୍ତଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦୁର୍ଗାପ୍ରସାଦ ଆଚାର୍ଯ୍ୟ କର୍ମଶାଳା ଅୟୋଜନର ମୁଖ୍ୟଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଚିତ୍ରକଳା ଓ ହସ୍ତଶିଳ୍ପ ପ୍ରତି ରୁଚି ରଖୁଥିବା ୩୦ ଜଣ ଛାତ୍ରଛାତ୍ରୀ କର୍ମଶାଳାରେ ଯୋଗ ଦେଇଥିଲେ। ଆସନ୍ତା ୧୫ ତାରିଖ ଅପରାହ୍ନରେ କର୍ମଶାଳା ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ପୁରୀରେ ହେଉନି ପୌରନିର୍ବାଚନ, ଚାଲିଛି ଅଫିସର ରାଜ: ଆପ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

# ପୁରୀ ପୌରସଦନ ବର୍ଦ୍ଧିତ ଦରକୁ ବିରୋଧ




**ପୁରୀ(ଏନ୍.ଏମ୍.):** ଦୀର୍ଘଦିନ ଧରି ପୁରୀରେ ପୌରପାଳିକା ନିର୍ବାଚନ ନହେବା ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଗୋଟିଏ ପଟେ ନିର୍ବାଚିତ ଲୋକପ୍ରତିନିଧି ନଥିବାଯୋଗୁଁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉନାହିଁ। ଅନ୍ୟପକ୍ଷରେ ଲୋକପ୍ରତିନିଧି ନଥିବା ସୁଯୋଗ ନେଇ ଅଫିସରରାଜ ଚାଲିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପୌରପାଳିକାରେ ଯେଉଁ ନିଷ୍ପତି ନିଆଯାଉଛି ଯାହା ପୁରୀବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ବର୍ତ୍ତମାନ ପୁରୀ ପୌରସଦନ ଶୀତତାପନିୟନ୍ତ୍ରିତ ହେବାପରେ ପ୍ରାୟ ୫ ଗୁଣ ଦର ବୃଦ୍ଧି ହୋଇ ୨୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି ଯାହା ପୁରୀର ବିଭିନ୍ନ ବେସରକାରୀ ସଙ୍ଗଠନ ପାଇଁ ଧାର୍ଯ୍ୟ ହୋଇଥିବା ବର୍ଦ୍ଧିତ ଦର ଦେଇ କୌଣସି ସାଂସ୍କୃତିକ ବା ସାଂଗଠନିକ କାର୍ଯ୍ୟକ୍ରମ କରିବା ଏକପ୍ରକାର ଅସମ୍ଭବ ହୋଇପଡିଛି। ଆଗକୁ ପୌର ନିର୍ବାଚନ ହୋଇ ଜନପ୍ରତିନିଧି ନିର୍ବାଚିତ ହୋଇ ପୁରୀ ବାସୀଙ୍କ ମତାମତ ନେବା ପର୍ଯ୍ୟନ୍ତ ବର୍ତ୍ତମାନ ଦରକୁ ହ୍ରାସ କରିବା ଦାବିରେ ଆମ୍ ଆଦ୍‌ମୀ ପାର୍ଟି ୟୁଥ୍ ୱିଙ୍ଗ ତରଫରୁ ପୁରୀ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିରୋଧ ପ୍ରଦର୍ଶନ ସହ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ନୋ ପ୍ରଫିଟ ନୋ ଲସ ହିସାବରେ ଦର ହ୍ରାସ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଆପ ପୁରୀ ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀଙ୍କ ନେତୃତ୍ୱରେ ଜିଲ୍ଲା ଯୁବ ସଂଗଠକ ସୁଧାଂଶୁ ଶେଖର ନାଏକ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ସୁନୀଲ ଜେନା,ରାକେଶ କୁମାର ନନ୍ଦ, ଅନିଲ କୁମାର ସେନାପତି, ଚିନ୍ମୟୀ ରଥ, ପାର୍ବତୀ ପ୍ରଧାନ, ଅଜୟ କୁମାର ନାୟକ, ରଞ୍ଜନ କୁମାର ପ୍ରଧାନ,ଏସ. ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଏମ୍‌ଆଇ ଭୁବନେଶ୍ୱରର ୯ତମ ଦୀକ୍ଷାନ୍ତ ସମାରୋହ




**ଭୁବନେଶ୍ୱର(ଏନ.ଏମ):** ଭୁବନେଶ୍ୱର ସ୍ଥିତ ଇଣ୍ଟରନ୍ୟାସନାଲ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ (ଆଇଏମ୍‌ଆଇ) ପକ୍ଷରୁ ଏହାର ୯ତମ ଦରକ୍ଷାନ୍ତ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମାଟୋ ପିଜିଡିଏମ୍ ୨୦୧୯-୨୧ ଏବଂ ପିଜିଡିଏମ୍ ୨୦୧୮-୨୧ ବ୍ୟାଚ ସ୍ନାତକୋ□ର ଛାତ୍ରମାନଙ୍କୁ ନେଷ୍ଟଲେ ଇଣ୍ଡିଆ ଲିମିଟେଡ୍‌ର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ମୁଖ୍ୟ ଅତିଥି ଭାବରେ ସମାରୋହରେ ଯୋଗଦେଇ ପ୍ରଦାନ କରିଥିଲେ। ଭି.ସି. ଅଗ୍ରୱାଲ, ସଭାପତି-କର୍ପୋରେଟ ଏଚ୍‌ଆର୍ ଏବଂ ବୋର୍ଡ ସଦସ୍ୟ ଆପିଏସଜି ଗ୍ରୁପ ସ୍ନାତକୋତ୍ତର ଛାତ୍ରମାନଙ୍କୁ ଡିପ୍ଲୋମା ପ୍ରଦାନ କରିଥିଲେ। ଆରମ୍ଭରେ ଭୁବନେଶ୍ୱର ଆଇଏମ୍‌ଆଇର ନିର୍ଦ୍ଦେଶକ ପ୍ରଫେସର ରମେଶ ବେହଲ, ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଏବଂ ବାର୍ଷିକ ଏକାଡେମିକ ରିପୋର୍ଟ ଉପସ୍ଥାପନ କରିଥିଲେ। ପ୍ରଫେସର ବେହଲ ଆଇଏମ୍‌ଆଇ ଏନଆଇଅରଏଫ ର୍‍ୟାଙ୍କ ୬୨ ହାସଲ କରି ଗତ ଏକ ବର୍ଷ ମଧ୍ୟରେ ଉପଲବ୍ଧ କରିଥିବା ସ'ଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଆସୋସିଏଶନ ଅଫ ଏମବିଏ(ଏଏମବିଏ) ଦ୍ୱାରା ଅନ୍ତର୍ଜାତୀୟ ମାନ୍ୟତା ଏବଂ ଏନଏଏସି ଦ୍ୱାରା ସ୍ୱୀକୃତି ହାସଲ କରିବା ଆଇଏମ୍‌ଆଇ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଅନୁସନ୍ଧାନ ଏବଂ ପ୍ରକାଶନ ଦିଗରେ ଅ୍ମାପକଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଶିକ୍ଷାର୍ଥୀମାନେ ୧୦୦ ପ୍ରତିଶତ ପ୍ଲେସମେଣ୍ଟ ହାସଲ କରିଥିବାରୁ ସେ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଆଇଏମ୍‌ଆଇ ଉପରେ ବିଶାବାସ ପ୍ରକଟ କରିଥିବାରୁ ସେ ସମ୍ପୃକ୍ତ କମ୍ପାନୀଗୁଡିକୁ କୃତଜ୍ଞତା ଜଣାଇଥିଲେ। ମୁଖ୍ୟ ଅତିଥି ସୁରେଶ ନାରାୟଣନ ସୌରଭ ନାୟାରଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ପିଜିଡିଏମ୍ ୨୦୧୯-୨୧ ବ୍ୟାଚ ଛାତ୍ର ପ୍ରୀତମ ଘୋଷଙ୍କୁ ରୌପ୍ୟ ପଦକ ପ୍ରଦାନ କରିଥିଲେ। ଏହି ଅବସରରେ ପିଜିଡିଏମ୍ ୨୦୧୮-୨୧ ବ୍ୟାଚର ପୀୟୂଷ ରଞ୍ଜନ ସାହୁ ଏବଂ ତ୍ରିଶାନୁ ଚକ୍ରବର୍ତ୍ତୀଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ସୁରେଶ ନାରାୟଣନ ଡ. ରମା ପ୍ରସାଦ ଗୋଏଙ୍କା ଶ୍ରେଷ୍ଠ ଛାତ୍ର ପଦକ ଅମଲ ଜୈନଙ୍କୁ ପ୍ରଦାନ କରିଥିଲେ। ସେହିପରି ସାମଗ୍ରୀକ ଅବଦାନ ପାଇଁ ଶୁଭମ ସିଙ୍ଗଲଙ୍କୁ ଡାଇରେକ୍ଟରର୍ସ ମେଡାଲ ପ୍ରଦାନ କରିଥିଲେ। ସୁରେଶ ନାରାୟଣନ ଦୀକ୍ଷାନ୍ତ ସମାରୋହରେ ପିଜିଡିଏମ୍ ବ୍ୟାଚକୁ ଅଭିନନ୍ଦନ ଜଣାଇଥିଲେ। ସେ ଛାତ୍ରମାନଙ୍କୁ ନିଜ ବୁଦ୍ଧି, ପ୍ରତିଭା ଆଧାରରେ ଜୀବନରେ ବିକାଶ ଧାରାରେ ସ'ଳତା ହାସଲ ଲାଗି ପରାମର୍ଶ ପ୍ରଦାନ କରିଥିଲେ। ଏକ ସ୍ୱଷ୍ଟ ଦର୍ଶନ ଏବଂ ସକାରାତ୍ମକ ମନୋଭାବ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେ ନୂତନ ଯୁଗର ପରିଚାଳକମାନଙ୍କୁ ଦୟାଳୁ, ସୃଜନଶୀଳ ଏବଂ ସାହସୀ ହେବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକାଡେମୀର ୨୦୦ ରୁ ଅଧିକ ମାନ୍ୟଗଣ୍ୟ ବ୍ୟକ୍ତି, ସରକାରୀ ବରିଷ୍ଠ ଅଧିକାରୀ, ଅଗ୍ରଣୀ ବ୍ୟବସାୟିକ ବ୍ୟକ୍ତିତ୍ୱ, ଆଇଏମଆଇ, ଭୁବନେଶ୍ୱରର ପରିଚାଳନା ପରିଷଦର ସଦସ୍ୟ ଏବଂ ସ୍ନାତକୋତ୍ତ□ର ଛାତ୍ରମାନଙ୍କର ଅଭିଭାବକ ଯୋଗ ଦେଇଥିଲେ।

# ଆଚାର୍ଯ୍ୟ ହରିହର ସ୍ନାତୋକତ୍ତର ଚିକିତ୍ସା ପ୍ରତିଷ୍ଠାନରେ ବନ୍ଦ ହେବ ୨୫ ବର୍ଷର ପୁରୁଣା କୋବାଲ୍ଟ ରେଡିଓଥେରାପି ୟୁନିଟ !




**କଟକ(ଏନ୍.ଏମ୍.):** ଆଚାର୍ଯ୍ୟ ହରିହର ସ୍ନାତୋକତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ପୁରୁଣା କୋବାଲ୍ଟ ରେଡିଓଥେରାପି ୟୁନିଟକୁ ବନ୍ଦ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କ୍ରମରେ ଦୀର୍ଘ ୨୫ବର୍ଷର ପୁରୁଣା କୋବାଲ୍ଟ ରେଡିଓଥେରାପି ୟୁନିଟକୁ ବନ୍ଦ କରିଦିଆଯାଇଛି। ଆଟମିକ ଏନର୍ଜି ରେଗୁଲେଟାରୀ ବୋର୍ଡ(ଏଇଆରବି)ର ଅନୁମତି କ୍ରମେ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ କର୍କଟ ରୋଗୀଙ୍କ ବିକିରଣ ନିମନ୍ତେ ୨ଟି ଲିନାକ ଓ ଗୋଟିଏ କୋବାଲ୍ଟ ରେଡିଓଥେରାପି ୟୁନିଟ କାର୍ଯ୍ୟକ୍ଷମ ରହିଛି। ଆଗାମୀ ଦିନରେ ନିର୍ମାଣାଧିନ ଲିନାକ ବିଲ୍ଡିଂ ତଳ ମହଲା ବଙ୍କରରେ ଆଉ ୨ଟି ଅତ୍ୟାଧୁନିକ ରେଡିଓଥେରାପି ୟୁନିଟ କାର୍ଯ୍ୟ କରିବ ବୋଲି କର୍କଟ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେ ପର୍ଯ୍ୟନ୍ତ ଏହାକୁ ବନ୍ଦ କରାଯିବ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ପୂର୍ବ ଭାରତରେ ସର୍ବ ବୃହତ୍ତ କର୍କଟ କେନ୍ଦ୍ର ଭାବେ ଆଚାର୍ଯ୍ୟ ହରିହର କର୍କଟ ରୋଗ ପ୍ରତିଷ୍ଠାନ ବେଶ ଖ୍ୟାତି ଲାଭ କରିଛି। ଏଠାରେ ରାଜ୍ୟ ତଥା ରାଜ୍ୟ ବାହାରୁ ରୋଗୀ ଚିକିତ୍ସା ଲାଗି ଆସିଥାନ୍ତି। ତେଣୁ ରୋଗୀଙ୍କୁ ଉନ୍ନତ ସେବା ଯୋଗାଇ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିଲାଗି ଏହାର ଭିତ୍ତିଭୂମି ସୁଦୃଢ଼ କରିବା ସହ ନୂତନ ବିଲ୍ଡିଂ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ୩୮ କୋଟି ୩୬ ଲକ୍ଷ ୪୯ହଜାର ୫୨୦ ଟଙ୍କା ବ୍ୟୟ ଅଟକଳରେ ୬ ମହଲା ବିଶିଷ୍ଟ ଲିନାକ ବିଲ୍ଡିଂକୁ ରାଜ୍ୟ ସରକାର ନିର୍ମାଣ କରୁଛନ୍ତି। ୨୦୧୯ ମସିହାରେ ଉକ୍ତ କୋଠାର ଶିଳାନ୍ୟାସ ହୋଇଥିଲା। ପ୍ରଥେମ ୨୬ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ଏବେ ଏଥିରେ ଅନ୍ୟ ସମସ୍ତ ସୁବିଧା ସୁଯୋଗକୁ ଯୋଡା ଯିବାଯୋଗୁ ବ୍ୟୟ ଅଟକଳ ବୃଦ୍ଧି ପାଇଛି। ନୂତନ ଭାବେ ଯେଉଁ ଲିନାକ ବିଲ୍ଡିଂ ନିର୍ମାଣ ହେଉଛି ଉକ୍ତ ବିଲ୍ଡିଂର ତଳ ମହଲାରେ 'ବଙ୍କର' ନିର୍ମାଣ କରାଯିବ। ପ୍ରଥମ ମହଲାରେ ପିଇଟି-ସିଟି ସ୍କାନ ମେସିନ, ଦ୍ୱିତୀୟ ମହଲାରେ ଏମଆରଆଇ ମେସିନ, ୩ୟ ମହଲାରେ ୩୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଆଇସିୟୁ ରହିବ। ୪ର୍ଥ, ୫ମ ଓ ୬ଷ୍ଠ ମହଲାରେ ୨୦୦ ସାଧାରଣ ଶଯ୍ୟା ବ୍ୟବସ୍ଥା ହେବ। ସମ୍ପ୍ରତି ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ ରୋଗ ପ୍ରତିଷ୍ଠାନେର ୨୮୪ ଶଯ୍ୟା ରହିଛି। ଏହାକୁ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇ ୫୦୦ରେ ପହଞ୍ଚାଇବା ଲାଗି ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଲିନାକ ବିଲ୍ଡିଂ ନିର୍ମାଣ ଶେଷ ହେଲେ ଶଯ୍ୟା ସଂଖ୍ୟା ୪୮୪ର ପହଞ୍ଚିବ। ଅନ୍ୟପକ୍ଷରେ କୋଠାଟି ୬ ହଜାର ବର୍ଗଫୁଟ ଅଞ୍ଚଳରେ ନିର୍ମାଣ ଚାଲିଛି। ଏହା ସମ୍ପୂର୍ଣ୍ଣ ଭାବେ ଶୀତତାପ ନିୟନ୍ତ୍ରିତ ହେବା ସହ ଗ୍ୟାସ ପାଇପ ଲାଇନ ମଧ୍ୟ ସଂଯୋଗ କରାଯିବ। ବଙ୍କରରେ ଦୁଇଟି ବିକିରଣ ୟୁନିଟ କାର୍ଯ୍ୟ କରିବ। ଗୋଟିଏ ବିଲ୍ଡିଂରେ ରୋଗୀମାନେ ସମସ୍ତ ସୁବିଧା ପାଇବେ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

## ନିମ୍ନମାନଙ୍କ କାମକୁ ନେଇ କୁହୁଳୁଛି ଅସନ୍ତୋଷ

# ୱାର୍ଡ ପରିଦର୍ଶନ ବେଳେ ବିରୋଧାଭାସର ସମ୍ମୁଖୀନ ହେଲେ ମେୟର



**କଟକ(ଏନ୍.ଏମ୍.):** ସିଏମସି ନିର୍ବାଚନରେ କଟକ ସହରରେ ଉନ୍ନତିର ନାରା ଦେଇ ବିଜୟ ମୁକୁଟ ପିନ୍ଧିଥିବା ବିଜେଡ଼ିକୁ ଏବେ ସହରବାସୀ ବିଭିନ୍ନ ସ୍ଥଳରେ ବିରୋଧ କରୁଥିବା ଦେଖିବାକୁ ମିଳିଛି। ତେବେ ବିରୋଧୀମାନେ ଅନ୍ୟ ଉପାୟ ନପାଇ କିଛି ଲୋକଙ୍କୁ ଲଗାଇ ପ୍ରାୟୋଜିତ ଭାବେ ଏଭଳି ବିରୋଧ କରୁଥିବା ବିଜେଡିର କର୍ମକର୍ତ୍ତାମାନେ ସଫେଇ ଦେଇଛନ୍ତି। ନିକଟ ଅତୀତରେ ବାରବାଟୀ-କଟକ ବିଧାୟକ, ପୂର୍ବତନ ବିଧାୟକଙ୍କ ବିରୋଧରେ ବିରୋଧାଭାଷ ଦେଖିବାକୁ ମିଳିଥିବାବେଳେ ଆଜି ୱାର୍ଡ ପରିଦର୍ଶନ ବେଳେ ସିଏମସି ମେୟର ମଧ୍ୟ ବିରୋଧର ସମ୍ମୁଖୀନ ହୋଇଥିଲେ। ତେବେ ସହର ବିକାଶର କଥା କହୁଥିବା ମେୟର ସହରପାଇଁ କି କି ପଦକ୍ଷେପ ନେଇଛନ୍ତି ବୋଲି କିଛି ଲୋକ ପ୍ରଶ୍ନକରିବା ସହ ହଟ୍ଟଗୋଳ କରିଥିଲେ। ଏପରିକି ମେୟର କେବଳ ପ୍ରଚାର ସର୍ବସ୍ୱ ନୀତିରେ ବୁଲି ବୁଲି କାମ କରୁଥିବା ଦେଖେଇ ହେଉଛନ୍ତି ବୋଲି ବିରୋଧ କରୁଥିବା ବ୍ୟକ୍ତିମାନେ ଅଭିଯୋଗ ଆଣିଛନ୍ତି। ଆଜି ପୂର୍ବାହ୍ନରେ ସିଏମସି ମେୟର ସୁବାସ ସିଂହ ୱାର୍ଡ଼ ପରିକ୍ରମା କରୁଥିବାବେଳେ ନାଳନର୍ଦ୍ଦମା ଓ ଜଳାଶୟରୁ ଠିକ୍ ଭାବେ ପଙ୍କୋଦ୍ଧାର ହେଉ ନଥିବା ଅଭିଯୋଗ କରି ତାଙ୍କୁ ୪୬ ଓ ୪୭ ନମ୍ବର ୱାର୍ଡର କିଛି ବାସିନ୍ଦା ଘେରି ଯାଇଥିଲେ। ଫଳରେ କିଛି ସମୟ ଧରି ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ମେୟର ଶ୍ରୀ ସିଂହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ସହରର ବିକାଶ ନିଶ୍ଚିତ ହେବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସିଏମସି ୪୬ ନମ୍ବର ୱାର୍ଡ ଶିଖରପୁର ଏବଂ କୋରାପୋଖରୀ ଅଞ୍ଚଳରେ ଡ୍ରେନରୁ ପଙ୍କୋଦ୍ଧାର କରାଯାଉଛି। ଡ୍ରେନରୁ ପଙ୍କୋଦ୍ଧାର କେବଳ ନାମକୁ ମାତ୍ର କରାଯାଉଥିବାବେଳେ ନର୍ଦ୍ଦମାରୁ ବାହାରି ଥିବା ପଙ୍କ ସ୍ଥାନାନ୍ତର କରାଯାଉନାହିଁ; ତେଣୁ ଡ୍ରେନ୍ କଡ଼ରେ ଜମିରହିଥିବା ପଙ୍କ ବର୍ଷା ହେଲେ ପୁଣି ନାଳକୁ ଭାସିଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଖାଲି ସେତିକି ନୁହେଁ ଦୀର୍ଘ ବର୍ଷ ଧରି ନାଳନର୍ଦ୍ଦମାରୁ ପଙ୍କ ଉଦ୍ଧାର ନକରି କେବଳ ଲୋକଦେଖାଣିଆ ଭାବେ ପଙ୍କ କଢ଼ାଯାଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଗତକାଲି ସିଏମସି କମିଶନର ଅନନ୍ୟା ଦାସଙ୍କୁ ଭେଟି ଡ୍ରେନ ସଫେଇରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେଣୁ ଉକ୍ତ ଅଭିଯୋଗକୁ ଭିତ୍ତିକରି ସ୍ଥାନୀୟ ଅଞ୍ଚଳକୁ ମେୟର ସକାଳୁ ପରିଦର୍ଶନ କରିଥିଲେ। ମେୟରଙ୍କ ପରିଦର୍ଶନ ସମୟରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏବଂ ସ୍ଥାନୀୟ କର୍ପୋରେଟର ପ୍ରଳୟା ବେଉରା ମଧ୍ୟ ଉପସ୍ଥିତ ଥିଲେ। ଆଗକୁ ବର୍ଷା ଆସୁଥିବାରୁ ଯଥା ସମୟରେ ଡ୍ରେନ ସଫେଇ ଭଲଭାବେ କରିବାକୁ ଦାବି ହୋଇଛି। ଏଠାରେ ନିମ୍ନମାନର କାର୍ଯ୍ୟ ହେଉଥିଲେ ମଧ୍ୟ ମେୟର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତାଗିଦ ନକରିବା ଯୋଗୁଁ ଜନଅସନ୍ତୋଷ ବୃଦ୍ଧି ପାଇବା ସହ ମେୟର ମଧ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସହ ହାତ ମିଳାଇ ଦେଇଛନ୍ତି ବୋଲି ଅଭିଯୋଗ ଉଠିଛି। ତେବେ ଏ ନେଇ ମେୟରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା।

# ପୋଖରୀ ଖୋଳା ନାଁରେ ବ୍ୟାପକ ଗଛକଟା: କୁହୁଳୁଛି ଅସନ୍ତୋଷ

**ଚମ୍ପୁଆ(ଏନ୍.ଏମ୍.):** ବିକାଶ ନାମରେ ଚାଲିଚି ବିନାଶ। ଏଭଳି ଅଭିଯୋଗ ବାରମ୍ବାର ହେଉଥିଲେ ମଧ୍ୟ ପ୍ରଶାସନ ପାଲଟିଛି ନିରବଦ୍ରଷ୍ଟା। ଏବେ ସରକାର ସମସ୍ତ ପଞ୍ଚାୟତରେ ଆଦର୍ଶ ପୋଖରୀ ଖୋଳିବା ପାଇଁ ଯୋଜନା କରିଛନ୍ତି। କିନ୍ତୁ ପୋଖରୀ ଖୋଳିବା ନାଁରେ ବ୍ୟାପକ ଗଛକଟା ହେଉଥିବାରୁ ଅଞ୍ଚଳରେ ଅସନ୍ତୋଷ ତେଜୁଥିବା ଜଣାପଡ଼ିଛି। ଚମ୍ପୁଆ ବ୍ଲକ୍ ତରଫରୁ ପ୍ରତି ପଞ୍ଚାୟତ ମଧ୍ୟରେ ଏକ ଆଦର୍ଶ ପୋଖରୀ ଖୋଳିବା ପାଇଁ ଯୋଜନା ଥିବାବେଳେ ସୁନା ପଶି ପଞ୍ଚାୟତର ଇନ୍ଦ୍ରପ୍ରସ୍ଥ ଗ୍ରାମରେ ଏକ ପୋଖରୀ ଖୋଳିବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପୋଖରୀଟିର କାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ନାମରେ ଥିବାବେଳେ ପଞ୍ଚାୟତର ଜଣେ ଲୋକପ୍ରତିନିଧି ଠିକାଦାର ଭାବେ ଏହି କାର୍ଯ୍ୟ କରୁଛନ୍ତି। ପୋଖରୀ ହୁଡ଼ାରେ ଥିବା ୧୨ଟି ମୂଲ୍ୟବାନ ଗଛକୁ କାଟି ପୋଖରୀ ଖୋଳା ହେଉ ଥିବା ଦେଖି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏ ବାବଦରେ ଗ୍ରାମବାସୀଙ୍କ ତରଫରୁ ବନ ବିଭାଗ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇ ବନ ବିଭାଗ ତଦନ୍ତ ଆରମ୍ଭ କରିବା ସହିତ ସଂପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡିଛି। ପୋଖରୀଟି ବିଭାଗୀୟ ଅଧିକାରୀଙ୍କ ନାମରେ କରା ଯାଉଥିବା ବେଳେ ଠିକାଦାରଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରୁ ଗ୍ରାମବାସୀ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ଏ ନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଞ୍ଚଳର ପରିବେଶ ବିତ୍‌ମାନେ ଦାବି କରିଛନ୍ତି।






# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଟିକେଟ ନଥିବାରୁ ମହିଳାଙ୍କୁ...

ସମୟରେ ଟିସି ରାଜୁଲାଲ ମିନା ତାଙ୍କୁ ଟିକେଟ୍ ମାଗିଥିଲେ । ମହିଳା ଟିସିଙ୍କୁ ସବୁକଥା କହିଥିଲେ । ଏହା ଶୁଣିବା ପରେ ଟିସି ଚାଲାଣ କାଟିବାକୁ କହିଥିଲେ । ପରେ ଏତଲା ଭୟ ଦେଖାଇ ତାଙ୍କ ସହ ବଡ଼ ବାବୁଙ୍କ ନିକଟକୁ ଯିବାକୁ ଡାକିଥିଲେ । ଭୟରେ ମହିଳା ଟିସିଙ୍କ ସାଥିରେ ଯାଇଥିଲେ । ଅଭିଯୁକ୍ତ ଟିସି ରେଳବାଇ କ୍ୱାର୍ଟରକୁ ନେଇ ମହିଳାଙ୍କୁ ବଳାତ୍କାର କରିଥିଲେ ।

## ରଥଯାତ୍ରା ପାଇଁ ଚାଲିବ ୧୦୦ଟି ...

ଭୁବନେଶ୍ୱର, ଆରଟିଓ ପୁରୀ, ପୁରୀ ଡିଏସ୍ପି, ଭୁବନେଶ୍ୱର ଡିଏସ୍ପି(ଟ୍ରାଫିକ)ଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ ।

## ୪୫ ବେଆଇନ ଲୋନ୍ ଆପ୍ ଡିଲିଟ କରିବାକୁ ...

ବନ୍ଧୁବାନ୍ଧବଙ୍କୁ ଫୋନ୍ କରି ହଇରାଣ କରିବାକୁ ପଛାଉ ନାହାନ୍ତି ଆପର କର୍ମକର୍ତ୍ତା । ଏପରି ମାନସିକ ନିର୍ଯାତନାର ଶିକାର ହୋଇ ବିଭିନ୍ନ ସ୍ଥାନରେ ଲୋକେ ଆତ୍ମହତ୍ୟା କରୁଥିବା ଖବର ସାମନାକୁ ଆସିଛି । ଏପରି ଘଟଣା ନେଇ ଅଭିଯୋଗ ହେବା ପରେ ରଙ୍ଗଡ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଥିଲା । ମାତ୍ର ଉକ୍ତ ଆପ୍ ଡେଭଲପର କିମ୍ବା ଅପରେଟରଙ୍କ ସହ ଯୋଗାଯୋଗର କୌଣସି ବ୍ୟବସ୍ଥା ନାହିଁ । ତେଣୁ ଏସବୁ ଆପ୍କୁ ତୁରନ୍ତ ଡିଲିଟ କରିବାକୁ ଗୁଗଲକୁ କୁହାଯାଇଛି । ଆପ୍ ଡେଭଲପର ତଥା ଅପରେଟରଙ୍କ ସମ୍ପୂର୍ଣ୍ଣ ସୂଚନା ଦିଆ ନ ଗଲେ ଏପରି ଆପ୍କୁ ଅପରେଟ କରିବାକୁ ଅନୁମତି ନ ଦେବାକୁ ଗୁଗଲକୁ କୁହାଯାଇଛି ।କିଛି ଦିନ ପୂର୍ବେ ଏପରି ଆପ୍ ପରିଚାଳନା କରୁଥିବା ୩ ଜଣଙ୍କୁ ଭିନ୍ନ ଭିନ୍ନ ରାଜ୍ୟରୁ ଗିରଫ କରାଯାଇଥିବା ବେଳେ ଏବେ ଏହା ଉପରେ ତ୍ୱରିତ୍ୱ କାର୍ଯ୍ୟାନୁଷ୍ଠାନ ନେବାକୁ ଅଣ୍ଟା ଭିଡ଼ିଛି ଇଓଡବ୍ଲୁ ।

## ନିଆରା ବିବାହ : ବିନା ବର...

ହୋଇଥିଲା । ବରୋଦାର ଗୋତ୍ରି ସ୍ଥିତ ତାଙ୍କ ଘରେ କ୍ଷମା ରୀତିନୀତି ଅନୁଯାୟୀ ବିବାହ କରିଥିଲେ । ତେବେ ଏହି ବିବାହରେ ନା ଥିଲେ ବର ନା ପଣ୍ଡିତ । ଏହି ବିବାହରେ କ୍ଷମାଙ୍କର କିଛି ଘନିଷ୍ଠ ବାନ୍ଧବୀ ଯୋଗ ଦେଇଥିଲେ । ପ୍ରଥମେ କ୍ଷମା ମନ୍ଦିରରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ, କିନ୍ତୁ ଜଣେ ବିଜେପି ନେତାଙ୍କ ବିରୋଧ ପରେ ସେ ଘରେ ହିଁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ ।ଏପରି ବିବାହ ସମ୍ପନ କରିବାକୁ କେହି ପଣ୍ଡିତ ରାଜି ନହେବାରୁ ସେ ନିଜେ ଡିଜିଟାଲ ମାଧ୍ୟମରେ ଟେପ୍ ରେ ମନ୍ତ୍ର ବଜାଇ ବିବାହ କରିଛନ୍ତି ।ବିବାହ ପରେ ହନିମୁନ୍ ପାଇଁ ଗୋଆ ଯିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଛନ୍ତି । କ୍ଷମାଙ୍କ ନିଜକୁ ନିଜେ ବିବାହ କରିବାର ନିଷ୍ପତ୍ତିକୁ ତାଙ୍କ ପିତାମାତା ସମର୍ଥନ କରିବା ସହ ସୁଖୀ ଜୀବନ ପାଇଁ ଆଶିର୍ବାଦ ମଧ୍ୟ କରିଛନ୍ତି । ବିବାହ ପରେ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ସେ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

## ପରିତ୍ୟକ୍ତା ଶିଶୁ ପୁନ୍ୟା...

ସିଏଆରଏ ଓ ଏସଏଆରଏର ସମସ୍ତ କର୍ମଚାରୀ, ମାନ୍ୟବର ଜିଲ୍ଲାକୋର୍ଟ, ପାସପୋର୍ଟ ଅଧିକାରୀ ଭୁବନେଶ୍ୱରଙ୍କ ସମେତ ପୋଷ୍ୟସନ୍ତାନ ଗ୍ରହଣ ନିମନ୍ତେ ଦୀର୍ଘଯାତ୍ରାରେ ଅତ୍ୟନ୍ତ ସହଯୋଗ କରିଥିବା, ତାଙ୍କୁ ଅଭିଭୂତ କରିଛି ବୋଲି ଡେଭିଡ ଆଲାନ ହେସଲେ ପ୍ରକାଶ କରିଛନ୍ତି ।

## ବିଦେଶରେ ଡାକ୍ତରୀ ପଢୁଥିବା ଛାତ୍ର ...

ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି । ତେବେ କୋଟି କୋଟି ଟଙ୍କା ସାରି ବିଦେଶରେ ଡାକ୍ତରୀ ପଢ଼ିବାକୁ ଯାଉଥିବା ପିଲାଙ୍କ ଡାକ୍ତରୀ ଶିକ୍ଷାର ଗୁଣାତ୍ମକତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜାତୀୟ ମେଡିକାଲ କମିଶନ(ଏନଏମସି)ର ତଥ୍ୟ ଅନୁଯାୟୀ ୨୦୧୦ରୁ ୨୦୨୧ ମସିହା ମଧ୍ୟରେ ଦେଶର ୨,୩୨,୯୭୩ ଜଣ ଛାତ୍ରଛାତ୍ରୀ ଏଫଏମଜିଇ ପରୀକ୍ଷା ଦେଇଛନ୍ତି । ସେମାନଙ୍କ ମଧ୍ୟରେ ମାତ୍ର ୪୩,୯୩୭ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ମାତ୍ର ୧୮.୯ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷାରେ ସଫଳ ହୋଇଥିବାବେଳେ ଅବଶିଷ୍ଟ ୮୧% ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ସଫଳ ହୋଇ ପାରିନାହାନ୍ତି । ତେବେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରୀ ପିଲାଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ୍(ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳି ନଥାଏ । ଏଥି ପାଇଁ ସେମାନଙ୍କୁ ଏନ୍ବିଇ(ନେସନାଲ୍ ବୋର୍ଡ଼ ଅଫ୍ ଏକଜାମିନେସନ୍) ଦ୍ୱାରା ଆୟୋଜିତ ଏଫ୍ଏମ୍ଜିଇରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ । ତେବେ ବ୍ରିଟେନ୍, ଆମେରିକା, ଅଷ୍ଟ୍ରେଲିଆ, କାନାଡ଼ା, ନ୍ୟୁଜଲାଣ୍ଡ ଆଦି ଦେଶରେ ଡାକ୍ତରୀ ପଢୁଥିବା ପିଲାଙ୍କ ପାଇଁ ଏଫଏମଜିଇ ବାଧ୍ୟତାମୂଳକ ନୁହଁ । ଅପରପକ୍ଷେ ବିଦେଶରେ ଏମବିବିଏସ ପଢୁଥିବା ପିଲାଙ୍କ ସଂଖ୍ୟା ଏବେ ୪ଗୁଣା ବଢ଼ିଛି । ୨୦୧୦ ମସିହାରେ ୧୦,୨୦୭ ଜଣ ଛାତ୍ରଛାତ୍ରୀ ଏଫଏମଜିଇ ପରୀକ୍ଷା ଦେଇଥିବାବେଳେ ୨,୬୫୩ ଜଣ ପରୀକ୍ଷାରେ ସଫଳ ହୋଇଛନ୍ତି । ସେହିପରି ୨୦୧୩ରେ ୧୩,୨୭୧ ଜଣ ପରୀକ୍ଷା ଦେଇଥିବାବେଳେ ୩,୫୭୫ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୦୨୧ ମସିହାରେ ୪୧,୭୩୯ ଜଣ ପରୀକ୍ଷା ଦେଇଥିବାବେଳେ ୯,୯୪୮ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଅପରପକ୍ଷେ ବିଦେଶରୁ ଏମ୍ବିବିଏସ୍ ପଢ଼ି ଭାରତର ଦକ୍ଷତା ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ନୈରାଶ୍ୟ ପ୍ରଦର୍ଶନ ବିଦେଶର ଶିକ୍ଷାର ଗୁଣାତ୍ମକମାନ ପ୍ରତି ଆଙ୍ଗୁଠି ଉଠାଇଛି । ହାରାହାରି ଭାବେ ଜଣେ ଡାକ୍ତରୀ ଛାତ୍ର ପ୍ରାୟ ଅଧକୋଟିରୁ ଅଧିକ ଟଙ୍କା ସାରି ଅଭିଭାବକମାନେ ପିଲାଙ୍କୁ ବିଦେଶରେ ଡାକ୍ତରୀ ପଢ଼ାଉଛନ୍ତି । ହେଲେ ପଢ଼ା ଶେଷ ହେବା ପରେ ଡାକ୍ତରୀ ଅଭ୍ୟାସ(ମେଡିକାଲ ପ୍ରକ୍ଟିସ୍) ପାଇଁ ପ୍ରବେଶିକାରେ କୃତକାର୍ଯ୍ୟ ହୋଇ ପାରୁ ନାହାନ୍ତି । ଯାହାକି ବିଦେଶ ଡାକ୍ତରୀ ଶିକ୍ଷାର ଗୁଣବତ୍ତାକୁ ଦର୍ଶାଉଛି । ତେବେ ଏ ସମ୍ପର୍କରେ ଏସସିବି ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଅଜୟ ନାୟକ କହନ୍ତି ବିଦେଶରେ ଏମ୍ବିବିଏସ୍ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ୍ । ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ୍ ପରୀକ୍ଷା ଦେଉଥିବାବେଳେ ୮ ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି । ସେମାନଙ୍କ ମଧ୍ୟରୁ ପାଖାପାଖି ୧ ଲକ୍ଷ ପିଲାଙ୍କୁ ସିଟ୍ ମିଳୁଛି । ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି । ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୮ରୁ ୧୦ ପ୍ରତିଶତ ପିଲା ଏଫ୍ଏମ୍ଜିଇରେ କୃତକାର୍ଯ୍ୟ ହେଉଛନ୍ତି । ବିଦେଶରେ ମେଡିକାଲ୍ ଶିକ୍ଷା ସେତେଟା ଗୁଣାତ୍ମକ ହୋଇ ପାରୁନି । ତେବେ ରାଜ୍ୟର ସ୍ଥିତି ପୂର୍ବ ଅପେକ୍ଷା ଅନେକ ସୁଧୁରିଛି । ୫ ବର୍ଷରେ ମେଡିକାଲ୍ ସିଟ୍ ପ୍ରାୟ ୩ଗୁଣା ବଢ଼ିଛି । ବିଦେଶରେ ଡାକ୍ତରୀ ପଢ଼ା ପାଇଁ ଶିକ୍ଷାନୁଷ୍ଠାନ ଚୟନ ପୂର୍ବରୁ ଶିକ୍ଷାନୁଷ୍ଠାନ ସମ୍ପର୍କିତ ତର୍ଜମା ଭଲଭାବେ କରିବା ଜରୁରୀ ।

# କଟକରେ ଥମୁ ନାହିଁ ଜାଇକା ଯନ୍ତ୍ରଣା

## ଗଙ୍ଗାମନ୍ଦିର ଅଞ୍ଚଳରେ ୩ଟି ୱାର୍ଡର ୧୫ ହଜାର ଲୋକ ପ୍ରଭାବିତ : କୁହୁଳୁଛି ଅସନ୍ତୋଷ



**କଟକ(ଏନ୍.ଏମ୍.):** ମହାନଗର ନିଗମ ୧୩ ନମ୍ବର ୱାର୍ଡ ଗଙ୍ଗାମନ୍ଦିର ଛକରୁ କାଜିବଜାର ପର୍ଯ୍ୟନ୍ତ ଜାଇକା ପକ୍ଷରୁ ପାଇପ୍ ବିଛା ଓ ଚ୍ୟାମ୍ବର୍ କାମ କରାଯାଉଛି । କାର୍ଯ୍ୟ ସ୍ଥାନରେ କୌଣସି ବାଡ଼ ଦିଆ ନଯାଇ ବିପଦସଂକୁଳ ଅବସ୍ଥାରେ କାର୍ଯ୍ୟ କରାଯାଉଥିବାରୁ ଏହା ମଧ୍ୟରେ ଅନେକ ଲୋକ ପଡି ଆହତ ହେଉଥିବା ଅଭିଯୋଗ ହେଉଛି । ଉକ୍ତ ରାସ୍ତାଟି ସିଏମସିର ୩ଟି ୱାର୍ଡରେ ଥିବାରୁ ଏଥିରେ ବହୁ ଲୋକ ପ୍ରଭାବିତ ହେଉଛନ୍ତି । ଅନ୍ୟପଟେ ଜାଇକା କାମ ପାଇଁ ଖମଖିଆଲ ଭାବେ ରାସ୍ତା ଖୋଳାଯିବାରୁ ବହୁସ୍ଥାନରେ ପାଣି ପାଇପ୍ ଫାଟି ରାସ୍ତାରେ ପାଣି ବହୁଛି । ଜାଇକା ଓ ସିଏମସି କର୍ତ୍ତୃପକ୍ଷଙ୍କୁ ଏନେଇ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନଥିବା ଅଞ୍ଚଳବାସୀ କହୁଛନ୍ତି । ସହରର ଗଙ୍ଗାମନ୍ଦିର ଦୁର୍ଗାମଣ୍ଡପରୁ କାଜିବଜାର ଅମଲା କ୍ଲବ୍ ମଧ୍ୟ ଅଞ୍ଚଳରେ ଜାଇକା ୧୨ଦିନ ତଳେ ପାଇପ୍ ବିଛା ଓ ଚ୍ୟାମ୍ବର୍ କାମ ଆରମ୍ଭ କରିଥିଲା । ୫ଶହ ମିଟର୍ ଦୀର୍ଘ ଉକ୍ତ ରାସ୍ତାଟି ସିଏମସିର ୱାର୍ଡ ନମ୍ବର ୧୩, ୧୮ ଓ ୧୯ ମଧ୍ୟରେ ରହିଛି । ଏଠାରେ ଜାଇକା ୩ ବର୍ଷ ତଳେ ପାଇପ୍ ବିଛା ଓ ଚ୍ୟାମ୍ବର କାମ କରିଥିଲା । ମାତ୍ର ସେ ସମୟରେ ଅଧା କାମ କରିଥିବାରୁ ଏବେ ତାହାକୁ ଶେଷ କରିବାକୁ ପୁନର୍ବାର କାମ ଆରମ୍ଭ ହୋଇଛି । ୧୦ରୁ ୧୨ ଫୁଟ୍ ଓସାରର ରାସ୍ତାରେ ପାଇପ୍ ବିଛା ଓ ଚ୍ୟାମ୍ବର କାମ ପାଇଁ ରାସ୍ତା ଖୋଳାଯାଇଥିବା ବେଳେ ଏହାକୁ ବାଡ଼ ଦିଆଯାଇ ଅବରୋଧ କରାଯାଇ ନାହିଁ । ଖୋଳାଯାଇଥିବା ରାସ୍ତରେ ପଡି ଅନେକ ବାଟୋଇ ଆହତ ହେଉଥିବା ଅଭିଯୋଗ ହୋଇଛି । ସେହିପରି ରାସ୍ତା ଖୋଳା ବେଳେ ଏକାଧିକ ସ୍ଥାନରେ ପିଏଚ୍ଡି ପାଇପ ଫାଟିବାରୁ ରାସ୍ତା ଉପରେ ପାଣି ବହୁଥିବାରୁ ଏହା ରାସ୍ତାର ଅବସ୍ଥାକୁ ଅଧିକ ଖରାପ କରୁଛି । ଏହି ରାସ୍ତାଟି ସିଏମସିର ୩ଟି ୱାର୍ଡ ମଧ୍ୟରେ ଥିବାରୁ ଏହା ଉପରେ ନିର୍ଭର କରୁଥିବା ୧୫ ହଜାରରୁ ଅଧିକ ଲୋକ ପ୍ରଭାବିତ ହେଉଛନ୍ତି । ଖୋଳା ରାସ୍ତାକୁ ଆବଦ୍ଧ କରି କାମ କରିବାକୁ ସ୍ଥାନୀୟ ବାସିନ୍ଦା ଜାଇକା କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରୁଥିବା ବେଳେ କୌଣସି ସୁଫଳ ମିଳୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଜାଇକା ଖୋଳିଥିବା ସ୍ଥାନରେ ଅନେକ ଲୋକ ପଡି ଆହତ ହେଉଛନ୍ତି ବୋଲି ଗଙ୍ଗାମନ୍ଦିର ପୂଜା କମିଟି ସାଧାରଣ ସଂପାଦକ ବିବେକ ସାହୁ କହିଛନ୍ତି । ଜାଇକା କାମ ପାଇଁ ପାଣି ପାଇପ ଫାଟି ରାସ୍ତାରେ ପାଣି ବହୁଥିବାରୁ ଚଳପ୍ରଚଳରେ ସମସ୍ୟା ହେଉଥିବା ଗଙ୍ଗାମନ୍ଦିର ଯୁବକ ସଂଘ ସଂପାଦକ ଦେବେନ୍ଦ୍ର ବାରିକ ଅଭିଯୋଗ କରିଛନ୍ତି । ଆସନ୍ତା ୧୦ତାରିଖରେ ସ୍ଥାନୀୟ ମା’ ନିମ ଦେବୀଙ୍କ ବାର୍ଷିକ ଉତ୍ସବ ଥିବାବେଳେ ଏହା ପୂର୍ବରୁ ରାସ୍ତାକାମ ଶେଷ କରିବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହୋଇଛି ।

## ଭଦ୍ରକ ନାହାକାଣୀଡିହି ଥାନାରେ ବଢୁଛି ଅସାମାଜିକଙ୍କ ରାଜ

**ଭଦ୍ରକ(ଏନ୍.ଏମ୍.):** ଭଦ୍ରକ ଜିଲ୍ଲା ବାସୁଦେବପୁରରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ରାଜୁତି ବଢ଼ିବାରେ ଲାଗିଛି । ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବଢ଼ିବା ସହ ଜନସାଧାରଣ ଅସୁରକ୍ଷିତ ମଣୁଛନ୍ତି । ଏପରିକି ନାୟକାଣୀଡିହି ଥାନା ମଧ୍ୟ ଦଲାଲଙ୍କ କବ୍ଜାରେ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି । ଥାନା ଭିତରେ ଚାଲୁଛି ଦଲାଲଙ୍କ ରାଜୁତି । ଏପରିକି ଥାନାରେ ରାତି ପାହିଲେ ଲାଗୁଛି ଦଲାଲଙ୍କ ଭିଡ, କିଛି ଦିନ ଭିତରେ ମଦ ମାଫିଆ, ଚୋରା କୋଇଲା ମାଫିଆଙ୍କ ଦୌରାତ୍ମ ସାଙ୍ଗକୁ ଜୁଆ ଆଡ୍ଡା ବୃଦ୍ଧି ପାଇଛି । ଏପରିକି କୌଣସି ସମସ୍ୟା ହେଲେ ଦଲାଲଙ୍କ ଫୋନରେ ଥାନାବାବୁ କାମ କରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏପରିକି ମୋଟା ଅଙ୍କର ଟଙ୍କା ନେଇ ଚୋରା କୋଇଲା, ଚୋରା ମଦ, ଜୁଆ ଚାଲୁଥିବାର ଅଭିଯୋଗ ହୋଇଛି । ତେଣୁ ଏହି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତିର ସୁଧାର ପାଇଁ ଭଦ୍ରକ ଏସପିଙ୍କ ସ୍ୱତନ୍ତ୍ର ହସ୍ତକ୍ଷେପର ଆବଶ୍ୟକତା ଅଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

## ବାଘ ଗଣନା କରି ଫେରୁଥିଲେ ଫରେଷ୍ଟର, କଚାଡ଼ି ଦେଲା ହାତୀ

**କରଞ୍ଜିଆ (ଏନ୍.ଏମ୍.):** ବାଘ ଗଣନା କରି ଫେରୁଥିବାବେଳେ ଜଣେ ବନବିଭାଗ ଅଧିକାରୀ ହାତୀ ଆକ୍ରମଣର ଶିକାର ହୋଇଛନ୍ତି । ହାତୀ ଆକ୍ରମଣ ଫଳରେ ସେ ଗୁରୁତର ଆହତ ହୋଇଛନ୍ତି । ଏଭଳି ଦୁଃଖଦ ପୂର୍ଣ୍ଣ ଘଟଣା ଯୋଗୁଁ ସମସ୍ତ ବନବିଭାଗ କର୍ମଚାରୀ ଦୁଃଖ ପ୍ରକାଶ କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ । ଏବେ ତାଙ୍କ ଅବସ୍ଥା ଗୁରୁତର ରହିଛନ୍ତି । ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟର ଚହଲା ରେଞ୍ଜ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଆହତ ଫରେଷ୍ଟରଙ୍କ ନାଁ ତରୁଣ କୁମାର ଦାସ ବୋଲି ଜଣାପଡ଼ିଛି । ତାଙ୍କୁ ଭୁବନେଶ୍ୱର ଏମସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଗତ ୬ ତାରିଖରୁ ଶିମିଳିପାଳ ଅଭୟାରଣ୍ୟରେ ବାଘ ଗଣନା ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୩ ତାରିଖରେ ଏହା ଶେଷ ହେବାର ଥିଲା । ଏହି ବାଘ ଗଣନା କାର୍ଯ୍ୟରେ ୫୦୦ ଊର୍ଦ୍ଧ୍ୱ ବନ କର୍ମଚାରୀ ସାମିଲ ହୋଇଥିଲେ । ତରୁଣ ଚହଲା ରେଞ୍ଜ ଅଞ୍ଚଳରୁ ବାଘ ଗଣନା କରି ଫେରୁଥିଲେ । ଏହି ସମୟରେ ସେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ । ହାତୀ ତରୁଣଙ୍କୁ କଚାଡ଼ି ଦେଇଥିଲା । ତାଙ୍କ ଛାତି ଓ ଗୋଡ଼ରେ ଗଭୀର ଅଘାତ ଲାଗିଛି । ତରୁଣଙ୍କର ଗୋଡ଼ ଭାଙ୍ଗି ଯାଇଛି । ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଯଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ପରେ ତାଙ୍କୁ ଭୁବନେଶ୍ୱର ଏମସକୁ ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଶିମିଳିପାଳ ଅଭୟାରଣ୍ୟର ଚହଲା ରେଞ୍ଜ ଅଞ୍ଚଳରେ ବାଘ ଗଣନା ବେଳେ ଦୁଇ ଜଣ ବନ ସୁରକ୍ଷା କର୍ମଚାରୀଙ୍କୁ ଭାଲୁ ଆକ୍ରମଣ କରିଥିଲା ।

## ହରିଣ ମାଂସ ବିକ୍ରି କରି ଫେରିବା ବେଳେ ୪ ଶିକାରୀଙ୍କୁ ମାଡ଼ି ବସିଲା ବନ ବିଭାଗ



**କରଞ୍ଜିଆ (ଏନ୍.ଏମ୍.):** ହରିଣ ମାଂସ ବିକ୍ରି କରି ଫେରିବା ବେଳେ ୪ ଜଣ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ । ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟରୁ ସେମାନଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଚକ୍ରଧର ଗାଗାରାଇ, କେସେ ହୋ, ବାସୁଦେବ ନାଏକ ଓ ସୁଦର୍ଶନ ନାଏକ । ସମସ୍ତଙ୍କ ଘର ଶିମିଳିପାଳ ପାଦ ଦେଶରେ ବୋଲି ଜଣାପଡ଼ିଛି । ସେମାନଙ୍କଠାରୁ ତିନୋଟି ଦେଶୀ ବନ୍ଧୁକ ଓ ୧୨ କେଜି ହରିଣ ମାଂସ ଜବତ କରାଯାଇଛି । ଗତକାଲି ଏହି ୪ ଜଣ ଶିକାରୀ ଶିମିଳିପାଳ ଅଭୟାରଣ୍ୟକୁ ଏକ ବାଇକ୍ ଯୋଗେ ଯାଇ ଦେଶୀ ବନ୍ଧୁକ ସାହାଯ୍ୟରେ ୩ଟି ହରିଣକୁ ଶିକାର କରିଥିଲେ । ପରେ ହରିଣ ମାଂସକୁ ବଜାରରେ ବିକ୍ରି କରିଥିଲେ । ବଳକା ମାଂସ ଧରି ଘରକୁ ଫେରୁଥିଲା ବେଳେ ବନ ବିଭାଗ ହାବୁଡ଼ରେ ପଡ଼ି ଯାଇଥିଲେ ।

ଶିମିଳିପାଳ ଅଭୟାରଣ୍ୟର କେନ୍ଦୁମୁଣ୍ଡି ରେଞ୍ଜ ଅଞ୍ଚଳରୁ ଏହି ଶିକାରୀମାନଙ୍କୁ ଗିରଫ କରିଥିଲା ବନ ବିଭାଗ । ଏହି ଶିକାରୀମାନେ ବିଭିନ୍ନ ସମୟରେ ଶିମିଳିପାଳ ଅଭୟାରଣ୍ୟକୁ ଯାଇ ବନ୍ୟଜନ୍ତୁମାନଙ୍କୁ ଶିକାର କରି ମାଂସ ବିକ୍ରି କରନ୍ତି ବୋଲି ଜଣାଯାଇଛି ।

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ସମୀକ୍ଷା ବୈଠକ

### ପ୍ରାଣୀସମ୍ପଦ ଗ୍ରାମାଞ୍ଚଳର ଆର୍ଥିକ ବିକାଶର ପ୍ରମୁଖ ବାହକ : ମନ୍ତ୍ରୀ

**ଭୁବନେଶ୍ୱର(ଏନ୍.ଏମ୍.):** ପ୍ରାଣୀସମ୍ପଦ ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଓ କୃଷକଙ୍କର ଆୟବୃଦ୍ଧିର ଏକ ପ୍ରମୁଖ ବାହକ ହୋଇଥିବାରୁ ବିଭାଗୀୟ ଯୋଜନାର ସଫଳ ରୂପାୟନ କରି ଚାଷୀମାନଙ୍କୁ ଏହାର ସୁଫଳ ସିଧାସଳଖ ପହଞ୍ଚାଇବା ଉପରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି । କୃଷି ଭବନଠାରେ ଆୟୋଜିତ ଏକ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଘର ଅଗଣାରେ କୁକୁଡ଼ାପାଳନ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ଦ୍ୱାରା ଗ୍ରାମାଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର, ମହିଳା, ଜନଜାତି ଚାଷୀମାନଙ୍କର ଜୀବିକା ନିର୍ବାହରେ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଅଣକାର୍ଯ୍ୟକ୍ଷମ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗୀୟ ଫାର୍ମଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ରଗୁଡ଼ିକର ବିକାଶ ଓ ସଂଖ୍ୟା ବୃଦ୍ଧି ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀମାନଙ୍କ ସଚେତନତା ବୃଦ୍ଧି ନିମନ୍ତେ ବିଭାଗୀୟ ସୂଚନା, ଶିକ୍ଷା, ପ୍ରସାରଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ଯୋଜନାଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନ ଓ ସ୍ୱଚ୍ଛତା ନିମନ୍ତେ ନୂତନ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରିବା ଏବଂ ବ୍ଲକ୍ ଓ ପଞ୍ଚାୟତସ୍ତରରେ ଖାଲିଥିବା ବିଭାଗୀୟ ପଦବୀଗୁଡ଼ିକର ପୂରଣ ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଆର. ରଘୁପ୍ରସାଦ, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡକ୍ଟର ୟେଦୁଲ୍ଲା ବିଜୟ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ମହାନଦୀରେ ପୁଣି କୁମ୍ଭୀର ଆତଙ୍କ




**ଆଠଗଡ଼(ଏନ୍.ଏମ୍.):** ମହାନଦୀରେ ପୁଣି କୁମ୍ଭୀର ଆତଙ୍କ ଦେଖିବାକୁ ମିଳିଛି । ଗତ କିଛି ମାସ ତଳେ ଗୋଟିଏ କୁମ୍ଭୀର ମହାନଦୀରେ ବୁଲୁଥିବାବେଳେ ଏହା ବିରୂପାନଦୀର ଜଗତପୁର ଠାରୁ ଉଦ୍ଧାର କରାଯାଇଥିଲା । ତେବେ ଏହି କୁମ୍ଭୀର ଦେହରେ କିଛି ବୈଦ୍ୟୁତିକ ଯନ୍ତ୍ରପାତି (ଡିଭାଇସ) ଲାଗିଥିବାରୁ ଏହି କୁମ୍ଭୀରକୁ ନେଇ ବନ ବିଭାଗ କିମ୍ବା କୁମ୍ଭୀର ଉପରେ ସ୍ୱତନ୍ତ୍ର ଗବେଷଣା କରୁଥିବା ବିଭାଗ ଏହାକୁ ନଦୀରେ ଛାଡ଼ିଥିବା କୁହାଗଲା । ତେବେ ଉକ୍ତ କୁମ୍ଭୀରକୁ ଚୌଦ୍ୱାର ନୂଆପାଟଣା ଠାରେ ଉଦ୍ଧାର କରାଯାଇଥିଲେ ମଧ୍ୟ ପୁନର୍ବାର ଏହାକୁ ନଦୀରେ ଛାଡ଼ି ଦିଆଯାଇଥିଲା । ମାତ୍ର କୁମ୍ଭୀରଟି ଜଗତପୁର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ବା ଲୋକେ ଭୟଭୀତ ହେବା ଯୋଗୁଁ ଏହାକୁ ସ୍ଥାନାନ୍ତର କରାଯାଇଥିଲା । ଏଭଳି ଘଟଣା ଘଟିବାର ମାସ କେଇଟା ନପୁରୁଣୁ ଆଜି ଆଉ ଦୁଇଟି କୁମ୍ଭୀର ମହାନଦୀରେ ବୁଲିବା ନେଇ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଛନ୍ତି । ଏହି କୁମ୍ଭୀର ଦୁଇଟି ଆଠଗଡ ମୁଣ୍ଡଳୀ ନିକଟରେ ଦେଖିବାକୁ ମିଳିଛି । ତେଣୁ ସ୍ଥାନୀୟ ଜନସାଧାରଣ ଓ ମାଛଧରାଳି ଭୟଭୀତ ଅବସ୍ଥାରେ ରହିଛନ୍ତି । ତେବେ କୁମ୍ଭୀର ଦୁଇଟି କୋଉଠୁ ଆସିଛନ୍ତି ତାହା ଜଣା ପଡିନଥିବାବେଳେ ବନବିଭାଗ ପକ୍ଷରୁ ମହାନଦୀ ମଧ୍ୟକୁ ଯିବାକୁ ଲୋକଙ୍କୁ ବାରଣ କରାଯାଇଛି । ତେବେ ଜଣେ ଲୋକ ମହାନଦୀକୁ ଗାଧୋଇବାକୁ ଯାଇଥିବା ବେଳେ କୁମ୍ଭୀର ଆକ୍ରମଣ କରିବାରୁ ଆହତ ହୋଇଥିବା ଜଣାପଡିଛି । ଏହି ଘଟଣାଟି ପ୍ରଚାରିତ ହୋଇଯିବା ପରେ ମହାନଦୀ ଉଭୟ ପାର୍ଶ୍ୱରେ ଥିବା ଜନବସତିରେ ଜନସାଧାରଣ ଆତଙ୍କିତ ହୋଇ ପଡ଼ିଛନ୍ତି । ଅନ୍ୟପଟେ ଆଠଗଡ ସଦର ରେଞ୍ଜରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ କୁମ୍ଭୀରଟି ସାତକୋଶିଆରୁ ଚାଲି ଆସିଛି ବୋଲି କହିଛନ୍ତି । ତେବେ କୁମ୍ଭୀର ଦେହରେ ଜିପିଏସ ଲାଗିଛି ସାତକୋଶିଆ ଅଭୟାରଣ୍ୟର କର୍ମଚାରୀମାନେ ଆସି କୁମ୍ଭୀରକୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତିବୋଲି ରେଞ୍ଜର କହିଛନ୍ତି । ଏହି କୁମ୍ଭୀର ମାନେ ପ୍ରାୟ ୧୨ ଫୁଟ ଲମ୍ବର ହେବ ବୋଲି ଜଣାପଡ଼ିଛି । ତେବେ ଘଟଣା ସ୍ଥଳରେ ଆଠଗଡ ସଦର ରେଞ୍ଜର କର୍ମଚାରୀମାନେ କୁମ୍ଭୀର ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ।

## ସମବାୟ ସମିତି ନିର୍ବାଚନକୁ ନେଇ ଅସନ୍ତୋଷ : ଅଫିସରେ ତାଲା ପକାଇଲେ ଉତ୍ୟକ୍ତ ଲୋକେ



### ପ୍ରଶାସନର ହସ୍ତକ୍ଷେପ ପରେ ସରିଲା ମତଦାନ

**ଆଠଗଡ(ଏନ୍.ଏମ୍.):** ସମବାୟ ସମିତି ନିର୍ବାଚନକୁ ନେଇ ବିଭିନ୍ନ ସ୍ଥାନରେ ଅସନ୍ତୋଷ ତେଜିବାରେ ଲାଗିଛି । ବିଭିନ୍ନ ସ୍ଥାନରେ ନିର୍ବାଚନରେ ଅଂଶଗ୍ରହଣ କରିଥିବା ପ୍ରାର୍ଥୀମାନେ ଅତୀତରେ ଅନେକ ଦୁର୍ନୀତି କରିଥିଲେ ମଧ୍ୟ କିଛି ରାଜନୈତିକ ଦଳର ଛତ୍ରଛାୟାତଳେ ଏମାନେ ବାରମ୍ବାର ନିର୍ବାଚିତ ହେବା ଘଟଣାକୁ ବହୁ ସଦସ୍ୟ ନାପସନ୍ଦ କରିଛନ୍ତି । ତେବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନରେ ଥିବା ଆଠଗଡ଼ ଅଞ୍ଚଳର ସୋମପଡା ସମବାୟ ସମିତି କାର୍ଯ୍ୟାଳୟରେ ଉତ୍ତ୍ୟକ୍ତ ଲୋକେ ତାଲା ପକାଇଦେଇଥିଲେ । ଫଳରେ ସେଠାରେ ଦୀର୍ଘସମୟ ଧରି ଉତ୍ତେଜନା ଲାଗି ରହିଥିଲା । ।ସମବାୟ ସମିତିର କାର୍ଯ୍ୟାଳୟ ବର୍ଷସାରା କେବେ ଖୋଲୁନଥିବା ଏବଂ ସଂପାଦକ ନିଜ ଘରେ ବସି ଋଣ ଟଙ୍କା ଦେଣନେଣ କରୁଥିବା ଅଭିଯୋଗ ହୋଇଛି । କେବଳ ଧାନମଣ୍ଡି ସମୟରେ ସାମହିକ ଭାବରେ ଏହାକୁ ଖୋଲି ନିଜ ସମ୍ପର୍କୀୟ ଏବଂ ପ୍ରୀୟାପ୍ରୀତି ପୋଷଣରେ ସାମିଲ ଥିବା ଚାଷୀ ଏବଂ ବେପାରୀଙ୍କ ଧାନ ବିକ୍ରି କରି ସଂପାଦକ ନିଜ କାମ ସାରି ଦେଉଥିବା ଅଭିଯୋଗ ହୋଇଛି । ଏପରିକି ଗତ ସମବାୟ ନିର୍ବାଚନରେ କାହାକୁ କିଛି ନଜଣାଇ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ନିଜ ପସନ୍ଦର ସଭାପତି ଏବଂ ଅନ୍ୟାନ୍ୟ ପରିଚାଳନା କମିଟି ସଦସ୍ୟଙ୍କୁ ଚୟନ କରୁଥିବା ଅଭିଯୋଗ ହୋଇଥିଲା । ଚଳିତବର୍ଷ ମଧ୍ୟ ସମାନ ଢଙ୍ଗରେ ସଂପାଦକ ନିଜ ମନ ମୁତାବକ କାର୍ଯ୍ୟ କରିବାକୁ ଚାହୁଁଥିବାରୁ ଲୋକମାନଙ୍କର ତିବ୍ର ବିରୋଧର ସମ୍ମୁଖୀନ ହୋଇଛନ୍ତି । ଆଶାୟୀ ପାର୍ଥୀମାନେ ସମିତି କାର୍ଯ୍ୟାଳୟ ଖୋଲିବା ପାଇଁ ସଂପାଦକଙ୍କୁ ଫୋନ ଯୋଗେ ଏବଂ ମୌଖିକ କହିଥିଲେ ମଧ୍ୟ ସେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଆଶାୟୀ ପାର୍ଥୀଙ୍କ ସହିତ ସାଧାରଣ ଲୋକ ସମିତି କାର୍ଯ୍ୟାଳୟରେ ତାଲା ପକାଇଥିଲେ । ତେବେ ପୁଲିସ ଓ ମାଜିଷ୍ଟ୍ରେଟଙ୍କ ହସ୍ତକ୍ଷେପ ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

## ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମାଭୁକ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ



**ଭୁବନେଶ୍ୱର(ଏନ୍.ଏମ୍.):** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ଚାଷୀମାନେ ଯେପରି ଶୀଘ୍ର କ୍ଷତିପୂରଣ ପାଇପାରିବେ ସେଥି ନିମନ୍ତେ ବୀମା କମ୍ପାନୀ, ବ୍ୟାଙ୍କ ଏବଂ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି ।

କୃଷି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଉପସ୍ଥିତିରେ ଝାରସୁଗୁଡ଼ା ଜିଲ୍ଲାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ବୀମାଭୁକ୍ତ ଚାଷୀମାନଙ୍କର କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରିଥିଲେ । ଚାଷୀମାନଙ୍କୁ ବୀମା ପ୍ରଦାନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ଆଶୁ ସମାଧାନ କରି ସମସ୍ତ ଯୋଗ୍ୟ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସଂପୃକ୍ତ ବୀମା କମ୍ପାନୀ ଓ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପାଣିପାଗର ଅନିଶ୍ଚିତତା ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସମସ୍ତ ଚାଷୀ ଫସଲବୀମା ପଞ୍ଜିକରଣ କରି ନିଜ ଫସଲକୁ ସୁରକ୍ଷିତ ରଖିବା ପାଇଁ ମନ୍ତ୍ରୀ କହିଥିଲେ । ଏଥି ସହିତ ଫସଲ ବୀମାରେ ବୈଷୟିକ ଜ୍ଞାନକୌଶଳ ବିନିଯୋଗ କରି କ୍ଷତି ଆକଳନ ପ୍ରକ୍ରିୟାକୁ ନିର୍ଭୁଲ ଓ ସୁଦୃଢ଼ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ସମବାୟ ବିଭାଗର ସଚିବ ସଂଜୀବ କୁମାର ଚଢ଼ା, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡକ୍ଟର ଏମ୍. ମୁଥୁକୁମାର, ନିବନ୍ଧକ ସମବାୟ ସମିତି ଉଦ୍ଧବ ଚରଣ ମାଝୀ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡକ୍ଟର ବି.ବି. ନନ୍ଦଙ୍କ ସମେତ ରିଲାଏନ୍ସ ଜିଆଇସି ଲିମିଟେଡ୍ର ପ୍ରତିନିଧି, ବିଭାଗୀୟ ବରିଷ୍ଠ ଅଧିକାରୀ, ଝାରସୁଗୁଡ଼ା ଜିଲ୍ଲାର ଲଖନପୁର, କୁଲାବିରା, ଲାଇକେରା, କିରିମିରା ଓ ଝାରସୁଗୁଡ଼ା ବ୍ଲକ୍ର ଅନେକ ଚାଷୀ ଉପସ୍ଥିତ ଥିଲେ ।




# ବାରବାଟୀରେ ସାଉଥଆଫ୍ରିକା ଅପରାଜେୟ

## ୪ ଓ୍ୱିକେଟ୍‌ରେ ହାରିଲା ଭାରତ



**କଟକ (ଏନ୍.ଏମ୍.) :** ବାରବାଟୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଭାରତକୁ ୪ ଓ୍ୱିକେଟରେ ପରାସ୍ତ କରିଛି । ରବିବାର ଏହି ଷ୍ଟାଡ଼ିୟମରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଥର ଲାଗି ଭାରତ ବିପକ୍ଷରେ ଟି-୨୦ ମ୍ୟାଚ୍ ଖେଳି ଅପରାଜେୟ ରହିଛି । ହେନ୍ରିଚ୍ କ୍ଲାସେନ୍‌ଙ୍କ ବିସ୍ଫୋରକ ୮୧ ରନ୍ର ଇନିଂସ ବଳରେ ଦକ୍ଷିଣ ଆଫ୍ରିକା ଭାରତକୁ ପରାସ୍ତ କରିଛି । ଏହି ଧିମା ପିଚେରେ ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା । ତେବେ ପ୍ରଥମ ଓଭରରେ ହିଁ ଭାରତକୁ ଝଟକା ଲାଗିଥିଲା । ଈଶାନ୍ କିଷନ୍, ଶ୍ରେୟାସ ଆୟର ଓ ଦିନେଶ କାର୍ତ୍ତିକଙ୍କ ଲଢୁଆ ଇନିଂସ ଯୋଗୁଁ ଭାରତର ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ୍ ହରାଇ ୧୪ମାତ୍ର ୧୪୮ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା । ତେବେ କ୍ଲାସେନ୍‌ଙ୍କ ବିସ୍ଫୋରକ ଇନିଂସ ଯୋଗୁଁ ୧୦ଟି ବଲ୍ ବାକିଥାଇ ଦକ୍ଷିଣ ଆଫ୍ରିକା ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା । ଏହି ବିଜୟ ଫଳରେ ଶୃଙ୍ଖଳାରେ ଦକ୍ଷିଣ ଆଫ୍ରିକା ୨-୦ରେ ଆଗୁଆ ହୋଇଛି । ଦକ୍ଷିଣ ଆଫ୍ରିକା ବିପର୍ଯ୍ୟୟ ସହ ଇନିଂସ ଆରମ୍ଭ କରିଥିଲା । ଏହା ଆରମ୍ଭରୁ ଗୋଟିଏ ପରେ ଗୋଟିଏ ଓ୍ୱିକେଟ ହରାଇବା ଷ୍ଟାଡିୟମେରେ ସମବେତ ୪୫ ହଜାର ଦର୍ଶକ ମନରେ ଭାରତ ବିଜୟ ଆଶା ସଂଚାରିତ ହୋଇଥିଲା । ଭୁବନେଶ୍ୱର କୁମାରଙ୍କୁ ଏହି ପିଚ୍ ବେଶ୍ ସୁନ୍ଦର ବୋଲିଂ ପ୍ରଦର୍ଶନ କରିବାରେ ସଫଳ ହୋଇଥିଲା । ସେ ଦକ୍ଷିଣ ଆଫ୍ରିକାର ପ୍ରଥମ ୩ଟିଯାକ ଓ୍ୱିକେଟ ହାତେଇ ନେଇଥିଲେ । ଉଭୟ ରିଜା ହେଣ୍ଡ୍ରିକ୍ସ ଓ ଡ୍ୱେନ୍ ପ୍ରିଟୋରିୟସ୍ ଗୋଟିଏ ଲେଖାଏଁ ଦର୍ଶନୀୟ ଚୌକାମାରିବା ପରେ ଆଉଟ୍ ହୋଇଥିଲେ । ଭୁବନେଶ୍ୱରଙ୍କ ସ୍ୱିଙ୍ଗରେ ପରାସ୍ତ ହୋଇ ହେଣ୍ଡ୍ରିକ୍ସ ବୋଲ୍ଡ ହୋଇଥିବା ବେଳେ ପ୍ରିଟୋରିୟସ୍ ଛକା ମାରିବା ପ୍ରୟାସରେ କ୍ୟାଚ ଆଉଟ୍ ହୋଇଥିଲେ । ପ୍ରଥମ ଟି-୨୦ର ହିରୋ ରାସି ଭାନ୍ ଡର୍ ଡ୍ୟୁସେନ୍ ମାତ୍ର ୧ରନ କରି ଭୁବନେଶ୍ୱରଙ୍କ ବଲେରେ ବୋଲ୍ଡ ହୋଇଥିଲେ । ପରେ ଅଧିନାୟକ ତେମ୍ବା ବାଭୁମା ଓ ହେନ୍ରିଚ୍ କ୍ଲାସେନ୍ ସ୍କୋରକୁ ଆଗେଇ ନେଇଥିଲେ । ବାଭୁମା ଗୋଟିଏ ପଟେ ଜଗି ରହିଥିବା ବେଳେ କ୍ଲାସେନ୍ ବାଉଣ୍ଡରୀ ପରେ ବାଉଣ୍ଡରୀ ମାରି ସ୍ଥାନୀୟ ଦର୍ଶକଙ୍କୁ ସ୍ତବ୍ଧ କରି ଦେଇଥିଲେ । ଦୁହେଁ ୪ର୍ଥ ଓ୍ୱିକେଟ ପାଇଁ ୪୧ ବଲରୁ ୬୪ ରନ୍ ଯୋଡ଼ିଥିଲେ । ବାଭୁମା ୩୦ ବଲରୁ ଗୋଟିଏ ଛକା ଓ ୪ଟି ଚୌକା ସହ ୩୫ ରନ୍ କରିଥିଲେ । ଅନ୍ୟପଟେ କ୍ଲାସେନ୍ ମାତ୍ର ୩୨ ବଲରୁ ନିଜର ୪ର୍ଥ ଏବଂ ଭାରତ ବିପକ୍ଷରେ ୨ୟ ଅର୍ଦ୍ଧଶତକ ପୂରଣ କରିଥିଲେ । ଏକଦା ୮ ଓଭରରେ ୩ ଓ୍ୱିକେଟରେ ୩୨ ରନ୍ କରିଥିବା ଦକ୍ଷିଣ ଆଫ୍ରିକା କ୍ଲାସେନ୍‌ଙ୍କ ଇନିଂସ ବଳରେ ପରବର୍ତ୍ତୀ ୮ ଓଭରରୁ ୧୦୬ ରନ୍ କରି ପାରିଥିଲା । ଏହା ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲା । କ୍ଲାସେନ୍ ୪୬ ବଲରୁ ୫ଟି ଛକା ଓ ୭ଟି ଚୌକା ସହ ୮୧ ରନ୍ କରିଥିଲେ । ଡେଭିଡ୍ ମିଲର ୧୫ ବଲରୁ ଗୋଟିଏ ଲେଖାଏଁ ଛକା ଓ ଚୌକା ସହ ୨୦ ରନକରି ଅପରାଜିତ ରହିଥିଲେ । ଭାରତ ପକ୍ଷରୁ ଭୁବନେଶ୍ୱର କୁମାର ୧୩ ରନ ଦେଇ ୪ଟି ଓ୍ୱିକେଟ ନେଇଥିଲେ । କ୍ଲାସେନ୍ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ । କ୍ରମାଗତ ଦ୍ୱିତୀୟ ଥର ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟକ ବାଭୁମା ଭାରତକୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲେ । ଭାରତ ପ୍ରଥମ ଓଭରରେ ଋତୁରାଜ ଗାଏକ୍ୱାଡ୍ (୧)ଙ୍କ ଓ୍ୱିକେଟ ହରାଇଥିଲା । ୨ୟ ଓ୍ୱିକେଟ ପାଇଁ ଓପନର ଈଶାନ୍ କିଷନ୍ ଓ ଶ୍ରେୟାସ ଆୟର ଚମତ୍କାର ବ୍ୟାଟିଂ କରିଥିଲେ । ଦୁହେଁ ଆକ୍ରମଣ କରି ୨୯ ବଲରୁ ୪୫ ରନ୍ ସଂଗ୍ରହ କରିଥିଲେ । କିଷନ୍ ଆଉଟ୍ ହୋଇଯିବା ବାରବାଟୀକୁ କିଛି ସେକେଣ୍ଡ ପାଇଁ ନିଶବ୍ଦ କରି ଦେଇଥିଲା । ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିବା କିଷନ୍ ୨୧ ବଲରୁ ୩ଟି ଛକା ଓ ୨ଟି ଚୌକା ସହ ୩୪ ରନ୍ କରିଥିଲେ । ଅଧିନାୟକ ଋଷଭ ପନ୍ତ୍ ପୁଣି ଏକ ବେପରୁଆ ସଟ୍ ଖେଳି ମାତ୍ର ୫ ରନକରି ଆଉଟ୍ ହୋଇଥିଲେ । ଉପଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଜୀବନଦାନ ପାଇଥିଲେ ମଧ୍ୟ ପୁଣି ଭୁଲ୍ ସଟ୍ ଖେଳି ମାତ୍ର ୯ ରନକରି ଆଉଟ୍ ହୋଇଥିଲେ । ଅକ୍ଷର ପଟେଲ ୧୦ ରନ୍ କରିଥିଲେ । ଦଳକୁ ଫେରିଥିବା ଦିନେଶ କାର୍ତ୍ତିକ ପ୍ରାରମ୍ଭରେ ରକ୍ଷଣାତ୍ମକ ଖେଳ ଖେଳିଥିଲେ ମଧ୍ୟ ଫିନିସର ଭୂମିକା ନିର୍ବାହ କରି ପାରିଥିଲେ । କାର୍ତ୍ତିକଙ୍କ ପ୍ରୟାସ ଯୋଗୁଁ ଶେଷ ୨ ଓଭରରୁ ୩୦ ରନ୍ ହୋଇଥିଲା । କାର୍ତ୍ତିକ ୨୧ ବଲରୁ ୨ଟି ଲେଖାଏଁ ଛକା ଓ ଚୌକା ସହ ୩୦ ଏବଂ ହର୍ଷଲ ପଟେଲ ୯ ବଲରୁ ୨ଟି ଚୌକା ସହ ୧୨ ରନକରି ଅପରାଜିତ ଥିଲେ । କାଗିସୋ ରାବାଡା ଓ ୱେନ୍ ପାର୍ନେଲ କମ୍ ରନ୍ ଦେଇଥିବା ବେଳେ ଆନ୍ରିଚ୍ ନୋର୍ଖିଆ ୨ଟି ଓ୍ୱିକେଟ ନେଇଥିଲେ ।

## ଦର୍ଶକପ୍ରେମୀ ନବୀନ

ମ୍ୟାଚ ଉଦଘାଟନ କରିବା ଲାଗି ଉଦ୍ଦିଷ୍ଟ ମଞ୍ଚ ନିକଟକୁ ସୁରକ୍ଷାକର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଞ୍ଚକୁ ପାଛୋଟି ନେଉଥିଲେ । ହେଲେ ମଞ୍ଚ ଉପରକୁ ଚଢିଲେ ନାହିଁ ନବୀନ । ତାଙ୍କୁ ପାଛୋଟି ନେଉଥିବା ଅଧିକାରୀମାନେ ହଡ଼ବଡେଇଗଲେ । ସାର..ସାର୍...ଦିସ୍ ସାଇଡ୍ ବୋଲି କହୁଥିଲେ । ମାତ୍ର ନବୀନ କିଛି ଶୁଣିଲେନି କିଛିବାଟ ଚାଲିକି ଯାଇ ଦର୍ଶକମାନଙ୍କୁ ତାଙ୍କ ଚିରାଚରିତ ଢଙ୍ଗରେ ଅଭିନନ୍ଦନ ଜଣାଇବା ଠାଣିରେ ବାମ ହାତ ହଲାଇଲେ । ଆଉ ତାପରେ ଦେଖିବ ଦର୍ଶକ ଖୁସି କହିଲେ ନସରେ... । ନବୀନ ... ନବୀନ ବୋଲି କହି ଗ୍ୟାଲେରୀ କମ୍ପାଇ ଦେଇଥିଲେ ।



## ଉତ୍ସାହିତ କ୍ରିକେଟ ପ୍ରେମୀ

ପୂର୍ବମ୍ୟାଚରେ ଭାରତୀୟ ଦଳ ପରାସ୍ତ ହୋଇଥିଲା । ବାରବାଟୀରେ ପୁଣି ପ୍ରତ୍ୟାବର୍ତ୍ତନ କରିବ ବୋଲି ଦର୍ଶକ ଆଶା ରଖିଥିଲେ । ଗେଟରେ ପ୍ରବେଶ କରିବା ଲାଗି ଅପରାହ୍ଣରୁ ୧୨ଟାରୁ ଗେଟରେ ପାଇବା ଲାଗି ଲମ୍ବା ଲାଇନ ଲଗାଇ ଥିଲେ । ଅଧିକାଂଶ ଦର୍ଶକ ନିଜ ନିଜ ପସନ୍ଦର ଖେଳାଳୀଙ୍କ ଜର୍ସି ପିନ୍ଧିବା ସହ ତ୍ରିରଙ୍ଗାଧରି ଷ୍ଟାଡିୟମକୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଥିଲା ।




## ବାରବାଟୀରେ ରଙ୍ଗୀନ ଚୁଟି ଧାରୀ ବ୍ୟକ୍ତି

ରବିବାର ମ୍ୟାଚରେ ଅନେକ କ୍ରିକେଟ ପ୍ରେମୀଙ୍କ ସମାଗମ ହୋଇଥିଲା । ସାଥି ମଧ୍ୟରୁ ଜଣେ ହେଉଛନ୍ତି ଗୋବିନ୍ଦ କୁମାର ସାହା । ଯାହାଙ୍କ ମୁଣ୍ଡରେ ରଙ୍ଗୀନ ଚୁଟି ଆଉ ନିଜକୁ ତ୍ରିରଙ୍ଗାରେ ରଙ୍ଗି ଷ୍ଟାଡିୟମ ରେ ଭାରତୀୟ ଦଳ ଲାଗି ଦର୍ଶକଙ୍କୁ ଉତ୍ସାହିତ କରିଥିଲେ । ସେ କହିଛନ୍ତି ବାରବାଟୀରେ ଅନୁଷ୍ଠିତ ହୋଇଥିବା ପ୍ରେତେକଟି ଖେଳ ଦେଖିବାକୁ ଆସିଥାଏ । ଚଳିତ ଥର ମଧ ବହୁ କଷ୍ଟରେ ଗୋଟେ ଟିକେଟ ଯୋଗାଡ କରି ଖେଳ ଦେଖିବାକୁ ଆସିଛି ।



## ପାଣି ଲାଗି ନୟାନ୍ତ ହେଲେ ଦର୍ଶକ

ମ୍ୟାଚ ପୂର୍ବରୁ ସମସ୍ତ ବ୍ୟବସ୍ଥା କରିବାକୁ ପ୍ରଶାସନ ଓ ଓସିଏ ପକ୍ଷରୁ ପ୍ରସ୍ତୁତି କରିବାକୁ କୁହାଯାଇଥିଲା । ହେଲେ ସମସ୍ତ ଦର୍ଶକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା । ବିଶେଷ କରି ପିଇବା ପାଣି ଲାଗି ଦର୍ଶକମାନଙ୍କୁ ହନ୍ତସନ୍ତ ହେବାକୁ ପଡିଛି । କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଦର୍ଶକଙ୍କ ନିମନ୍ତେ ପାଣି ଟାଙ୍କିର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଖରା ଯୋଗୁଁ ପାଣି ଗରମ ହୋଇଥିବାରୁ ଏହାକୁ ଦର୍ଶକମାନେ ପିଇପାରିନଥିଲେ । ସେହିଭଳି ଯେଉଁ ଗେଟ ନିକଟରେ ଲମ୍ବା ଧାଡି ଲାଗିରହିଥିଲା, ସେହି ସ୍ଥାନରେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରାଯାଇ ବହୁ ଦୂରରେ ଟ୍ୟାଙ୍କରକୁ ରଖାଯାଇଥିଲା । ଯାହାକୁ ନେଇ ଦର୍ଶକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏପରିକି ଷ୍ଟାଡିୟମ ପରିସରରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା । ପ୍ରତି ଗ୍ୟାଲେରୀରେ ପାନୀୟ ଜଳ ଯୋଗଣ ଲାଗି ବ୍ୟବସ୍ଥା କରିବାକୁ କୁହାଯାଇଥିଲେ ମଧ ତାହା କରାଯାଇନଥିଲା ।



## ଖେଳ ନସରୁଣୁ ଉଠିଗଲେ ଦର୍ଶକ

ଭାରତ ପରାଜୟ ଆଡକୁ ଗତି କରୁଥାଏ । ଦକ୍ଷିଣଆଫ୍ରିକା ଖେଳାଳିଙ୍କ ଦମଦାର ବ୍ୟାଟିଂ ଭାରତ ହାତରୁ ମ୍ୟାଚ ଛଡ଼ାଇ ନେବ ବୋଲି ସ୍ପଷ୍ଟ ଭାବେ ଜଣା ପଡୁଥାଏ । ଏପରି ସ୍ଥିତିରେ ଦର୍ଶକମାନେ ଧିରେଧିରେ ଗ୍ୟାଲେରୀ ଛାଡ଼ି ଚାଲିଯାଉଥିବା ଦେଖିବାକୁ ମିଳିଥିଲା । ଖେଳ ନସୁରୁଣୁ ଗ୍ୟାଲେରୀ ଫାଙ୍କା ହେବାକୁ ଲାଗିଥିଲା ।



### ବାଲିଯାତ୍ରା ପଡିଆରେ ଫ୍ୟାନ କ୍ଲବର ମଜା

ବାଲିଯାତ୍ରା ଉପର ପଡିଆ ତଥା କିଲା ପଡିଆରେ ଦଶର୍କଙ୍କ ଲାଗି ଫାନ୍ କ୍ଲବ୍ ଖୋଲାଯାଇଥିଲା । ଷ୍ଟାଡିୟମ ବାହାରେ ଥିବା ଦଶର୍କମାନେ ସେଠାରେ ବଡ ସ୍କ୍ରିନେର ଖେଳର ମଜା ଉଠାଇଥିଲେ । ପ୍ରାୟ ୫ହଜାରରୁ ଅଧିକ ଦଶର୍କ ଫାନ୍ କ୍ଲବ୍‌ରେ ଖେଳ ଦେଖିବା ସହ ପଡିଆ ବାହାରେ ରହି ଭାରତୀୟ ଦଳକୁ ଉତ୍ସାହିତ କରୁଥିବା ଦେଖିବାକୁ ମିଳିଥିଲା ।

## ଶୌଚାଳୟରେ ଲୁଚିଲା ଲୁଟେରା

ପ୍ରବଳ ଜନଗହଳିର ସୁଯୋଗ ନେଇ କିଛି ପାଇଯିବା ଆଶାରେ ଲୁଟେରାମାନଙ୍କ କାର୍ଯ୍ୟ ମଧ ବଢ଼ିଯାଇଥିଲା । ବାରବାଟୀରେ ମ୍ୟାଚ ଦେଖିବା ଲାଗି ଦର୍ଶକ ମାନେ ବ୍ୟାକୁଳ ହେଉଥିବାବେଳେ ଗହଳିରେ ଲୁଟିଆ ମାନେ ମୋବାଇଲ, ଟଙ୍କା ଆଦି ଲୁଟିବା ପାଇଁ ସକ୍ରିୟ ହୋଇପଡିଥିଲେ । ତେବେ ଗ୍ୟାଲେରୀ-୨ ନମ୍ବରରେ ଏକ ଅଭାବନୀୟ ଘଟଣା ଘଟିଥିଲା । ଜଣେ ଲୁଟେରା ମୋବାଇଲ ଚୋରି କରି ଦର୍ଶକଙ୍କ ମାଡ ଡରରେ ଶୌଚାଳୟରେ ଲୁଚି ରହିଥିଲା । ଦୀର୍ଘ ଘଣ୍ଟା ଧରି ଲୁଚି ରହିବା ଫଳରେ ଦର୍ଶକ ମାନେ ତାକୁ କାବୁ କରିନେଇଥିଲେ । ଖୁବ ଉତ୍ତମ ମଧ୍ୟମ ଦେବା ସହ ପୋଲିସର ଜିମା ଦେଇଥିଲେ । ଚୋରି ହୋଇଥିବା ମୋବାଇଲକୁ ପାଇଥିଲେ ।



ପାନ, ଗୁଟଖା, ଖଇନି ପକେଟରେ ଅଛି କି ?

**ପ୍ରସ୍ତୁତି : ଆହ୍ଲାଦ କୁମାର ମହାନ୍ତିଙ୍କ ସହ ସ୍ମୃତିରଞ୍ଜନ ତ୍ରିପାଠୀ**

**ନିୟମିତ ନିଷ୍କର୍ଷ ମିଡିଆର ୟୁଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ**




ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ

**Nishkarsha Media**

ଲାଇକ୍, କମେଣ୍ଟ୍ ଓ ସେୟାର କରନ୍ତୁ

ପ୍ରତିଦିନ ସର୍ଚ୍ଚ କରନ୍ତୁ ଆଉ ତୁରନ୍ତ ଅପଡେଟ ଖବର ପାଆନ୍ତୁ ...

ନିଜ ମୋବାଇଲ, ଟାବଲେଟ୍, ଲାପଟପ କିମ୍ବା ଡେସ୍କଟପରେ ଘରେ ବସି ଜାଣନ୍ତୁ ଦେଶ ବିଦେଶର ଖବର...

**nishkarsha.com**

## ଅନ୍ତର୍ଜାତୀୟ କ୍ରିକେଟର ସବୁ ଫର୍ମାଟରୁ ଅବସର ନେଲେ ମିତାଲି ରାଜ




**ନୂଆଦିଲ୍ଲୀ(ଏଜେନ୍ସି) :** ଭାରତୀୟ ମହିଳା କ୍ରିକେଟ ଟିମର ଅଧିନାୟିକା ମିତାଲି ରାଜ ଏବେ ଆନ୍ତର୍ଜାତୀୟ କ୍ରିକେଟର ସବୁ ଫର୍ମାଟରୁ ଅବସର ନେଇଛନ୍ତି । ଏ ନେଇ ସେ ନିଜେ ଟ୍ୱିଟ କରି ସୂଚନା ଦେଇଛନ୍ତି । ଏଥିସହ ମହିଳା କ୍ରିକେଟର ଗୋଟିଏ ଯୁଗର ଅନ୍ତ ଘଟିଛି । ମହିଳା ଦିନିକିଆରେ ସର୍ବାଧିକ ରନ ହାସଲ କରିବାର ରେକର୍ଡ ମିତାଲିଙ୍କ ନାଁରେ ରହିଛି । ସେ ଭାରତ ପାଇଁ ୨୩୨ଟି ମ୍ୟାଚ୍ ଖେଳି ୭୮୦୫ ରନ୍ କରିଛନ୍ତି । ସେ ଟ୍ୱିଟରେ ଲେଖିଛନ୍ତି ଯେ, ମୁଁ ଯେତେବେଳେ ନୀଳ ଜର୍ସି ପିନ୍ଧି ମୋ ଦେଶକୁ ପ୍ରତିନିଧିତ୍ୱ କରୁଥିଲି ସେତେବେଳେ ମୋର ବୟସ କମ ଥିଲା । ଏହି ଯାତ୍ରା ବହୁତ ଲମ୍ବା ଥିଲା ଯେଉଁଥିରେ ଆମେ ସମସ୍ତ ପ୍ରକାରର ମୁହୂର୍ତ୍ତ ଦେଖିବାକୁ ପାଇଥିଲୁ । ଗତ ୨୩ବର୍ଷ ମୋ ଜୀବନର ସର୍ବୋତ୍ତମ ମୁହୂର୍ତ୍ତ ମଧ୍ୟରୁ ଗୋଟିଏ । ଜୀବନର ଅନ୍ୟ ଯାତ୍ରା ପରି, ଏହି ଯାତ୍ରା ସମାପ୍ତ ହେବାକୁ ଯାଉଛି ଏବଂ ଆଜି ମୁଁ ସମସ୍ତ ପ୍ରକାର ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରୁଛି । ଦୀର୍ଘ ବର୍ଷ ହେଲା ଆପଣମାନଙ୍କ ସହଯୋଗ ଓ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଆପଣମାନଙ୍କ ସମର୍ଥନ ଓ ଆର୍ଶୀବାଦ ସହ ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଯାଉଛି ମିତାଲି ଟ୍ୱିଟ କରି କହିଛନ୍ତି । ସୂଚନା ଅନୁଯାୟୀ, ଜୁନ୍ ୨୬, ୧୯୯୯ରେ ଆନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିବା ମିତାଲି । ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ କ୍ରିକେଟରେ ଅଂଶଗ୍ରହଣ କରିଥିଲେ । ଏହି ସମୟରେ ସେ ୧୨ ଟି ଟେଷ୍ଟ, ୨୩୨ ଦିନିକିଆ ମ୍ୟାଚ୍ ଏବଂ ୮୯ ଟି ଟି-୨୦ ଇଣ୍ଟରନ୍ୟାସନାଲ ମ୍ୟାଚ୍ ଖେଳିଥିଲେ । ୧୨ଟି ଟେଷ୍ଟ ମ୍ୟାଚରେ ସେ ଗୋଟିଏ ଶତକ କରିବା ଓ ୪ଟି ଅର୍ଦ୍ଧଶତକ ସହିତ ୬୯୯ ରନ୍ କରିବାରେ ସଫଳ ହୋଇଥିଲେ । ଏହା ସହ ଦିନିକିଆ ମ୍ୟାଚରେ ସେ ୭ ଶତକ ଏବଂ ୬୪ ଅର୍ଦ୍ଧଶତକ ସହ ୭୮୦୫ ରନ୍ କରିଥିଲେ । ଏଥି ସହିତ, ସେ ୧୭ ଟି ଅର୍ଦ୍ଧଶତକ ସହ ଟି -୨୦ କ୍ରିକେଟରେ ୨୩୬୪ ରନ୍ ସଂଗ୍ରହ କରିଥିଲେ ।

## ଗ୍ରୀଷ୍ମ କାଳୀନ ବଲ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର



**କଟକ (ଏନ୍.ଏମ୍.) :** କଟକ ଜିଲ୍ଲା ବଲ ବ୍ୟାଡମିଣ୍ଟନ ସଙ୍ଘ ଆନୁକୂଲ୍ୟରେ ଭକ୍ତମଧୁ ଖେଳପଡିଆ ଏବଂ ବିଡାନାସୀ ଖେଳପଡିଆରେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରୀଷ୍ମ କାଳୀନ ବଲ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ କଟକ ସହରର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଭାଗ ନେଇ ଥିବା ଜିଲ୍ଲା ସମ୍ପାଦକ ଅଜୟ କୁମାର ସାହୁ ପ୍ରକାଶ କରିବା ସହିତ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ୬ରୁ ୮ଟା ଓ ସଂଧ୍ୟା ୪ରୁ ୬ଟା ପର୍ଯ୍ୟନ୍ତ ବରିଷ୍ଠ ଖେଳାଳୀ ଏବଂ କୋଚଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି । ଉଦ୍ଘାଟନୀ ଉତ୍ସବରେ ଅତିଥି ଭାବରେ ଓଡ଼ିଶା ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ବିରେନ ବେହେରା, ଜିଲ୍ଲା ସମ୍ପାଦକ ଅଜୟ କୁମାର ସାହୁ, ମୋଜେସ ବେହେରା, ଶେଖର ଚନ୍ଦ୍ର ଦାସ, ଚିତ୍ତ ରଞ୍ଜନ ପାଇକ, ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଅଞ୍ଜଳି ଦାସ, ମଞ୍ଜୁସ୍ମିତା ବିଶ୍ୱାଳ, ଶାରୀରିକ ଶିକ୍ଷା ଶିକ୍ଷକ ଚନ୍ଦ୍ରଭାନୁ ନାୟକ, ଲିଙ୍ଗରାଜ ପୃଷ୍ଟି, ଅର୍ଜିତ ପରିଡା ପ୍ରମୁଖ ଯୋଗ ଦେଇଥିଲେ ।

Printed, Published and owned by Sri Tapan Kumar Sahoo At-Badachanachoo, Po-Nakhara, Via-Choudwar, Dist-Cuttack-754025 (Odisha),
Printed at Sakuntala Printers, Bidanasi, Cuttack-753014 (Odisha) and Published at At - Badachanachoo, Po- Nakhara, Via-Choudwar, Dist-Cuttack- 754025 (Odisha)

Editor : SRI TAPAN KUMAR SAHOO Mob- 8895134289, 9938725879. Email : nishkarsha.media@gmail.com ସମ୍ପାଦକ: ତପନ କୁମାର ସାହୁ